# ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

## (ଦ୍ୱିତୀୟ ଭାଗ)

# (୧)

# ଅଯୋଧ୍ୟା ଯାତ୍ରା

## ସୂଚନା

କୌଣସି ଅଦୃଶ୍ୟ ପ୍ରେରଣାରେ ଦିନେ ହଠାତ୍ ମନରେ ଗୋଟିଏ ବିଚାରର ଉତ୍‌ଥାନ ହେଲା,– ''ଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟ ସ୍ଥାପିତ ହେଲେ ଭଲ ହୁଅନ୍ତା ।'' ବିଚାରହିଁ ସାଧନାରେ ଅନ୍ତରାୟ ଜାଣି ତାହା ବର୍ଜନ କରିବାକୁ ହେଲା । କିନ୍ତୁ ଏହି ବିଚାର ଏତିକିରେ ସମାପ୍ତ ହେଲା ନାହିଁ ବରଂ ବାରଂବାର ଆସିବାକୁ ଲାଗିଲା । ତେବେ ସତର୍କତାରେ ତାହା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଲା, ଏହା ଆସୁଛି କେଉଁଠୁ ? ପ୍ରାଣରୁ ଅଥବା ଭଗବାନଙ୍କଠାରୁ ? ପ୍ରାଣର କାମନା, ବାସନା ସାଧନାର ଅନ୍ତରାୟ ଏବଂ ଅବଶ୍ୟ ବର୍ଜନୀୟ । ସନ୍ଦେହ ହେଲେ ତାହାର ସମାଧାନ ହୁଏ । ପରିଶେଷରେ ମନେ ପଡ଼ିଲା ପ୍ରାୟ ୨୦ ବର୍ଷ ପୂର୍ବର କଥା ଅଯୋଧ୍ୟାରେ ଥିବା ସମୟରେ ଅମାମା ଟେକାରୀର ରାଣୀ ସାହେବା ଚାହିଁଥିଲେ ଅଯୋଧ୍ୟାରେ କିଛି ଜମିରେ ମିନ୍ଦିର ତିଆରି କରିଦେବାକୁ । ସେତେବେଳେ ତାହା ଆବଶ୍ୟକ ନ ଥିଲା । ତାଙ୍କୁ ଗୋଟିଏ ପତ୍ର ପଠାଇଲି । ପତ୍ର ଅନୁସାରେ ଅଯୋଧ୍ୟାରେ ମା'ଙ୍କ ନାମରେ ପ୍ରାୟ ଦୁଇ ଏକର ଜମି ପ୍ରଦାନ କରିବାକୁ ପ୍ରତିଶ୍ରୁତି ସହ ସେ ଉତ୍ତର ଦେଲେ । ଦୀର୍ଘ ୧୫ ବର୍ଷ କାଳରୁ ଶ୍ରୀଅଯୋଧ୍ୟାରୁ ଆସି ଏହା ମଧ୍ୟରେ ଥରେ ହେଲେ ସେଠାକୁ ଯାଇ ନାହିଁ । ସେନେଇ ସେଠିକାର ବର୍ତ୍ତମାନ ପରିସ୍ଥିତି ସମ୍ବନ୍ଧେ ଏକେବାରେ ଅନଭିଜ୍ଞ । ସେଠାରେ ଶ୍ରୀଅରବିନ୍ଦଙ୍କ ସାଧନାଳୟ ଆରମ୍ଭ କରିବାକୁ ହେଲେ ଘର ତିଆରି କରିବା ନିତାନ୍ତ ଦରକାର । ଏହିସବୁ କାରଣରୁ ସେଠାକୁ ଯିବା ପ୍ରୟୋଜନ ମନେ କରି ମା'ଙ୍କ ପାଖରେ ସମସ୍ତ ପରିସ୍ଥିତି ନିବେଦନ କଲି । ମା'ଙ୍କର ଆଜ୍ଞାରେ ୧୯୫୯ ସାଲ ଅଗଷ୍ଟ ପନ୍ଦର ଦର୍ଶନ ପରେ ତା ୧୭ରିଖ ଦିନ ପଣ୍ଡିଚେରୀରୁ ଅଯୋଧ୍ୟାକୁ ଯାତ୍ରା କଲି ।

ଓଡ଼ିଶା ମଧ୍ୟଦେଇ ଶ୍ରୀଅଯୋଧ୍ୟାକୁ ଯିବାକୁ ହୁଏ । ତୀର୍ଥରୂପା ମାତୃଭୂମି ଓଡ଼ିଶାକୁ ଦର୍ଶନ ନ କରି ଯିବା ଉଚିତ ନୁହେଁ । ଫେରେ ଓଡ଼ିଶାର ଗୌରବ ଓ ଆଧ୍ୟାତ୍ମିକତାର ପ୍ରେରକ ଇଷ୍ଟଦେବ ଭୁବନେଶ୍ୱର, ପୁରୀର ଶ୍ରୀଜଗନ୍ନାଥଙ୍କ ଦର୍ଶନ କିପରି ବା ବାଦ୍ ଦେବାକୁ ହେବ ? ତା'ଛଡ଼ା କଟକ ଓ ଭୁବନେଶ୍ୱରର ପରିଚିତ ବନ୍ଧୁମାନଙ୍କୁ ଦେଖା ନ କରି ଯାଇ ହେବ ନାହିଁ । ଏହିସବୁ କାରଣରୁ ଓଡ଼ିଶାରେ ଦୁଇତିନି ଦିନ ବିଶ୍ରାମ କରି ଯିବା ନିଶ୍ଚିତ ହେଲା ।

ମାଡ୍ରାସରୁ ଗାଡ଼ି ଯାତ୍ରା କରିବା ସଙ୍ଗେ ପୂର୍ବେ ଗାଡ଼ିରେ ପଣ୍ଡିଚେରୀ ଆସିବା ସ୍ମୃତି ମାନସ-ପଟରେ ଗୋଟିକ ପରେ ଗୋଟିଏ ଆସିବାକୁ ଲାଗିଲା । ଏହିପରି କେତେକ ଘଣ୍ଟା ବ୍ୟତୀତ ହେବା ପରେ ଗାଡ଼ି ଓଡ଼ିଶାରେ ପ୍ରବେଶ କଲା । ଓଡ଼ିଶାଭୂମି ସ୍ପର୍ଶ କଲା ମାତ୍ରେ ହୃଦୟରେ ଏକ ଆନନ୍ଦସ୍ରୋତ ପ୍ରବାହିତ ହେଲା । ଶୀଘ୍ର ପହଞ୍ଚିବା ସକାଶେ ସମୟ ଭାର ରୂପ ହୋଇପଡ଼ିଲା । କେତେକ ସମୟ ପରେ ଧବଳ ଆକାଶଚୁମ୍ବୀ ଭୁବନେଶ୍ୱର ମନ୍ଦିର ଚୂଡ଼ାକୁ ଦର୍ଶନ କରି ହୃଦୟ ଆନନ୍ଦରେ ନାଚି ଉଠିଲା । ଷ୍ଟେସନରେ ଗାଡ଼ିରୁ ଓହ୍ଲାଇବା ପରେ ଷ୍ଟେସନକୁ ଆସି ଥିବା ବନ୍ଧୁମାନଙ୍କୁ ଦେଖି ହୃଦୟ ଆନନ୍ଦରେ ଉଚ୍ଛୁଳି ପଡ଼ିଲା ।

ବନ୍ଧୁମାନଙ୍କ ସଙ୍ଗେ ଭୁବନେଶ୍ୱରରୁ କଟକ ଷ୍ଟେସନକୁ ଗଲି । ସେଠାରୁ କଟକର ବନ୍ଧୁମାନଙ୍କ ସଙ୍ଗେ ଶ୍ରୀଅରବିନ୍ଦ ପାଠଚକ୍ରର ଅଧ୍ୟକ୍ଷ ଓ ପରିଚିତ ବନ୍ଧୁ ଶ୍ରୀ ଲଳିତ ବାବୁଙ୍କ ଘରକୁ ଗଲି । ଦୀର୍ଘ ବହୁ ବର୍ଷ ପୂର୍ବେ ବାଲ୍ୟାବସ୍ଥାରେ କଟକରେ ଚାଲିଥିବା ରାସ୍ତା ଏବଂ ରହିଥିବା ଓ କାର୍ଯ୍ୟ କରିଥିବା ଘରସବୁ ଦେଖି ଯେତେ ଆନନ୍ଦ ହେଲା ତାହା ବିସ୍ତୃତଭାବେ ଏଠାରେ ଲେଖିବାର ଅବକାଶ ନାହିଁ, କିନ୍ତୁ ମନେ ହେଉଥିଲା ଯେପରି ସେସବୁ ମୂର୍ତ୍ତିମନ୍ତ ପ୍ରିୟବନ୍ଧୁଙ୍କ ପରି ମୋତେ ଅଭ୍ୟର୍ଥନା କରୁଅଛନ୍ତି ।

ବନ୍ଧୁମାନଙ୍କ ସଙ୍ଗେ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରି ଓ ପୁରୀକୁ ଦର୍ଶନ କରିବା ସକାଶେ ଗଲୁ । ଖଣ୍ଡଗିରି ଓ ଉଦୟଗିରିର ପ୍ରାକୃତିକ ବନ-ଶୋଭା ବଳକ୍ରାରରେ ମନକୁ ଆକର୍ଷଣ କରି ନେଉଥିଲା । ସେଠାର ଗୁମ୍ଫାମାନଙ୍କରେ ପୂର୍ବେ କେବେ ମହାତ୍ମାମାନେ ତପସ୍ୟା କରିଥିଲେ ତାହା କିଏ ବା କହିବ ? କିନ୍ତୁ ଆଜି ପର୍ଯ୍ୟନ୍ତ ସେଠିକାର ବାତାବରଣ ଏତେ ଶୁଦ୍ଧ ଓ ପବିତ୍ର ରହିଛି ଯେ ସେଠାରେ ପହଞ୍ଚିବା ମାତ୍ରେ ମନ ଏକେବାରେ ଶାନ୍ତ ହୋଇ ଏକ ଅପାର୍ଥିବ ଆନନ୍ଦରେ ଡୁବିଯାଏ । ପ୍ରଖର ରୌଦ୍ର ଯୋଗୁଁ ପର୍ବତ ଆରୋହଣରେ ପ୍ରତ୍ୟେକ ବ୍ୟକ୍ତି କ୍ଳାନ୍ତ ହୋଇଥିଲେ ସୁଦ୍ଧା ମନ ପ୍ରଫୁଲ୍ଲ ଓ ଆନନ୍ଦିତ ଥାଏ । ସମସ୍ତେ ଚାହୁଁଥା'ନ୍ତି ସେ ପାହାଡ଼ରେ ବୁଲି ଆନନ୍ଦରେ ସମୟ ବ୍ୟତୀତ କରିବାକୁ । ସୁତରାଂ ସମୟ ବାରଂବାର ତାଗିଦା କରି ମନକୁ ବ୍ୟଥିତ କରୁଥାଏ ଫେରିବାକୁ । ଶେଷରେ ସମୟର ବିଜୟ ହେଲା । ଇଚ୍ଛା ନ ଥିବା ସତ୍ତ୍ୱେ ସମସ୍ତେ ବାଧହୋଇ ଭୁବନେଶ୍ୱର ଅଭିମୁଖେ ଫେରିଲୁ ।

ଭୁବନେଶ୍ୱରଙ୍କର ଏହି ଦର୍ଶନ ପ୍ରଥମ ନ ଥିଲା । ପୂର୍ବରୁ କେତେଥର ବା ସେଠାକୁ ଆସି ନ ଥିବି ! କିନ୍ତୁ ଏଥର ଦର୍ଶନ ଅନ୍ୟ ପ୍ରକାର ଥିଲା । ଆହା, ଓଡ଼ିଶାର କିପରି ଗୌରବ, କିପରି କୀର୍ତ୍ତି ! ପୁରୀ ଓ ଭୁବନେଶ୍ୱର ତୀର୍ଥ ଓଡ଼ିଶାର ହୃଦୟରେ ବିରାଜି ଆଜି ପୂର୍ବ ଗୌରବ ସ୍ମରଣ କରାଉଅଛି । ସେଠାରେ ମନ୍ଦିରର ସଂଖ୍ୟା ନାହିଁ । ଯେଉଁ ଦିଗେ ଦୃଷ୍ଟି ଯିବ ସେହି ଦିଗେ ମନ୍ଦିର । ପୁଣି ମନ୍ଦିର କ'ଣ ସାଧାରଣ ? ସେଥିରେ କାରୁକାର୍ଯ୍ୟ କି ଆଶ୍ଚର୍ଯ୍ୟଜନକ ! କି ହୃଦୟାକର୍ଷକ ! ତାହା କୌଣସି ସରସ ହୃଦୟ କଳାକାର ଛଡ଼ା ସାଧାରଣ ବ୍ୟକ୍ତିପକ୍ଷେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । କଳାର ପଶ୍ଚାତରେ ଯେଉଁ ସୌନ୍ଦର୍ଯ୍ୟ ରହିଛି, ସାଧାରଣ ବ୍ୟକ୍ତି ସେଥିରେ ପ୍ରବେଶ ନ କରି ମଧ୍ୟ ବାହ୍ୟରୂପରେ ଏତେ ମୁଗ୍ଧ ହୋଇଯାଏ ଯେ ତାହା ବର୍ଣ୍ଣନା କରିବାକୁ ଅସମର୍ଥ ହୁଏ । ଦର୍ଶନାର୍ଥୀ କରିବ କ'ଣ ? ତାହା ଦୃଷ୍ଟିରେ ପ୍ରତ୍ୟେକ କଳା ଆଶ୍ଚର୍ଯ୍ୟଜନକ, ଯାହାକୁ ଦେଖେ ତାହାକୁହିଁ ବରାବର ଦେଖିବାକୁ ଚାହେଁ; ଦେଖିବାରେ ସନ୍ତୁଷ୍ଟ ହୁଏ ନାହିଁ । ଗୃହର କାର୍ଯ୍ୟ ଜଞ୍ଜାଳ ଏହି ପିପାସା ସନ୍ତୋଷ ହେବାରେ ଅବକାଶ ବି ଦିଏ ନାହିଁ ।

ସମୟ କମ୍ । ଦିନ ଗୋଟିକରେ ଭୁବନେଶ୍ୱର ଓ ପୁରୀ ଦର୍ଶନ କରି ଫେରି ଆସିବାକୁ ହେବ । ତା' ମଧ୍ୟରେ ସ୍ନାନ, ଭୋଜନ ଓ ନିତ୍ୟ ନୈମିତ୍ତିକ କର୍ମ ମଧ୍ୟ ରହିଛି । ତା' ଛଡ଼ା ଯେ କେହି ଆସନ୍ତି ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ବି ହୁଏ । ଏହି କାରଣରୁ ପୁରୀ ଯାତ୍ରା କରିବାରେ ବିଳମ୍ବ ହୋଇଗଲା । ଅଳ୍ପ ସମୟରେ ଦେଉଳରେ ଦିଅଁଦର୍ଶନ କରି, ଅନ୍ୟ ସ୍ଥାନ ନ ଦେଖି ଫେରିଲୁ । ପୁରୀ ଯେପରି ମହତ୍ ତୀର୍ଥ ତାହା ସମ୍ବନ୍ଧେ କିଛି ନ କହିବାକୁହିଁ ତାହାର ଯଥାର୍ଥ ସମ୍ମାନ । କାରଣ ତା' ସମ୍ବନ୍ଧେ ଯେତେ ବେଶୀ କୁହାଯାଉ ନା କାହିଁକି, ତାହା ହେବ ସମୁଦ୍ରର ଗୋଟିଏ ଜଳକଣାର ସମାନ । ପୁରୀରୁ କିଛି ଦୂର ଆସିବା ପରେ ହେଲା ପ୍ରବଳ ବର୍ଷା । ଯେଉଁ ସମୟ ପ୍ରତିବାଦ କରି ଆମକୁ ପୁରୀରୁ ଫେରାଇ ଆଣିଲା, ସେ ପରାସ୍ତ ହେଲା ବର୍ଷା ପାଖରେ । ବର୍ଷା ଯୋଗୁଁ ରାସ୍ତା ଅନ୍ଧକାର, ଦୁର୍ଘଟନା ଘଟିବାର ଆଶଙ୍କାରେ ବାଧ ହୋଇ ଡ୍ରାଇଭର ବଜାରର ଗୋଟିଏ ଦୋକାନ ପାଖରେ ମୋଟର ଛିଡ଼ା କଲା । ବର୍ଷା କମିଯିବାରୁ କଟକ ଫେରିଲୁ । ସେ ତିନିଦିନ ମଧ୍ୟରେ ଓଡ଼ିଶାର ବହୁବ୍ୟକ୍ତିଙ୍କ ସଙ୍ଗେ ଭିନ୍ନ ଭିନ୍ନ ବିଷୟରେ କଥାବାର୍ତ୍ତା କରିବାକୁ ହେଲା । ଏତେ ଅଳ୍ପଦିନ ରହିବାରେ ଓଡ଼ିଶାର ବନ୍ଧୁମାନେ ସନ୍ତୁଷ୍ଟ ନ ଥିଲେ, ସେମାନେ ଆଗ୍ରହ କରୁଥିଲେ ଆଉ କିଛି ଦିନ ରହିବାକୁ । କିନ୍ତୁ ମୋର ବିବଶତା ଦେଖି ସେମାନଙ୍କର ଇଚ୍ଛା ନ ଥିବା ସତ୍ତ୍ୱେ କଟକ ଷ୍ଟେସନକୁ ଆସି ମୋତେ ବିଦାୟ ଦେଲେ ।

ଏହି ଯାତ୍ରାରେ କଟକ, କଲିକତା, ପାଟନା, ଜାହାନାବାଦ, ଧାନବାଦ, ବାଲିଆ, ଅଯୋଧ୍ୟା, କାନପୁର, ଦିଲ୍ଲୀ ଓ ଭିବାନୀ (ପଞ୍ଜାବ) ଆଦି ନାନା ସ୍ଥାନରେ ନାନା ପ୍ରକାର ବ୍ୟକ୍ତିଙ୍କ ସଙ୍ଗେ ଦେଖା କରିବାରେ ଯେଉଁ ଅଭିଜ୍ଞତା ହେଲା, ସେମାନଙ୍କ ସଙ୍ଗେ ଯେଉଁ ବିଷୟରେ କଥାବାର୍ତ୍ତା ହୋଇଥିଲା, ତାହା କ୍ରମଶଃ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଚେଷ୍ଟା କରିବି ।

## (୨)

## ଆଧ୍ୟାତ୍ମିକତାର ଉପଯୋଗିତା

ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଜୀବନ ଓ ପରିସ୍ଥିତିରେ ଅସନ୍ତୋଷ, ପୂର୍ବ ସାମାଜିକତା ଓ ନୈତିକତା ଉପରେ ଅବିଶ୍ୱାସ, ଅନ୍ୟର କର୍ତ୍ତବ୍ୟ ଓ ନିଜର କର୍ତ୍ତବ୍ୟ ଉପରେ ଘୃଣା, କର୍ତ୍ତବ୍ୟ ସଂଶୋଧନର ମାର୍ଗ ଅସ୍ପଷ୍ଟ ଓ ଅନ୍ଧକାର । ପୁରାତନ ସକଳ ରୀତିନୀତିର ମାର୍ଗ ବିଲୁପ୍ତ, ନୂତନ ସତ୍ୟର ମାର୍ଗ ଅନ୍ଧକାରାଚ୍ଛନ୍ନ । ବର୍ତ୍ତମାନ ସମାଜ ପୂର୍ବ ନୈତିକ ଅବଲମ୍ବନକୁ ହରାଇ, ଆଗାମୀ ସତ୍ୟକୁ ନ ପାଇ, ଅନ୍ଧକାରରେ କେବେ ଏପାଖ କେବେ ସେପାଖ ଅଣ୍ଡାଳି ହେଉଅଛି । ଅଣ୍ଡାଳିବା ଲୋକ ଯେପରି ଭୁଲ୍ ମାର୍ଗରେ ପଡ଼ି ଆଣ୍ଠୁଗଣ୍ଠି ଭାଙ୍ଗେ ଏବଂ ଯଥାର୍ଥ ମାର୍ଗରେ ସନ୍ଦେହ କରେ, ଠିକ୍ ସେହିପରି ବର୍ତ୍ତମାନ ସମାଜର ଅବସ୍ଥା । ଯଥାର୍ଥ ସତ୍ୟକୁ ବିଶ୍ୱାସ କରିବାରେ ସେ ଅକ୍ଷମ । ପ୍ରତ୍ୟେକ ଶ୍ରେଣୀ ଲୋକଙ୍କର ଏହି ଅବସ୍ଥା । ଯେଉଁମାନେ ସତ୍ୟ ମାର୍ଗରେ ଚାଲୁଛନ୍ତି ସେମାନଙ୍କର ବୁଦ୍ଧି ଏପରି ସଙ୍କୁଚିତ ଓ ସୀମିତ ଯେ ସେମାନଙ୍କ ଧାରଣା – ''ଆମ୍ଭ ମାର୍ଗ ଏକମାତ୍ର ସତ୍ୟ, ଅନ୍ୟମାନଙ୍କର ମାର୍ଗ ଭ୍ରମ ଅଥବା ଅର୍ଦ୍ଧ-ସତ୍ୟ ।''

ବିଭିନ୍ନ ସ୍ଥାନରେ କଲେଜ ବିଦ୍ୟାର୍ଥୀ, ଭୂଦାନ-କର୍ମୀ ଓ ନିଜକୁ ଦେଶ-ସେବକ ମନେ କରୁଥିବା ଲୋକମାନଙ୍କର ପ୍ରାୟ ଏହି ଏକହିଁ ପ୍ରକାର ପ୍ରଶ୍ନ ।

ପ୍ରଶ୍ନ : ଅଧ୍ୟାତ୍ମିକ ସାଧକମାନେ ସଂସାରର କୌଣସି କାର୍ଯ୍ୟ କରୁ ନାହାନ୍ତି । ଯଦି ସେମାନଙ୍କୁ ମୁକ୍ତି ବା ଆନନ୍ଦ ମିଳେ, ତାହା ସେମାନଙ୍କ ନିଜ ପାଇଁ । ନିଜ ତୃପ୍ତି ସକାଶେ ପ୍ରଯତ୍ନ କରିବା ବ୍ୟକ୍ତିପକ୍ଷେ ଅନ୍ୟର ଭାଗ ଆତ୍ମସାତ୍ ନ କରି ଅନ୍ତତଃ ନିଜ ଭୋଜନ ନିମିତ୍ତ ଉପାର୍ଜନ କରିନେବା ଉଚିତ । ନିଜ ଭୋଜନର ଭାର ଅନ୍ୟ ଉପରେ ଲଦନ୍ତୁ ନାହିଁ । ଏହିପରି ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେଲେ ସଂସାର ଦରିଦ୍ର ହୋଇଯିବ, ଆଉ ଯେଉଁମାନେ ପରିଶ୍ରମ କରୁଛନ୍ତି ସେମାନଙ୍କ ଭାଗ ଏମାନେ ଆତ୍ମସାତ୍ କରିବେ, ସେମାନଙ୍କୁ ବି କ୍ଷୁଧା ସହ୍ୟ କରିବାକୁ ପଡ଼ିବ ।

ଉତ୍ତର : ଅଧ୍ୟାତ୍ମ-ସାଧକମାନଙ୍କ ଉପରେ ଏହି ଅଭିଯୋଗରୁ ସ୍ପଷ୍ଟ ବୁଝାଯାଉଛି ଯେ ସେମାନଙ୍କର ସମାଜକୁ କିଛିମାତ୍ର ଦେୟ ନାହିଁ । ସେମାନେ ପୃଥିବୀର ଭାରରୂପ ହୋଇ ବସି ଖାଉଛନ୍ତି । ଯଦି ଏହାହିଁ ସତ୍ୟ ହୁଏ ତେବେ ସଂସାରରେ ଏମାନଙ୍କ ସ୍ଥାନ କେବେ ବି ନ ଥା'ନ୍ତା । ଏପରି ତ ନୁହେଁ ! ବୈଦିକଯୁଗରୁ ଆଜି ପର୍ଯ୍ୟନ୍ତ ଠିକ୍ ଏହାର ବିପରୀତ ଦେଖାଯାଉଛି । ଦରିଦ୍ର, ବୀତରାଗୀ, ତ୍ୟାଗୀ, ସନ୍ଥ, ମହାତ୍ମାଙ୍କ ଚରଣରେ ଦେଶଶାସକ ଶକ୍ତିଶାଳୀ ରାଜା, ଧନୀ ଓ ମାନୀ ବ୍ୟକ୍ତି ମସ୍ତକ ନୁଆଁଇ ଦେଇଅଛନ୍ତି । ଏପରିକି ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ବ୍ୟକ୍ତି ଅନ୍ୟର ଅଜ୍ଞାତରେ ମୃତ୍ୟୁଶଯ୍ୟାଗ୍ରସ୍ତ ଏକମାତ୍ର ପୁତ୍ରର କଲ୍ୟାଣଭିକ୍ଷା ସେମାନଙ୍କ ପାଖରେ କରୁଛନ୍ତି । ଏଣୁ ସଂସାରରେ ଅଧ୍ୟାତ୍ମ-ସାଧକର ମଧ୍ୟ ଉପଯୋଗିତା ଅଛି । କେବଳ ଭୋଜନ ମିଳିଲେ ମନୁଷ୍ୟ ସୁଖରେ ରହିପାରେ ନାହିଁ, ସଂସାର ସୁଚାରୁରୂପେ ଚଳେ ନାହିଁ । ସଂସାର ଭଲଭାବେ ଚଳିବା ପାଇଁ ବହୁତ ଜିନିଷର ଆବଶ୍ୟକ । ଯଦି ପ୍ରସ୍ରାବ ବନ୍ଦହୋଇ ପେଟ ଫୁଲେ, ସେତେବେଳେ ଭୋଜନ କାମରେ ଆସେ ନାହିଁ, ସେତେବେଳେ ଜୀବନର ସର୍ବଶ୍ରେଷ୍ଠ ବସ୍ତୁବୋଲି ମନେହୁଏ ସେହି ପୀଡ଼ାରୁ ମୁକ୍ତିଦାତା ଡାକ୍ତର ବା ଔଷଧ ।

ଏତେବଡ଼ ଏହି ଯେଉଁ ସଂସାର ପ୍ରସାରିତ ହୋଇଛି, କେବଳ ଜୀବନ ସକାଶେ – ସହର, ବଜାର, ବାଣିଜ୍ୟ, ଡାକ୍ତର, ଇଞ୍ଜିନିୟର, ପୋଲିସ, ଅଦାଲତ, ଗଭର୍ଣ୍ଣମେଣ୍ଟ, ନଦୀ, ନାଳ, ବଣ, ଜଙ୍ଗଲ ଓ ପାହାଡ଼ ଇତ୍ୟାଦି, ଏହିସବୁ ଜୀବନ ସକାଶେ ଆବଶ୍ୟକ । ସଂସାରରେ ଯେତେ ବସ୍ତୁ ଅଛି କୌଣସି ଗୋଟିକୁ ବାଦ୍ ଦେଲେ ଚଳିବ ନାହିଁ । ଯଦି ସେସବୁର କୌଣସି ଆବଶ୍ୟକତା ନ ଥା'ନ୍ତା, ତେବେ ଏ ସବୁକୁ ଭଗବାନ୍ ସର୍ଜନା କରି ନ ଥାନ୍ତେ । କେବଳ ସୃଷ୍ଟି କରିଥା'ନ୍ତେ ଧାନ, ଗହମ ଆଦି ଫସଲ ଉତ୍ପନ୍ନ କରିବା ବ୍ୟକ୍ତିଙ୍କୁ । ଭଗବାନ୍ ଏପରି ଚତୁର ଶିରୋମଣି ଶିଳ୍ପୀ ଯେ ତାଙ୍କର ପ୍ରତ୍ୟେକ ଉତ୍ପନ୍ନ ବସ୍ତୁର ଆବଶ୍ୟକତା ରହିଛି, କିଛି ବି ନିରର୍ଥକ ନୁହେଁ । ସୁତରାଂ ଆଧ୍ୟାତ୍ମିକତା ନିରର୍ଥକ ବସ୍ତୁ ନୁହେଁ ସଂସାର ନିମିତ୍ତ ଓ ଜୀବନଧାରଣ କରିବା ନିମିତ୍ତ ବିଶେଷ ଆବଶ୍ୟକ ବସ୍ତୁ ।

ଫେରେ ଜୀବନର ସମସ୍ତ ବାହ୍ୟ ଆବଶ୍ୟକତା, ଆରାମ ଓ ସୁଖର ବସ୍ତୁ ଥିବା ସତ୍ତ୍ୱେ ଯଦି ଅନ୍ତରରେ ହିଂସା, ଦ୍ୱେଷ, ଅସୂୟା, କାମ ଓ କ୍ରୋଧରେ ହୃଦୟ ଜଳେ, ତେବେ ବାହ୍ୟ ଆରାମ-ବସ୍ତୁ ସୁଖ ଦେଇ ପାରିବ କି ?

ଅଥବା ଯଦି ଘର ସମସ୍ତ ସୁଖ ଓ ଧନ-ସମ୍ପତ୍ତିରେ ପରିପୂର୍ଣ୍ଣ ଥିବା ସତ୍ତ୍ୱେ ଶତ୍ରୁ ଆସି କିରୋସିନ୍ ତେଲ ଢାଳି ଘରେ ଅଗ୍ନି ଲଗାଇ ଘରୁ ବାହାରିବା ଦ୍ୱାର ବନ୍ଦକରି ଦିଅନ୍ତି, ତେବେ ସେତେବେଳେ କ'ଣ ହେବ ? ବଳାତ୍କାରେ ହୃଦୟରୁ ଡାକ ଆସିବ – ''ହାୟ, ଭଗବାନ୍ ! ରକ୍ଷାକର ।'' ସେତେବେଳେ ପୋଲିସ, ମାଜିଷ୍ଟ୍ରେଟ ଅଥବା ମିନିଷ୍ଟରଙ୍କ ସ୍ମରଣ ହେବ ନାହିଁ ! ଅଥବା ଏକ ଦେଶ ଅନ୍ୟ ଦେଶ ଉପରେ ଆକ୍ରମଣ କରି ନିର୍ଦ୍ଦୟଭାବରେ ଗୋଳା ବାରୁଦରେ ଘର, ପଶୁ, ମନୁଷ୍ୟଙ୍କୁ ଜଳାଇଦେବା ସମୟରେ ଭୋଜନ ମନେ ପଡ଼ିବ ନାହିଁ, ମନେ ପଡ଼ିବ, ଡାକ ଆସିବ ଭଗବାନ୍ ।

ପ୍ରଶ୍ନ : ବିପଦରୁ ରକ୍ଷା କରିବା ସକାଶେ ଦେଶର ଗଭର୍ଣ୍ଣମେଣ୍ଟ ଅଛି । ଏକ ଦେଶକୁ ଅନ୍ୟ ଦେଶର ଆକ୍ରମଣରୁ ରକ୍ଷା କରିବା ପାଇଁ ମଧ୍ୟ ଜାତିସଂଘ ଅଛି । ଜୀବନ ସୁଚାରୁରୂପେ ଚଳାଇବା ସକାଶେ ଆଧ୍ୟାତ୍ମିକତା ବା ଭଗବାନଙ୍କର ଆବଶ୍ୟକତା କ'ଣ ?

ଉତ୍ତର : ଜାତିସଂଘ ଅଥବା ଗଭର୍ଣ୍ଣମେଣ୍ଟରେ କାର୍ଯ୍ୟ କରିବା ବ୍ୟକ୍ତି ଏବଂ ସେନା ବା ପୋଲିସ ନୈତିକ ନିୟମ ମାନୁଛନ୍ତି ବୋଲି ଶାସନ ବା ନ୍ୟାୟ ଚାଲୁଛି । ଯଦି ନୈତିକତାକୁ କେହି ନ ମାନନ୍ତେ, ତେବେ ସମସ୍ତ ବ୍ୟବସ୍ଥା ହୁଅନ୍ତା ବିଶୃଙ୍ଖଳ ।

ପ୍ରଶ୍ନ : ନୈତିକ-ବିଧାନର ନିର୍ମାତା ହେଉଛି ବୁଦ୍ଧି । ବୁଦ୍ଧିର କୌଶଳରେ ସମସ୍ତ ନୈତିକ ନିୟମକୁ ମନୁଷ୍ୟ ମାନିବାକୁ ବାଧ୍ୟ ହେଉଛି, ସଂସାର ସୁଚାରୁରୂପେ ନ ଚଳିବାର କୌଣସି କାରଣ ନାହିଁ ।

ଉତ୍ତର : ଯଦି ନୈତିକ ନିୟମକୁ ବୁଦ୍ଧି ଶାସନ କରେ, ତେବେ ପ୍ରତ୍ୟେକ ବ୍ୟକ୍ତି ନୈତିକ ନିୟମ ପାଳନ କରୁଥା'ନ୍ତେ, ଅନୀତି ଅତ୍ୟାଚାରର ସ୍ଥାନହିଁ ନ ଥାନ୍ତା । ଏପରି ତ ଦେଖାଯାଉ ନାହିଁ : ନୀତି-ଅନୀତି, ସତ୍ୟ-ଅସତ୍ୟ, ସମତା-ବିଷମତା ଓ ହିଂସା-ଅହିଂସାରେ ବ୍ୟକ୍ତି ପରିଚାଳିତ ହେଉଛନ୍ତି ।

ପ୍ରଶ୍ନ : ବିକାଶଶୀଳ ବୁଦ୍ଧି ମନୁଷ୍ୟକୁ ନୀତିର ପ୍ରେରଣା ଦିଏ । ଅବିକଶିତ ବୁଦ୍ଧିର ନୀତି-ଅନୀତିର ବିବେକ ନ ଥାଏ, ସେନେଇ ବ୍ୟକ୍ତି ଅନୀତି ଆଚରଣ କରେ ।

ଉତ୍ତର : ଚୋର, ଡକାୟତ, ଖୁଣୀ ଓ ଅନ୍ୟର ସମ୍ପତ୍ତିକୁ କଳ-କୌଶଳରେ ଆତ୍ମସାତ୍ କରିବା ବ୍ୟକ୍ତିଙ୍କ ବୁଦ୍ଧି କ'ଣ ଅବିକଶିତ ? ଯଦି ବିକଶିତ ବୁଦ୍ଧି, ନୀତି-ଅନୀତିର ପ୍ରେରକ ହୁଅନ୍ତା, ତେବେ ଏମାନଙ୍କୁ ନୀତି-ପ୍ରେରଣା ଦେଇ ଅସତ୍, ହିଂସା, ଦ୍ୱେଷାଦି ସମସ୍ତ ଦୁର୍ଗୁଣରୁ ରକ୍ଷାକରି ସତ୍ୟ ଆଚରଣ କରିବାକୁ ବାଧ୍ୟ କରାଯାଇ ପାରନ୍ତା । ଫେରେ ତ ଅନ୍ତର୍ରାଷ୍ଟ୍ରୀୟ ସଭା, ଗଭର୍ଣ୍ଣମେଣ୍ଟ ଓ ପୋଲିସର ଆବଶ୍ୟକତା ରହନ୍ତା ନାହିଁ । ସଂସାର ହୋଇଯା'ନ୍ତା ସ୍ୱର୍ଗ । ଫେରେ କେତେକ ଆଧ୍ୟାତ୍ମିକ ସାଧକଙ୍କୁ ଦେଖାଯାଏ ସେମାନଙ୍କର ବୁଦ୍ଧି ବିକଶିତ ହୋଇଥାଉ ବା ନ ହୋଇଥାଉ ସେମାନେ ସର୍ବଦା ସତ୍ୟ ଆଚରଣ କରନ୍ତି, ଅସତ୍ୟ ଓ ଅନୀତିକୁ ବର୍ଜନ କରନ୍ତି ।

ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ନୀତି, ଅନୀତି, ସତ୍, ଅସତ୍ ଏହି ଦୁଇଟି ସ୍ୱତନ୍ତ୍ର ଶକ୍ତି । ଏସବୁ କୌଣସି ଅବସ୍ଥାରେ କିଛି ଦୂର ପର୍ଯ୍ୟନ୍ତ ବୁଦ୍ଧିର ପରାମର୍ଶକୁ କେବେ କେବେ ସ୍ୱୀକାର କରନ୍ତି କିନ୍ତୁ ପ୍ରଧାନତଃ ନିଜ ମତ ଅନୁସାରେ ପରିଚାଳିତ ହେବା ସକାଶେ ବୁଦ୍ଧିକୁ ବାଧ୍ୟ କରନ୍ତି । ଏହାର ପ୍ରମାଣ ସ୍ୱରୂପ କେହି କେହି ଉତ୍କୃଷ୍ଟ ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ଅନୀତି ଓ ଅସତ୍ କାର୍ଯ୍ୟ ହେଉଥିବାର ବରାବର ଦେଖାଯାଏ ।

ସଂସାର ଚାଳିତ ହୁଏ ଦୁଇଟି ଶକ୍ତି ଦ୍ୱାରା : ଗୋଟିଏ ଭଗବାନଙ୍କର ଭାଗବତୀ ଶକ୍ତି, ଅନ୍ୟଟି ସେହି ଭଗବାନଙ୍କର ବିକୃତ ଆସୁରୀ ଶକ୍ତି । ଭାଗବତୀ ଶକ୍ତି ସଂସାର ପରିଚାଳନା ନିମିତ୍ତ ନୀତି ରୂପରେ ନିଜକୁ ପ୍ରଘଟ କରେ । ଭାଗବତ ଶକ୍ତିର ଠିକ୍ ବିପରୀତ କ୍ରିୟା ଆସୁରୀ ଶକ୍ତିର । ଏହି ଦୁଇ ଶକ୍ତି ବରାବର ଚାହାନ୍ତି ବ୍ୟକ୍ତି ଉପରେ ଆଧିପତ୍ୟ ବିସ୍ତାର କରି ନିଜ ଇଚ୍ଛା ଅନୁସାରେ ବ୍ୟକ୍ତିକୁ ପରିଚାଳିତ କରିବାକୁ । ଆସୁରୀ ଶକ୍ତି ବଳପୂର୍ବକ ବ୍ୟକ୍ତିକୁ ଅର୍ଥାତ୍ ତା'ର ବୁଦ୍ଧିକୁ ଅଧିକାର କରି ଯନ୍ତ୍ର କରି ନିଏ, କିନ୍ତୁ ଭାଗବତୀ ଶକ୍ତି ଜବରଦସ୍ତି କରେ ନାହିଁ, ପ୍ରତୀକ୍ଷା କରେ ବ୍ୟକ୍ତିର ସମ୍ମତିକୁ ।

ବ୍ୟକ୍ତିର ବୁଦ୍ଧିରେ ଭାଗବତୀ ଶକ୍ତିର ସ୍ଥାନ ତେବେ ହୁଏ, ଯେବେ ସଂସାର ବାତାବରଣରେ ତା'ର ପ୍ରଭାବ ଥାଏ ଏବଂ ସେହି ପ୍ରଭାବ ବ୍ୟକ୍ତିର ବୁଦ୍ଧିରେ ପଡ଼େ, ବ୍ୟକ୍ତି ଭାଗବତୀ ଶକ୍ତିକୁ ଚାହେଁ ଏବଂ ଭାଗବତୀ ଶକ୍ତିର ଅହିଂସା, ସତ୍ୟ, ନ୍ୟାୟ ପ୍ରଭୃତି ଗୁଣ ବ୍ୟକ୍ତି ମଧ୍ୟରେ ପ୍ରବେଶ କରେ, ତା'ର ବୁଦ୍ଧିକୁ ପ୍ରେରଣା ଦିଏ । ସଂସାରର ବାତାବରଣରେ ଭାଗବତୀ ଶକ୍ତିର ପ୍ରଭାବ ଆସିବାର ଏକମାତ୍ର ଉପାୟ ହେଉଛି ଅଧ୍ୟାତ୍ମ-ସାଧନା । ଯେଉଁ ଅଧ୍ୟାତ୍ମ-ସାଧକମାନେ ଆସୁରୀ ଶକ୍ତିର କାମ, କ୍ରୋଧ, ମଦ ଓ ମତ୍ସରାଦି ସମସ୍ତ କ୍ରିୟାକୁ ତ୍ୟାଗ କରି ଭାଗବତୀ ଶକ୍ତିକୁ ଧାରଣ କରିଅଛନ୍ତି ଏବଂ ତାଙ୍କରି ଦ୍ୱାରା ପରିଚାଳିତ ହେଉଅଛନ୍ତି, ସେମାନଙ୍କର ବାତାବରଣ ସଂସାରରେ ପ୍ରସାରିତ ହୋଇ ଅନ୍ୟ ବ୍ୟକ୍ତିଙ୍କ ବୁଦ୍ଧିକୁ ପ୍ରଭାବିତ କରେ । ଏହିପରି ଯେତେ ବେଶୀ ଯଥାର୍ଥ ଅଧ୍ୟାତ୍ମ-ସାଧକ ହୁଅନ୍ତି, ସେହିମାନଙ୍କ ଦ୍ୱାରା ତେତେ ବେଶୀ ସତ୍ୟ ଆଚରିତ ହୁଏ ଓ ସଂସାରରେ ସତ୍ୟ ବାତାବରଣର ବିସ୍ତାର ହୁଏ । ସତ୍ୟ ଆଚରଣର ପ୍ରଭାବ ବେଶୀ ହେଲେ ଅସତ୍ୟ ହ୍ରାସ ହେବାକୁ ଲାଗେ । ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍ । ଅଧ୍ୟାତ୍ମ-ସାଧକ ଭଗବାନଙ୍କ ଚେତନା ସଙ୍ଗେ ନିଜ ଚେତନାକୁ ଏକ କରିଦେବାରୁ ସେମାନେ ଭଗବାନଙ୍କ ସଂକଳ୍ପ ଓ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଅନ୍ତି; ସେମାନଙ୍କ ମଧ୍ୟରେ ଆସୁରୀ ଶକ୍ତି ପ୍ରବେଶ କରିପାରେ ନାହିଁ । ଯେତେବେଳେ ଯଥାର୍ଥ ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ଅଧିକ ହୁଏ, ସେତେବେଳେ ପବିତ୍ର ବାତାବରଣ ସଂସାରରେ ପ୍ରସାରିତ ହୋଇଯାଏ ଏବଂ ତାହା ଲୋକମାନଙ୍କ ହୃଦୟକୁ ଶୁଦ୍ଧ କରିଦିଏ; ସେମାନଙ୍କ ବୁଦ୍ଧିରେ ନୈତିକ ସଦ୍‌ଗୁଣ ପ୍ରେରଣା ଦିଏ । ସଂସାରରେ ସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁ ସଦ୍‌ଗୁଣ ଦେଖାଯାଏ ତାହାର କାରଣ ହେଉଛି ଅଧ୍ୟାତ୍ମ-ବାତାବରଣ । ସଦ୍‌ଗୁଣର ଆଧିକ୍ୟରେ ଦୁର୍ଗୁଣ ହ୍ରାସ ହୋଇଗଲେ ଆସୁରୀ ଶକ୍ତିର ପ୍ରଭାବ କମ୍ ହୋଇଯାଏ । ଯେତେବେଳେ ଅଧ୍ୟାତ୍ମ-ସାଧକମାନଙ୍କର ସଂଖ୍ୟା କମ୍ ହୋଇଯାଏ ସେତେବେଳେ ଦୁର୍ଗୁଣ ବଢ଼େ ଓ ଆସୁରୀ ଶକ୍ତିର ପ୍ରଭାବ ବୃଦ୍ଧି ହୁଏ । ସଂସାରର ଏହି ସଂକଟ ସମୟରେ ଭଗବାନ୍ ଅବତାର ନେଇ ପୁନରାୟ ସତ୍ୟ-ରାଜ୍ୟ ସ୍ଥାପନ କରନ୍ତି । ସତ୍-ସ୍ୱରୂପ ଭଗବାନ୍ ଓ ଦିବ୍ୟଗୁଣ ଧାରଣ କରିବା ବ୍ୟକ୍ତି ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରାହିଁ ସଂସାରରେ ସତ୍ୟଗୁଣର ପ୍ରସାର ହୁଏ ଏବଂ ସଂସାର ସୁଚାରୁରୂପେ ପରିଚାଳିତ ହୁଏ । ସଂସାରରୁ ସତ୍ୟ ପୂର୍ଣ୍ଣରୂପେ ନାଶ ହେଲେ ମହାପ୍ରଳୟ ହୋଇଯାଏ, ଏଣୁ ଅଧ୍ୟାତ୍ମ-ସାଧକ ସଂସାରରେ ଅନୁପଯୋଗୀ ନୁହନ୍ତି । ସଂସାରକୁ ସତ୍ୟ ପଥରେ ପରିଚାଳନା କରିବା ନିମିତ୍ତ ସେମାନେ ଅତ୍ୟନ୍ତ ଆବଶ୍ୟକ । ସେହି ସକାଶେ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସାଧାରଣ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ରାଜା ମହାରାଜା ଏବଂ ମୂର୍ଖରୁ ପଣ୍ଡିତ ପର୍ଯ୍ୟନ୍ତ ସେମାନଙ୍କୁ ସେବା କରୁଛନ୍ତି, ସମ୍ମାନ କରୁଛନ୍ତି, ସେମାନଙ୍କ ଦର୍ଶନରେ ନିଜକୁ କୃତାର୍ଥ ମଣୁଛନ୍ତି ।

ପ୍ରଶ୍ନ : ସଂସାରରେ ସତ୍ୟ, ଧର୍ମ, ନ୍ୟାୟର ପ୍ରସାର ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ହୁଏ । ଏହିସବୁ ସଦ୍‌ଗୁଣ ଯୋଗୁଁ ସଂସାରରେ ସାମଞ୍ଜସ୍ୟ ରହେ ଏବଂ ସଂସାର ସୁସଂଗତିରେ ପରିଚାଳିତ ହୁଏ । ଏହା ସତ୍ୟ, କିନ୍ତୁ ଅଧ୍ୟାତ୍ମ-ସାଧକମାନେ କର୍ମକୁ ତ୍ୟାଗ କରନ୍ତି । ଏହି କର୍ମ ତ୍ୟାଗର ପ୍ରଭାବ ସାଧାରଣ ଜନତା ଉପରେ ପଡ଼େ, ସେମାନଙ୍କର କର୍ମରୁ ରୁଚି କମ୍ ହୋଇଯାଏ । ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ଯଦି ମନୁଷ୍ୟ କର୍ମତତ୍ପର ନ ହେବ ତେବେ ଦେଶର ଉନ୍ନତି ହେବ ନାହିଁ ଏବଂ ଅନ୍ୟ ଦେଶ ସଙ୍ଗେ ପାଦ ମିଳାଇ ଚାଲିପାରିବ ନାହିଁ । ଏହି କାରଣରୁ ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ଏକ ଦିଗରେ ଯେପରି ସଂସାରର ହିତ ହୁଏ ଅନ୍ୟ ଦିଗରେ ମଧ୍ୟ ସେହିପରି ସଂସାରର ଉନ୍ନତିରେ ବାଧାପଡ଼େ । ଏହା କ'ଣ ଯଥାର୍ଥ ନୁହେଁ ?

ଉତ୍ତର : ଏହି ପ୍ରଶ୍ନ ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ନୁହେଁ । ଅଧ୍ୟାତ୍ମ ଧର୍ମ ଦ୍ୱାରା ସଂସାରକୁ କେବେ ବି କ୍ଷତି ହୋଇ ନାହିଁ । ସଂସାରର ସମୟୋପଯୋଗୀ ଆବଶ୍ୟକତା ଅନୁସାରେ ଭଗବାନ୍ ସ୍ୱୟଂ ଆସନ୍ତି ଅଥବା ନିଜ ବିଭୂତି ସ୍ୱରୂପ ମହାପୁରୁଷମାନଙ୍କୁ ପଠାଇ ଧର୍ମ ପ୍ରଚାର କରନ୍ତି । ସଂସାରୀ ବ୍ୟକ୍ତି ରଜୋଗୁଣରେ ଏପରି ଲିପ୍ତ ହୋଇ କର୍ମ କରୁଥିଲେ ଯେ ସେତେବେଳେ ଯଦି କର୍ମ ନିବୃତ୍ତି ମାର୍ଗରେ ଆଦର୍ଶ ଶିକ୍ଷା ଦିଆ ନ ହୋଇଥା'ନ୍ତା ତେବେ ଲୋକେ ଭଗବାନଙ୍କୁ ଏକେବାରେ ବିସ୍ମରଣ କରି ହିଂସାତ୍ମକ ରାଜସିକ କର୍ମ-ସ୍ରୋତରେ ବୁଡ଼ିଯାଇଥାନ୍ତେ । ସେନେଇ ସେହି ସମୟ ସକାଶେ ପୁରାତନ ଯୋଗରେ କର୍ମନିବୃତ୍ତି ଶିକ୍ଷା ଉଚିତ ଥିଲା ।

ବର୍ତ୍ତମାନ ଏହି ଆଣବିକ ଯୁଗରେ ପୂର୍ବ ଅଧ୍ୟାତ୍ମ-ଧର୍ମ ପରି କର୍ମ ତ୍ୟାଗ କଲେ ଚଳିବ ନାହିଁ, ଆଧ୍ୟାତ୍ମିକ ଶକ୍ତି ଦ୍ୱାରା କର୍ମକୁ ନିୟନ୍ତ୍ରଣ କରିବାକୁ ହେବ ଏବଂ ହିଂସା, ଦ୍ୱେଷ, ଈର୍ଷା, ଘୃଣାକୁ ରୂପାନ୍ତର କରି, ସମତା, ଶାନ୍ତି, ଅହିଂସା, ଭ୍ରାତୃତ୍ୱାଦି ଦିବ୍ୟଗୁଣ ସଂସାରରେ ସ୍ଥାପନ କରିବାକୁ ହେବ । ତେବେ ଯାଇ ସଂସାରରେ ସାମଞ୍ଜସ୍ୟ ସ୍ଥାପିତ ହେବ ।

ଏହି କାର୍ଯ୍ୟ କରିବା ସକାଶେ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଥିଲେ ।

ନିଜ ଜ୍ଞାନ-ଦୃଷ୍ଟିରେ ଦେଖିଲେ ଯେ ଉଚ୍ଚତର ଅତିମାନସ ଶକ୍ତି ଏହି ପୃଥିବୀରେ ଆସି ଶରୀର, ପ୍ରାଣ ଓ ମନକୁ ପୂର୍ଣ୍ଣ ରୂପାନ୍ତର ନ କଲେ କର୍ମ ଅଧ୍ୟାତ୍ମ-କ୍ରିୟାରେ ପରିଣତ ହୋଇପାରିବ ନାହିଁ କିଂବା ଆଧ୍ୟାତ୍ମିକତା ପୂର୍ବପରି ବରାବର ହ୍ରାସ ନ ହୋଇ ସ୍ଥାୟୀ ରୂପେ ରହିପାରିବ ନାହିଁ । ଶ୍ରୀଅରବିନ୍ଦ ଭଗବାନଙ୍କ ବିଧାନାନୁସାରେ ନିଜ ତପସ୍ୟା ବଳରେ ଅତିମାନସ ମହାଶକ୍ତିକୁ ୧୯୫୦ ମସିହାରେ ଉତାରି ଆଣିଥିଲେ । ସେହି ଶକ୍ତି ୧୯୫୬ ମସିହାରେ ପୃଥିବୀରେ ଆବିର୍ଭୂତ ହୋଇ ମା'ଙ୍କ ଦ୍ୱାରା ରୂପାନ୍ତର କ୍ରିୟା କରୁଅଛି । ସେହି ଅତିମାନସ ଶକ୍ତିହିଁ କେବଳ ମନ, ପ୍ରାଣ, ଶରୀର ଓ କର୍ମକୁ ରୂପାନ୍ତରିତ କରିପାରେ ଏବଂ ଏହି ମର୍ତ୍ତ୍ୟଲୋକରେ ସ୍ୱର୍ଗ ସ୍ଥାପନ କରି ତାକୁ ସ୍ଥାୟୀ ରୂପେ ରଖିପାରେ ।

## (୩)

## ନୈତିକତା ଓ ଆଧ୍ୟାତ୍ମିକତା

ପ୍ରଶ୍ନ : ନୈତିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ କ'ଣ ? ଅଧ୍ୟାତ୍ମ-ସାଧକ କ'ଣ ନୈତିକ ନିୟମ ପାଳନ କରନ୍ତି ନାହିଁ ?

ଉତ୍ତର : ନୈତିକ ନିୟମ ମନ, ବୁଦ୍ଧି, ବିଚାର ଦ୍ୱାରା ପାଳିତ ହୁଏ, ଆଧ୍ୟାତ୍ମିକତା ଅନ୍ତରାତ୍ମା ଅର୍ଥାତ୍ ଭଗବାନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୁଏ । ଅଧ୍ୟାତ୍ମ-ସାଧକ ସତ୍ୟରେ ନିବାସ କରନ୍ତି, ସତ୍ୟରେ ପରିଚାଳିତ ହୁଅନ୍ତି, ସତ୍ୟଦୃଷ୍ଟିରେ କାର୍ଯ୍ୟ କରନ୍ତି ।

ଅଧ୍ୟାତ୍ମ-ସାଧକ ନୀତିବାଦୀଙ୍କ ପରି ନୈତିକତାକୁ ତାହାର ସୀମାରେ ଆବଦ୍ଧ ରଖି କଠୋରଭାବେ ପାଳନ କରନ୍ତି ନାହିଁ, ସେ ପାଳନ କରନ୍ତି ତା' ମଧ୍ୟଦେଇ ଆଧ୍ୟାତ୍ମିକତାରେ ପ୍ରବେଶ କରିବା ସକାଶେ । ନୈତିକତାର ଅଧିକାଂଶ ନିୟମ ମନ-ନିର୍ମିତ; ଦେଶ, କାଳ, ପାତ୍ର ଓ ସମାଜ ଅନୁସାରେ ନିର୍ଦ୍ଧାରିତ ଓ ପରିବର୍ତ୍ତିତ ହୁଏ । ସତ୍ୟ, ଅହିଂସାଦି ଧର୍ମ ଯଦ୍ୟପି ନୈତିକତାର ଅନ୍ତର୍ଗତ ତଥାପି ତାହା ମନ, ବୁଦ୍ଧି, ବିଚାର ଏବଂ କର୍ତ୍ତବ୍ୟ ବୁଦ୍ଧି ଦ୍ୱାରା କଠୋରଭାବେ ପାଳିତ ହେଉଥିବାରୁ ବହୁତ ସମୟରେ ଯଥାର୍ଥ ସତ୍ୟଦୃଷ୍ଟିରେ ତାହାର ପରଣାମ ହୁଏ ବିପରୀତ । ନୀତିବାଦୀ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରୁ ନ ଥିବାରୁ ସେ ସତ୍ୟ-ଦୃଷ୍ଟି ପ୍ରାପ୍ତ କରିପାରେ ନାହିଁ; ସେନେଇ ଯଥାର୍ଥ ସତ୍ୟ, ଯଥାର୍ଥ ଅହିଂସା ନିର୍ଣ୍ଣୟ ଓ ପାଳନ କରିବାରେ ଅସମର୍ଥ ହୁଏ ।

ଆଧ୍ୟାତ୍ମିକତା ଭାଗବତ ଧର୍ମ – ସ୍ୱତଃପ୍ରକାଶିତ ଓ ପରମ ସତ୍ୟ; ନୈତିକତା ନିୟମଠାରୁ ଏକେବାରେ ପୃଥକ୍ । ନୀତିବାଦୀ ପରିଚାଳିତ ହୁଏ ଅପ୍ରକାଶିତ ସୀମିତ ବୁଦ୍ଧି ଦ୍ୱାରା ହାତ ଅଣ୍ଡାଳି । ଅଧ୍ୟାତ୍ମବାଦୀ ପରିଚାଳିତ ହୁଏ ପରମ ସତ୍ୟ, ସ୍ୱତଃପ୍ରକାଶ ଭଗବାନଙ୍କ ଦ୍ୱାରା ଅଥବା ଭଗବତ୍ ସ୍ୱରୂପ ଆତ୍ମା ଦ୍ୱାରା । ନୈତିକତାର ଶେଷ ସୀମାରେ ଆଧ୍ୟାତ୍ମିକତାର ଆରମ୍ଭ ହୁଏ । ଆଧ୍ୟାତ୍ମିକ ପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ନୈତିକତାକୁ ତ୍ୟାଗ କରିବା ଉଚିତ ନୁହେଁ । ନୈତିକତାରେ କେତେକ ନିୟମ ଦେଶଗତ । ଅର୍ଥାତ୍ ଗୋଟିଏ ଦେଶରେ ଯେଉଁ ନିୟମ ମହାନ୍ ଧର୍ମ, ଅନ୍ୟ ଦେଶରେ ତାହାହିଁ ମହାନ୍ ପାପ । ଯେପରି ଉତ୍ତର ଭାରତରେ ଭଉଣୀର କନ୍ୟା ଭାଣିଜୀ ନିଜ କନ୍ୟା ତୁଲ୍ୟା; ତା' ପ୍ରତି କୁଦୃଷ୍ଟି ଦେବାର ଅର୍ଥ ନିଜ କନ୍ୟା ପ୍ରତି କୁଦୃଷ୍ଟି ଦେବା । କିନ୍ତୁ ଦକ୍ଷିଣ ଭାରତରେ ସାଧାରଣ ଲୋକଙ୍କ ଘରେ ନୁହେଁ, ଶ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତ ଘରେ ମାମୁ ସହିତ ଭାଣିଜୀର ବିବାହ ସମ୍ବନ୍ଧ ଅତି ପବିତ୍ର । ଆଜି ପର୍ଯ୍ୟନ୍ତ ବି ଏହା ଚାଲୁଅଛି ।

ଉତ୍ତର ଭାରତରେ ଏହି ସମ୍ବନ୍ଧ ଏତେ କଳୁଷିତ ଯେ ସେମାନେ ଶୁଣିଲେ କାନରେ ହାତ ଦେବେ । ଏହିପରି ନୈତିକତାରେ ବହୁତ ନିୟମ ଅଛି, ଯାହା ସମୟାନୁସାରେ ପରିବର୍ତ୍ତିତ ହୁଏ, ଯେପରି ବର୍ଣ୍ଣଧର୍ମ ପାଳନ କରିବା ଏବଂ ଶିଖା ଧାରଣ କରିବା ଇତ୍ୟାଦି । ଏହା ପୂର୍ବେ ଏକେବାରେ କଠୋର ନିୟମ ଥିଲା, କାଳକ୍ରମେ ଆଜି ଏପରି ପରିବର୍ତ୍ତିତ ହୋଇଛି ଯେ ଶିକ୍ଷିତ ବ୍ୟକ୍ତି ଜାତିଭେଦରେ ଘୃଣା କରୁଛନ୍ତି । ଓଡ଼ିଶା ଓ ବଙ୍ଗଦେଶରେ ଶିଖା (ଚୁଟି) ଦେଖିବାକୁ ମିଳେ ନାହିଁ, କଠୋର ନୀତିବାଦୀ ଉତ୍ତର ପ୍ରଦେଶରେ ମଧ୍ୟ ଏହି ପ୍ରଭାବ ପଡ଼ିବାକୁ ଆରମ୍ଭ କଲାଣି ।

ଆଧ୍ୟାତ୍ମିକ ନିୟମ : ଶାନ୍ତି, ଆନନ୍ଦ, ଭାଗବତ ପ୍ରେମ, ଭକ୍ତି, ଜ୍ଞାନ ଏହିସବୁ ପ୍ରତ୍ୟେକ ଦେଶରେ ସବୁ କାଳରେ, ସବୁ ବ୍ୟକ୍ତିଙ୍କ ସକାଶେ ଏକହି ପ୍ରକାରର । ଏହା ଭଗବାନଙ୍କ ଦିବ୍ୟଗୁଣ; ସର୍ବଦା ସର୍ବସ୍ଥାନରେ ଅପରିବର୍ତ୍ତନୀୟ । ସତ୍ୟ, ସନ୍ତୋଷ, ଦୟା, କ୍ଷମାବ୍ରତ ପାଳନ କରିବା, ଅହିଂସା ଆଚରଣ କରିବା, ପରୋପକାର କରିବା, ଶ୍ରେଷ୍ଠଙ୍କୁ ସମ୍ମାନ କରିବା, ଲଘୁଙ୍କୁ ସ୍ନେହ କରିବା, ସତ୍‌ଶାସ୍ତ୍ର ଅନୁସାରେ ସତ୍ୟ କହିବା ଇତ୍ୟାଦି ହେଲା ନୈତିକତା । ଯଦି ନୀତିବାଦୀ କଠୋରଭାବେ ଏହି ନିୟମକୁ ପାଳନ କରି ଏହି ସୀମାରେ ଆବଦ୍ଧ ନ ହୋଇ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ଅର୍ପଣ କରେ, ତେବେ ଏହା ଦ୍ୱାରା ହୃଦୟ ଶୁଦ୍ଧ ହୁଏ ଏବଂ ସେ କ୍ରମଶଃ ଶାଶ୍ୱର ରହସ୍ୟ, ଶରୀର ଧାରଣ କରିବାର ଉଦ୍ଦେଶ୍ୟ ବୁଝିପାରେ । ଭଗବାନଙ୍କୁ ପ୍ରାପ୍ତ କରିବା ପ୍ରତ୍ୟେକ ଜୀବନର ଲକ୍ଷ୍ୟ ବୋଲି ତାକୁ କ୍ରମଶଃ ସ୍ପଷ୍ଟ ହେବାକୁ ଲାଗେ ଏବଂ ସେହି ମାର୍ଗରେ ସେ ଆରୂଢ଼ ହୁଏ । ଭଗବତ୍ ପ୍ରାପ୍ତି ଅର୍ଥାତ୍ ଅଧ୍ୟାତ୍ମ-ମାର୍ଗରେ ଆରୂଢ଼ ହେବା ମାତ୍ରେ, ନୈତିକତାକୁ ସଂପୂର୍ଣ୍ଣରୂପେ ବର୍ଜନ କରାହୁଏ ନାହିଁ । ଏହା ହୁଏ ସ୍ୱତଃ ଓ କ୍ରମଶଃ । ଯେପରି କୌଣସି ଜଳପୂର୍ଣ୍ଣ ପାତ୍ରରେ ଅନ୍ୟ କିଛି ବସ୍ତୁ ରଖିବାକୁ ଆରମ୍ଭ କଲେ ଯେତେ ପରିମାଣରେ ବସ୍ତୁ ପ୍ରବେଶ କରେ, ତେତେ ପରିମାଣରେ ଜଳ ସ୍ୱତଃ ବାହାରିପଡ଼େ, ଠିକ୍ ସେହିପରି ଆଧ୍ୟାତ୍ମିକତା । ଆଧ୍ୟାତ୍ମିକ ସାଧକର ମନ-ପ୍ରାଣ-ଶରୀର ଭଗବାନଙ୍କ ସଙ୍ଗେ ପୂର୍ଣ୍ଣରୂପେ ଏକ ହୋଇଗଲେ, ସେ ପ୍ରତ୍ୟେକ ପ୍ରେରଣା ପାଏ ଭଗବାନଙ୍କଠାରୁ । ଏହା ହଠାତ୍ ବା ଗୋଟିଏ ଦିନରେ ପୂର୍ଣ୍ଣ ହୁଏ ନାହିଁ । କିନ୍ତୁ ଯେତେ ପରିମାଣରେ ଅଧ୍ୟାତ୍ମ-ପ୍ରେରଣା ଆସେ, ତେତେ ପରିମାଣରେ ନୈତିକ ନିୟମ ତ୍ୟାଗ ହୋଇଯାଏ । ମନୁଷ୍ୟ ସକାଶେ ନୈତିକତା ଅପରିହାର୍ଯ୍ୟ, ନୈତିକତା ଛଡ଼ା ବ୍ୟକ୍ତି ସ୍ଥୂଳରୂପରେ ମନୁଷ୍ୟ, କିନ୍ତୁ ଆଚରଣରେ ପଶୁ । ସୁତରାଂ ମନୁଷ୍ୟର ନୈତିକତା ପ୍ରଥମ ଅବସ୍ଥା । ତାହାର ଶେଷ ଅବସ୍ଥା ଆଧ୍ୟାତ୍ମିକତା ।

ପ୍ରଶ୍ନ : ସାଧକ ଆଧ୍ୟାତ୍ମିକତାକୁ ପୂର୍ଣ୍ଣରୂପେ ପ୍ରାପ୍ତ ହେଲେ, ଅର୍ଥାତ୍ ଆତ୍ମାରେ ବାସ କଲେ କିଂବା ଭଗବାନଙ୍କ ସଙ୍ଗେ ଏକ ହୋଇଗଲେ, ଉପରେ କୁହା ହୋଇଥିବା ନୈତିକ ନିୟମ ଓ ତ୍ରିଗୁଣ ସ୍ୱତଃ ତ୍ୟାଗ ହେବା ପରେ, ସେ କେଉଁ ଗୁଣରେ ବିଭୂଷିତ ହୁଅନ୍ତି ?

ଉତ୍ତର : ସେ ହୁଅନ୍ତି ଗୁଣାତୀତ; ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଦ୍ୱାରା ଚାଳିତ; ସତ୍ୟ, ସନ୍ତୋଷ, ଦୟା, କ୍ଷମା ଆଦି ସମସ୍ତ ଦିବ୍ୟଗୁଣର ଭଣ୍ଡାର । ଅଧ୍ୟାତ୍ମ-ସାଧକର ନୈତିକତାର ତ୍ୟାଗ ହୁଏ, କିନ୍ତୁ ସତ୍ୟ, ସନ୍ତୋଷ, ଅହିଂସାଦି ତ୍ୟାଗ ହୁଏ ନାହିଁ । ସେ ଭଗବାନଙ୍କ ମଧ୍ୟରେ ବାସ କରିବାରୁ ଭଗବାନଙ୍କର ଏହିସବୁ ଦିବ୍ୟଗୁଣ ତାଙ୍କ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୁଏ ଏବଂ ତାଙ୍କର ସ୍ୱଭାବରେ ପରିଣତ ହୁଏ । ସ୍ୱାଭାବିକ ରୂପେ ସେ ଗୁଣରେ ଆସକ୍ତ ହୁଅନ୍ତି ନାହିଁ କିଂବା ଏହାକୁ ଜୀବନର ଚରମ ଲକ୍ଷ୍ୟ ବୋଲି ମାନନ୍ତି ନାହିଁ । ତାଙ୍କର ଚରମ ଲକ୍ଷ୍ୟ ଭଗବାନ୍ । ତାଙ୍କର ଏହି ସତ୍ୟାଦି ଗୁଣରେ ଆସକ୍ତି ନ ହେବାରୁ ସେ ହୁଅନ୍ତି ଗୁଣାତୀତ । ସେ ପ୍ରାପ୍ତ କରନ୍ତି ପୂର୍ଣ୍ଣ ପ୍ରକାଶ ଓ ପୂର୍ଣ୍ଣ ସତ୍ୟଦୃଷ୍ଟି । ତାଙ୍କ ପାଖରେ ସତ୍ୟର ଯଥାର୍ଥ ସ୍ୱରୂପ ପ୍ରକାଶ ପାଏ । ନୈତିକ ଦୃଷ୍ଟିରେ ଯାହା ଅସତ୍ୟ ଅଧର୍ମ ବୋଲି ଭ୍ରମବଶତଃ ପ୍ରତୀତ ହୁଏ, ତାହା ସତ୍ୟ ଦୃଷ୍ଟିରେ ଠିକ୍ ତାହାର ବିପରୀତ ହୋଇପାରେ ।

ଅଧ୍ୟାତ୍ମ-ସାଧକ ତୁଲ୍ୟ ସତ୍ୟାଦି ଦିବ୍ୟଗୁଣ ଓ ସତ୍ୟଦୃଷ୍ଟି ନୈତିକବାଦୀ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୋଇ ନ ଥାଏ । ସ୍ୱଭାବ-ପ୍ରେରଣାରେ ତାହାଦ୍ୱାରା ଯଥାର୍ଥ ସତ୍ୟ ଆଚରଣ ହୁଏ ନାହିଁ । କାରଣ ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍, ସେ ତାଙ୍କ ମଧ୍ୟରେ ବାସ କରେ ନାହିଁ । ସୀମିତ ଅପ୍ରକାଶ ମନ, ନିର୍ଦ୍ଧାରିତ ନୀତି ନିୟମ ଅନୁସାରେ ଅନ୍ଧପରି ହାତ ଅଣ୍ଡାଳି ସତ୍ୟକୁ ଖୋଜେ । ଅନିର୍ଦ୍ଦିଷ୍ଟ ଭାବରେ ଏହି ନିୟମରେ ଯଦି ଯଥାର୍ଥରେ ସତ୍ୟ ପଡ଼ିଯାଏ ତେବେ ତାହା ପାଳିତ

ହୁଏ, ନଚେତ୍ ବହୁତ ସମୟରେ ସତ୍ୟ ଭ୍ରମରେ ଅସତ୍ୟକୁହିଁ ଆଚରଣ କରାହୁଏ । ନୈତିକ ଆଉ ଆଧ୍ୟାତ୍ମିକ କ୍ରିୟା ବାହ୍ୟ ଆଚରଣରେ ସ୍ୱରୂପତଃ ଏକ ପ୍ରତୀତ ହେବାରୁ ଉଭୟ ମଧ୍ୟରେ ପ୍ରଭେଦ ବୁଝିବା ଅଧିକାଂଶ ବ୍ୟକ୍ତିଙ୍କ ପକ୍ଷେ ଦୁରୂହ ହୋଇପଡ଼େ ।

ଯେପରି ପିତା, ମାତା, ପତି ଓ ଦରିଦ୍ର, ରୋଗୀ ଆଉ ବ୍ୟକ୍ତି, ସମାଜ ଓ ଦେଶ,— ଏମାନଙ୍କ ସେବା ଇତ୍ୟାଦି ସମସ୍ତ ଗୁଣ ଦିବ୍ୟ । ନୀତିବାଦୀ ଓ ଅଧ୍ୟାତ୍ମବାଦୀ ଉଭୟେ ଆଚରଣ କରିପାରନ୍ତି । ବାହ୍ୟତଃ ଏହି ଗୁଣ ଏହିସବୁ କର୍ମ ଉଭୟଙ୍କର ପ୍ରକାରରେ ଏକ । କିନ୍ତୁ ଭାବରେ ଭିନ୍ନତା ହେବାରୁ, ଏକ ବ୍ୟକ୍ତି ସକାଶେ ଏହା ହୁଏ ନୀତି ଏବଂ ତ୍ରିଗୁଣ, ସୁବର୍ଣ୍ଣ ଜଞ୍ଜିରରୂପେ ବନ୍ଧନ; ଅନ୍ୟ ବ୍ୟକ୍ତି ସକାଶେ ହୁଏ ଗୁଣାତୀତ । ପ୍ରଥମ ବ୍ୟକ୍ତିର ଭାବ ଥାଏ କର୍ତ୍ତବ୍ୟବୋଧ, ଧର୍ମବୋଧ । ସେ ସେଥିରେ ପ୍ରେରିତ ହୋଇ ଏହି ନୀତି ଆଚରଣ କରେ । ଏହା ଆଚରଣ ନ କଲେ ସେ ଅଧର୍ମୀ ହେବ ଏବଂ ପତିତ ହେବ । ଅନ୍ୟ ବ୍ୟକ୍ତି ଧର୍ମ-ଅଧର୍ମର ଧାରଣାର ଊର୍ଦ୍ଧ୍ୱରେ, ସେ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରେ । ପୂର୍ଣ୍ଣ ପ୍ରକାଶରେ ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଭଗବାନଙ୍କ ନିର୍ଦ୍ଦେଶରେ ଯନ୍ତ୍ରବତ୍ କାର୍ଯ୍ୟ କରେ । ସେହି କାର୍ଯ୍ୟ ଧର୍ମ ହେଉ ବା ଅଧର୍ମ ହେଉ, ତାହା ପ୍ରତି ଲେଶମାତ୍ର ଭ୍ରୂକ୍ଷେପ କରେ ନାହିଁ । କାରଣ ସେ ଆତ୍ମାରେ ବାସ କରେ ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିଜକୁ ଦେଖେ । ସେନେଇ ତାହାର କୌଣସି ପ୍ରାଣୀ ପ୍ରତି ଶତ୍ରୁତା ବା ମିତ୍ରତା ନ ଥାଏ । ସେ କୌଣସି ସ୍ୱାର୍ଥରେ ବଶୀଭୂତ ହୋଇ କାର୍ଯ୍ୟ କରେ ନାହିଁ । ସେହି ସକାଶେ ତାହାର କୌଣସି କର୍ମରେ ଆସକ୍ତି ନ ଥାଏ । ସେ ଭଗବାନଙ୍କ ପ୍ରେରଣାରେ ଗୁରୁଜନ, ସ୍ତ୍ରୀ, ମାତା, ପିତା, ଭ୍ରାତୃ-ବଧ ଆଦି ଜଘନ୍ୟ କାର୍ଯ୍ୟ କରିପାରେ । ନୈତିକ ଦୃଷ୍ଟିରେ ଏହା ଦୁର୍ନିବାର ପାପ-କର୍ମ ବୋଲି ପ୍ରତୀତ ହେଲେ ସୁଦ୍ଧା ସେ ଏହାକୁ ଲେଶମାତ୍ର ଭୟ ବା ଚିନ୍ତା କରେ ନାହିଁ । ଏହି ପାପ ମଧ୍ୟ ତାକୁ ସ୍ପର୍ଶ କରିପାରେ ନାହିଁ । କାରଣ ସେ ବାସ କରେ ଭଗବାନଙ୍କ ମଧ୍ୟରେ, ଭଗବାନଙ୍କ ପାଖରେ ପାପ ପହଞ୍ଚି ପାରେ ନାହିଁ । ଅନ୍ୟ ଭାଷାରେ କହିଲେ ତାହାର ଏହି ହିଂସା, ଦ୍ୱେଷ, କର୍ତ୍ତବ୍ୟ-ବୁଦ୍ଧି ନ ଥାଏ । ସେ ମନରେ ଚାଳିତ ହୁଏ ନାହିଁ । ସେହି କାରଣରୁ ଏହି ହତ୍ୟା କାର୍ଯ୍ୟରେ ପାପର ଉତ୍ପତ୍ତି ହୁଏ ନାହିଁ ।

ଯେପରି ପରଶୁରାମ ମାତା ଆଉ ଭ୍ରାତାଙ୍କୁ ବଧ କଲେ, ଅର୍ଜୁନ ଗୁରୁଜନଙ୍କୁ ବଧ କଲେ, ହନୁମାନ ଲଙ୍କା-ଦହନ ସମୟରେ ସ୍ତ୍ରୀ, ବାଳକ, ପଳାୟିତ, ନିଦ୍ରିତ ବ୍ୟକ୍ତିଙ୍କୁ ପୋଡ଼ି ମାରିଥିଲେ । ଏହିସବୁ ନୈତିକତା ଦୃଷ୍ଟିରେ ପାପ ହୋଇପାରେ, କିନ୍ତୁ ଏହି କର୍ମ ଭଗବତ୍ ପ୍ରେରଣାରେ ସମ୍ପାଦିତ ହୋଇଥିବାରୁ ଏହା ପରମ ଧର୍ମରେ ପରିଣତ ହୋଇଥିଲା । କର୍ତ୍ତୃତ୍ୱାଭିମାନ ନ ଥିଲେ କର୍ମ ହୁଏ ନିଷ୍କର୍ମ । ଯେବେ ପ୍ରେରକ ଭଗବାନ୍, କରିବା ବ୍ୟକ୍ତି ଯଦି ଆତ୍ମସ୍ଥ ଏବଂ ଯନ୍ତ୍ର ତେବେ ଯନ୍ତ୍ରକୁ କର୍ମର ଦୋଷଗୁଣ ସ୍ପର୍ଶ ବା କରିବ କିପରି ? ଯେପର୍ଯ୍ୟନ୍ତ ମନୁଷ୍ୟ ଅଧ୍ୟାତ୍ମ-ଚେତନା ପ୍ରାପ୍ତ କରି ଆତ୍ମାରେ ବାସ ନ କରିଛି, ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଯଥାର୍ଥ ଦୃଷ୍ଟି ପ୍ରାପ୍ତ ନ କରିଛି, ସେପର୍ଯ୍ୟନ୍ତ ସେ କେତେ ବଡ଼ ନୈତିକ ଆଦର୍ଶର କାମ କରୁ ନା କାହିଁକି, ତାହା ଭଗବାନଙ୍କ ସଂକଳ୍ପର ବିରୋଧ ହୋଇପାରେ । ସେହି ସତ୍-କର୍ମ ଦ୍ୱାରା ଅଧର୍ମ ମଧ୍ୟ ହୋଇପାରେ ।

କାରଣ ନୀତିବାଦୀର ଅନ୍ତରରେ କାମ, କ୍ରୋଧ, ଲୋଭ, ମୋହ, ମତ୍ସର, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସେ ମାନସିକ ଧର୍ମ-ବିଚାର ଦ୍ୱାରା ଏହି ସବୁର ପ୍ରେରଣା, କାମନା, ବାସନା, ହିଂସା, ଦ୍ୱେଷ ଓ ସ୍ୱାର୍ଥକୁ ଚାପିଦେଇ ବାହ୍ୟକର୍ମ ଓ ବଚନରେ ଅହିଂସା, ସତ୍ୟ ଆଚରଣ କରେ । ଅନ୍ତରରେ ଅସତ୍‌ରେ ବାସ କରି କେବଳ ଶବ୍ଦରେ ସତ୍ୟ କହେ । ବହୁତ ସମୟରେ ଭିତରେ ଚାପ ପଡ଼ିଥିବା ହିଂସା, ସ୍ୱାର୍ଥ, କାମାଦି ପ୍ରବଳ ବେଗରେ ନୈତିକତାକୁ ନିଜ ସ୍ରୋତରେ ଭସାଇ ନେଇଯାଏ । ସେହି ନୀତିବାଦୀ ଦ୍ୱାରା ହୁଏ ପ୍ରବଳ ଅନୀତି । ଯେପର୍ଯ୍ୟନ୍ତ ନୀତିବାଦୀ ଆଧ୍ୟାତ୍ମିକତାରେ ପ୍ରବେଶ ନ କରିଛି, ସେପର୍ଯ୍ୟନ୍ତ ତାହାଦ୍ୱାରା ସ୍ଥାୟୀ ଭାବେ କୌଣସି ସତ୍‌କର୍ମ ସମ୍ପାଦିତ ହେବା ସମ୍ଭବପର ନୁହେଁ । ଆଜି ମଧ୍ୟ ଆମ୍ଭେମାନେ ନୀତିବାଦୀମାନଙ୍କୁ ନିଜ ଚକ୍ଷୁରେ ଦେଖୁଥାଉ । ନୀତିବାଦୀର ବାହ୍ୟକର୍ମ ହୁଏ ତାହାର ଆନ୍ତର ସ୍ଥିତିର ବିପରୀତ; ଯେପରି ଗୋବରରେ ଗଠିତ କଣ୍ଢେଇ ଉପରେ ନାନା ପ୍ରକାର ରଙ୍ଗରେ ରୂପ ଅଙ୍କନ କରି ସୁନ୍ଦର କରି ଦିଆହୋଇଥାଏ ।

କିନ୍ତୁ ଅଧ୍ୟାତ୍ମବାଦୀ ସତ୍ୟ ଓ ଆତ୍ମାରେ ବାସ କରେ । ସର୍ବ ସ୍ଥାନରେ ଆତ୍ମ-ସ୍ୱରୂପ ଭଗବାନଙ୍କୁ ଦେଖେ । ନିଜେ

ଆତ୍ମ-ସ୍ୱରୂପ ହୋଇଥିବାରୁ ସମସ୍ତ ପ୍ରାଣୀ ମଧ୍ୟରେ ସେ ନିଜକୁ ଦେଖେ ଏବଂ ନିଜ ମଧ୍ୟରେ ସମସ୍ତ ଜଗତକୁ ଦେଖେ । ସୁତରାଂ ତାହାର ଶତ୍ରୁ-ମିତ୍ର ଆସିବେ କେଉଁଠୁ ? ରାଗ ଦ୍ୱେଷାଦି ହେବ କାହା ପ୍ରତି ? ସ୍ୱାର୍ଥସିଦ୍ଧି ହେବ କାହା ସକାଶେ ? ତାହାଠାରୁ ଭିନ୍ନ ଯଦି କେହି ଥିବ ତେବେ ନା ? ସେ ତ' ଆତ୍ମ-ଜ୍ଞାନରେ ପ୍ରାଣୀ ସହିତ ଏକ ଓ ଅଭିନ୍ନ । ତାହାର ପ୍ରତ୍ୟେକ କାର୍ଯ୍ୟ ହୁଏ ଭଗବାନଙ୍କ ସଂକଳ୍ପ ଓ ତାଙ୍କ ନିର୍ଦ୍ଦେଶରେ । ବାହ୍ୟ ଦୃଷ୍ଟିରେ ତାହାଦ୍ୱାରା ଯଦି ନୈତିକ ବିରୋଧୀ ହିଂସା ଆଦି କାର୍ଯ୍ୟ ଦେଖାଯାଏ ସେଥିରେ ତାହାର ବ୍ୟକ୍ତିଗତ ଅଭିପ୍ରାୟ ନ ଥାଏ । କାରଣ ସେ ଅହଂଯୁକ୍ତ ପୃଥକ୍ ବ୍ୟକ୍ତି ନ ଥାଏ । ଆତ୍ମ-ଜ୍ଞାନରେ ସଙ୍ଗେ ସଙ୍ଗେ ଅହଂଯୁକ୍ତ ବ୍ୟକ୍ତିତ୍ୱ ନଷ୍ଟ ହୋଇଯାଇଥାଏ । ବ୍ରଜ-ବ୍ରାହ୍ମଣୀ ଗୋପୀଗଣ ଏବଂ ବ୍ରଜ-ଯାଜ୍ଞିକ ବିପ୍ରମାନଙ୍କ ଚରିତ୍ରରୁ ଆଧ୍ୟାତ୍ମିକତା ଓ ନୈତିକତାରେ ପାର୍ଥକ୍ୟ ଆମ୍ଭେମାନେ ଦେଖିପାରିବା ।

ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ବ୍ରଜର ଯାଜ୍ଞିକ ବ୍ରାହ୍ମଣମାନେ ଥିଲେ ସଦାଚାରୀ, କର୍ମନିଷ୍ଠ ଓ ବେଦପାଠୀ; ଯଜ୍ଞ ଓ ହୋମ କାର୍ଯ୍ୟରେ ନିପୁଣ । କିନ୍ତୁ ସେମାନଙ୍କର ସମସ୍ତ କର୍ମ ଆଡ଼ମ୍ବରଶୂନ୍ୟ କଠୋର ନୈତିକ ବିଧାନାନୁସାରେ ପାଳିତ ହେଉଥିଲା ।

ଶ୍ରୀକୃଷ୍ଣ ଭଗବାନ୍ ମନୁଷ୍ୟରୂପେ ଅବତାର ନେଇ କଂସ ଭୟରେ ମଥୁରାରୁ ଆସି ନନ୍ଦ ଓ ଯଶୋଦାଙ୍କୁ ପିତାମାତା ରୂପେ ସ୍ୱୀକାର କରି ତାଙ୍କ ଦ୍ୱାରା ଲାଳିତ-ପାଳିତ ହୋଇଥିଲେ । ନନ୍ଦ ଥିଲେ ଗୋପାଳ । ତାଙ୍କ କୁଳ-ଧର୍ମ ଅନୁସାରେ ପରଂବ୍ରହ୍ମ ପରମାତ୍ମା ଭକ୍ତ ଭାବରେ ବଶୀଭୂତ ହୋଇ ଭକ୍ତମାନଙ୍କୁ ଉଦ୍ଧାର ଓ ପ୍ରେମ ପ୍ରଦାନ କରିବା ସକାଶେ ଗୋ-ଚାରଣ ଲୀଳା ଆରମ୍ଭ କଲେ । ଦିନେ ନିଜ ସଖା ଗୋପ ବାଳକମାନଙ୍କ ସଙ୍ଗେ ଗୋରୁ ଚରାଇ ବହୁଦୂରକୁ ଚାଲିଗଲେ । ସଖାମାନଙ୍କ ସହ ନିଜେ କ୍ଷୁଧାରେ ପ୍ରପୀଡ଼ିତ ହୋଇ ସଖାମାନଙ୍କୁ କହିଲେ, ''ଆମ୍ଭେମାନେ ବହୁତ ଦୂର ଚାଲି ଆସିଛୁ; ଘରୁ ଭୋଜନ ଆଣିବା ସମ୍ଭବ ନୁହେଁ । ତୁମ୍ଭେମାନେ ଏହି ଯଜ୍ଞ-ଧୂମକୁ ଲକ୍ଷ୍ୟ କରି ସେଠାକୁ ଯାଅ । ସେଠାରେ ବେଦଜ୍ଞ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି; ସେମାନଙ୍କଠାରୁ ଆମ୍ଭମାନଙ୍କ ସକାଶେ ଅନ୍ନଭିକ୍ଷା କରି ଆଣ ।''

ଶ୍ରୀକୃଷ୍ଣଙ୍କ ଆଜ୍ଞାନୁସାରେ ଗୋପ ବାଳକମାନେ ଯାଇ ବ୍ରାହ୍ମଣମାନଙ୍କୁ ଅଭିବାଦନ କରି ଶ୍ରୀକୃଷ୍ଣଙ୍କ କ୍ଷୁଧା-ପ୍ରପୀଡ଼ିତ ଅବସ୍ଥା ବର୍ଣ୍ଣନା କରି ତାଙ୍କ ସକାଶେ ଭୋଜନ ପ୍ରାର୍ଥନା କଲେ । ବ୍ରାହ୍ମଣମାନେ କର୍ମରେ ତତ୍ପର । କର୍ମର କଠୋର ବିଧି-ବିଧାନରେ ସେମାନଙ୍କ ମନ ଆବଦ୍ଧ ଏବଂ ଅନ୍ତର୍ଦୃଷ୍ଟି ଓ ଅନ୍ତର-ପ୍ରେରଣାର ଅଭାବ । ଫେରେ କର୍ମର ଆରାଧ୍ୟ, ପରମ ଫଳ, ଆତ୍ମାର ଆତ୍ମା ଭଗବାନଙ୍କୁ ଚିହ୍ନିବ କିଏ ! କର୍ମନିଷ୍ଠ ବ୍ୟକ୍ତିଙ୍କର ବାହ୍ୟ-କର୍ମ ଓ ବାହ୍ୟ-ଦୃଷ୍ଟି ଛଡ଼ା ଅନ୍ୟ କ'ଣ ? ଯଦ୍ୟପି ଭଗବାନଙ୍କ ଶ୍ରୀମୁଖର ପରାବାଣୀ, ତାଙ୍କ ସଖା ପରମ ଭାଗବତ ଗୋପ ବାଳକମାନଙ୍କ ଦ୍ୱାରା ସେମାନେ ଶୁଣିଲେ ଏବଂ ସେହି ନିତ୍ୟ ମୁକ୍ତ ଗୋଲୋକବାସୀଙ୍କ ଦର୍ଶନ ପାଇଲେ, ତଥାପି ତାହା ସେମାନଙ୍କ ନୈତିକ କର୍ମକାଣ୍ଡ ରୂପକ କଠୋର ପ୍ରାଚୀରକୁ ଭେଦକରି ତତ୍କ୍ଷଣାତ୍ କାର୍ଯ୍ୟ କରିପାରିଲା ନାହିଁ । ସେମାନଙ୍କ ହୃଦୟର ଆବରଣ ତତ୍କ୍ଷଣାତ୍ ଦୂରୀଭୂତ ହେଲା ନାହିଁ । ଆବରଣ ଯୋଗୁଁ ଆନ୍ତର ଦୃଷ୍ଟିର ଉନ୍ମୋଚନ ସକାଶେ ଭଗବାନଙ୍କ ବିଶେଷ କୃପାର ପ୍ରୟୋଜନ ହେଲା । ସେମାନଙ୍କର ଯଜ୍ଞ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ବ୍ରାହ୍ମଣମାନେ ଭୋଜନ କରି ନ ଥିଲେ, ଫେରେ ଗୋପ ବାଳକଙ୍କୁ ଅନ୍ନ ଦେବେ କିପରି ? ଯଦି ଦିଅନ୍ତି ତେବେ ଶାସ୍ତ୍ର-ନିୟମ ଅନୁସାରେ ଯଜ୍ଞକର୍ମ ଅଶୁଦ୍ଧ ହେବ । ସେମାନେ ଗୋପ ବାଳକଙ୍କ ପ୍ରାର୍ଥନା ଶୁଣି ନ ଶୁଣିଲା ପରି ନିଜ କର୍ମରେ ତତ୍ପର ରହିଲେ । ଗୋପ ବାଳକମାନେ ନିରାଶ ହୋଇ କିଛି ସମୟ ପରେ ଦୁଃଖରେ ଫେରି ଆସିଲେ । ସେମାନଙ୍କର ନିଜ ସକାଶେ ଚିନ୍ତା ନ ଥିଲା କିନ୍ତୁ ହୃଦୟ-ବିଦାରକ ଚିନ୍ତା ଥିଲା କ୍ଷୁଧା-ପୀଡ଼ିତ ଶ୍ରୀକୃଷ୍ଣ ଓ ବଳରାମଙ୍କ ସକାଶେ, ସେମାନଙ୍କ ପ୍ରାଣର ଆରାଧ୍ୟ ଦେବତା, ପରମ ପ୍ରିୟ, ଯେ କି ବ୍ରାହ୍ମଣଙ୍କ ଅନ୍ନକୁ ପ୍ରତୀକ୍ଷା କରି ବସି ଅଛନ୍ତି ।

ଶ୍ରୀକୃଷ୍ଣଙ୍କ ଚରଣରେ ସମସ୍ତ ଘଟଣା ନିବେଦନ କଲେ । ଶ୍ରୀକୃଷ୍ଣ ଭକ୍ତ-ବଶ ହୋଇ ଜୀବକୁ ଉଦ୍ଧାର କରିବା ସକାଶେ ମନୁଷ୍ୟ ଶରୀର ଧାରଣ କରି ପୃଥିବୀକୁ ଆସିଛନ୍ତି । ଜୀବ ନାନା ପ୍ରକାର ମୋହଗ୍ରସ୍ତ ହୋଇ ଭଗବାନଙ୍କୁ ଭୁଲି ଯାଏ କିନ୍ତୁ ଭଗବାନ୍ ଜୀବର ଦୁର୍ବଳତା ପ୍ରତି ଦୃଷ୍ଟି ନ ଦେଇ ନିଜ କରୁଣାରେ ବଶୀଭୂତ ହୋଇ ତାକୁ ବାରଂବାର ଜାଗ୍ରତ କରାନ୍ତି । ନାନା ରୂପେ ତା' ଦ୍ୱାରରେ ପହଞ୍ଚି ତା' ଘର ମଧ୍ୟରେ ପ୍ରବେଶ କରିବାକୁ ଚାହାନ୍ତି । କିନ୍ତୁ ଜୀବ ତ ସାଧାରଣ

ନୁହେଁ, ସେ ବି ନିଜ ମଧ୍ୟରେ ପ୍ରବେଶ କରାଇ ନ ଦେବା ଉଦ୍ଦେଶ୍ୟରେ କାମ, କ୍ରୋଧ, ଲୋଭ, ମୋହ, ପରିବାର-ଆସକ୍ତି ଓ କର୍ମ-କଠୋରତା ରୂପ କବାଟକୁ ଦୃଢ଼ପୂର୍ବକ କିଳି ରଖିଥାଏ । ଭଗବାନଙ୍କ କୃପା ପ୍ରବେଶ କରିବା ପାଇଁ ତିଳେ ହେଲେ ମାର୍ଗ ନ ଥାଏ । ଭଗବାନ୍ ଚାହାନ୍ତି, କୌଣସିମତେ ନିଜ କୃପାବାରି ଦ୍ୱାରା ଜାଗତିକ ତ୍ରିତାପ-ପୀଡ଼ିତ ଜୀବ-ହୃଦୟକୁ ଶୀତଳ କରିବେ । ସୁତରାଂ ସେ ନିଜେ ମନୁଷ୍ୟ ରୂପେ ଅବତାର ନେଇ ପିତା, ମାତା, ବନ୍ଧୁ, ସଖା, ଗୁରୁ ଏବଂ କେବେ କେବେ ଚାକରରୂପେ ପ୍ରାପ୍ତ ହୁଅନ୍ତି । ଜୀବ ଯେଉଁ ଅଜ୍ଞାନ ସ୍ତରରେ ଅଛି, ତାକୁ ତହିଁରୁ ଉଦ୍ଧାର କରିବା ସକାଶେ ଭଗବାନ୍ ସ୍ୱୟଂ ସେହି ସ୍ତରକୁ ନିଜ ଦୟା ପରବଶରେ ଉତରି ଆସନ୍ତି । ମନୁଷ୍ୟର ଦୁର୍ବଳତା, ଅଜ୍ଞାନ ଆବରଣକୁ ସ୍ୱୀକାର କରନ୍ତି । ଅଜ୍ଞାନ ମନୁଷ୍ୟ ଅପ୍ରକାଶିତ ମନରେ ଚାଳିତ ହୋଇ ମୋହରେ ଯେପରି କର୍ମ କରେ ପରମ ଜ୍ଞାନ-ସ୍ୱରୂପ ଭଗବାନ୍ ସେହି ପରମ ଜ୍ଞାନରେ ବାସ କରି ଅଜ୍ଞାନ-ପରଦାର ପଶ୍ଚାତରେ ବାହ୍ୟତଃ ଅଜ୍ଞାନ ମନୁଷ୍ୟ ପରି ମଧ୍ୟ କର୍ମ କରନ୍ତି । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ମନୁଷ୍ୟର ସାଧର୍ମ ସ୍ୱୀକାର କରନ୍ତି । ଅଜ୍ଞାନୀ ମନୁଷ୍ୟ ଯେଉଁ ଭାଷା ବୁଝିପାରେ ପରାବାଣୀର ସ୍ୱାମୀ ଭଗବାନ୍ ମଧ୍ୟ ସେହି ଭାଷା ପ୍ରୟୋଗ କରନ୍ତି । ମୋହଗ୍ରସ୍ତ ଜୀବ ଭଗବାନଙ୍କୁ ନିନ୍ଦା କରେ, ଶାସ୍ତ୍ରକୁ ଅବିଶ୍ୱାସ କରେ । ଭଗବାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରେ ଓ ପାଖଣ୍ଡମାର୍ଗ ପ୍ରସାର କରେ । କିନ୍ତୁ ଭଗବାନ୍ ନିଜ କରୁଣା ଗୁଣରେ ଦ୍ରବିତ ହୋଇ ଜୀବର ଦୋଷ ନ ଦେଖି ନିଜେ ଏବଂ ନିଜ ଭକ୍ତଙ୍କ ଦ୍ୱାରା ମୋହ-ଗ୍ରସ୍ତ ଜୀବକୁ ଉଦ୍ଧାର କରିବାର ପ୍ରୟାସ କେବେ ବି ଛାଡ଼ନ୍ତି ନାହିଁ । ଫେରେ କର୍ମକାଣ୍ଡୀ ବ୍ରାହ୍ମଣଙ୍କୁ ଉଦ୍ଧାର ନ କରି ଛାଡ଼ନ୍ତେ କିପରି ? ସେଥିପାଇଁ ଅନ୍ୟ ଉପାୟ ରଚନା କଲେ ।

ଭଗବାନ୍ ଜୀବକୁ ବାରଂବାର କୃପା କରନ୍ତି । ତାହାଫଳରେ ଜୀବର ମୋହ ଆବରଣ କ୍ରମଶଃ ପତଳା ହୁଏ । ଶେଷରେ ଏକେବାରେ ପତଳା ହେବା ପରେ ଅଥବା ପୂର୍ଣ୍ଣରୂପେ ଦୂର ହେବା ପରେ ସେ ଭଗବାନଙ୍କୁ ଉପଲବ୍ଧି କରିପାରେ । ତାଙ୍କ କୃପା କେବେ ବି ବ୍ୟର୍ଥ ହୁଏ ନାହିଁ । ବ୍ରାହ୍ମଣଙ୍କ ପ୍ରତି ଗୋପ ବାଳକମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରଥମ କୃପା ପ୍ରେରିତ ହୋଇଥିଲା ଏବଂ ତାହା ସେମାନଙ୍କ ଅଜ୍ଞାତରେ ମୋହ-ଆବରଣକୁ କେତେକ ପରିମାଣରେ ପତଳା କରି ଦେଇଥିଲା । ବାକି ଥିବା ଆବରଣ ସକାଶେ ଗୋପବାଳକମାନଙ୍କ ଦ୍ୱାରା ସେମାନଙ୍କ ପତ୍ନୀମାନଙ୍କ ପାଖକୁ ନିଜ କୃପାଶକ୍ତି ପୁନର୍ବାର ପ୍ରେରଣ କଲେ ।

ଶ୍ରୀକୃଷ୍ଣ ତାଙ୍କ ସଖାମାନଙ୍କୁ କହିଲେ,''ଏଥର ତୁମ୍ଭମାନଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ । ତୁମ୍ଭେମାନେ ସେହି ଯାଜ୍ଞିକ ବିପ୍ରପତ୍ନୀମାନଙ୍କଠାରୁ ମୋ ସକାଶେ ଭୋଜନ ନେଇ ଆସ ।'' ଗୋପବାଳକମାନେ ଯାଇ ବିପ୍ର-ପତ୍ନୀମାନଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସନ୍ଦେଶ କହିବା ମାତ୍ରେ ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ଉନ୍ମତ୍ତ-ପ୍ରାୟ ହୋଇଗଲେ । ହୃଦୟର ପ୍ରେମ-ସ୍ରୋତରେ ପୁରାତନ ସଂସ୍କାର-ନୀତିର କଠୋରତା ଅନାୟାସରେ ଦୂର ହୋଇଗଲା ଏବଂ ସାମାଜିକ ଶୃଙ୍ଖଳା ମଧ୍ୟ ଛିନ୍ନ ଭିନ୍ନ ହୋଇଗଲା । ସେମାନେ ଏହି ଜନ୍ମର ଓ ଜନ୍ମଜନ୍ମାନ୍ତରର ପୁଣ୍ୟକର୍ମର ପରମ ଫଳ ପାଇଗଲେ । ନାନା ପ୍ରକାର ବ୍ୟଞ୍ଜନ ସହ ଭୋଜନ-ସାମଗ୍ରୀ ନେଇ ଗୋପ ବାଳକମାନଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ଦର୍ଶନକୁ ବାହାରିଲେ । ନୀତିର ଖିଲାପ ହେବା ଦେଖି ବ୍ରାହ୍ମଣମାନେ ସେମାନଙ୍କୁ ଯିବାକୁ ନିଷେଧ କଲେ । ସେମାନଙ୍କ ଆଜ୍ଞା ଲଂଘନ କରି ପରମ ଆନନ୍ଦ ସହ ପରମ ପ୍ରେମରେ ଆକର୍ଷିତ ହୋଇ ଜୀବନର ଶ୍ରେଷ୍ଠନିଧି ଶ୍ରୀକୃଷ୍ଣ ଦର୍ଶନ ଉଦ୍ଦେଶ୍ୟରେ ସେମାନେ ଅଗ୍ରସର ହେଲେ । ପତିବ୍ରତା କୁଳାଙ୍ଗନାମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ପତିଆଜ୍ଞା ପାଳନ କରିବା । ପତି-ଆଜ୍ଞା-ଭଙ୍ଗର ପରିଣାମ ପାପ ଏବଂ ତାହାର ଫଳ ନରକ । ପତିବ୍ରତା ଧର୍ମ ପାଳନ, ପତି-ଆଜ୍ଞା ପାଳନ କରିବା ଅର୍ଥ ଏପରି ନୁହେଁ ଯେ ପତ୍ନୀ ଜଡ଼ ମେସିନ୍ ପରି ତାହାର ଜୀବନର ପରମ ଫଳ ଭଗବତ୍ ପ୍ରାପ୍ତିର ବିରୋଧୀ ଆଜ୍ଞା ଶିରୋଧାର୍ଯ୍ୟ କରୁଥିବ । ପତିବ୍ରତା ଧର୍ମର ଅର୍ଥ ଭଗବତ୍ ପ୍ରାପ୍ତ କରିବା ସକାଶେ ସେ ପତିବ୍ରତା ଧର୍ମ ପାଳନ କରେ । ପରମ ପତି ଭଗବାନଙ୍କୁ ପ୍ରାପ୍ତ କରିବାରେ ପୂର୍ବ ଆଚରିତ କର୍ମ ଯଦି ବିରୋଧୀ ନ ହୁଏ, ତେବେ ତାକୁ ସେ ତ୍ୟାଗ ନ କରି ପରମ ସହାୟକରୂପେ ରଖେ । ଉଦାହରଣ ସ୍ୱରୂପ ପତି ବିଦେଶରେ ଥିବା ସମୟରେ ତାଙ୍କ ପ୍ରତିନିଧିରୂପେ ତାଙ୍କ ଫଟୋକୁ ପତ୍ନୀ ପୂଜା କରେ । ଅସଲ ପତି ଆସିବା ପରେ ତାଙ୍କ ପୂଜାରେ ଫଟୋ ଯଦି କିଛି ବାଧା ନ ଦିଏ ତେବେ ପତିଙ୍କ ଫଟୋ ବୋଲି ତାହାକୁ

ସମ୍ମାନ-ପୂର୍ବକ ରଖେ । କିନ୍ତୁ ଅସଲ ପତିଙ୍କ ପୂଜା ଫଟୋରେ ସୀମିତ ହେଲେ ପତିବ୍ରତା ସ୍ତ୍ରୀର କର୍ତ୍ତବ୍ୟ କ'ଣ ହେବ ? କ'ଣ ସେ ଫଟୋର ଆଜ୍ଞା ପାଳନ କରି ଯଥାର୍ଥ ପତିସେବାରୁ ବଞ୍ଚିତ ହୋଇ ତାଙ୍କୁ ଅପମାନିତ କରିବ ନା ଫଟୋର ଆଜ୍ଞା ଅବମାନନା କରିବ ? ଯଥାର୍ଥରେ ପତିର ପତି ପରମପତି ଭଗବାନ୍ । ସେ ଅବିନାଶୀ, ଜନ୍ମ ଜନ୍ମାନ୍ତରର ସାଥୀ । ତାଙ୍କୁ ପ୍ରାପ୍ତ କରିବା ସକାଶେ ତାଙ୍କ ପ୍ରତିନିଧି ସ୍ୱରୂପ ଅସ୍ଥାୟୀ ଫଟୋକୁ ମନୁଷ୍ୟ ପୂଜା କରେ ଏବଂ ତାଙ୍କୁ ପ୍ରାପ୍ତ କରିବା ସକାଶେ ମନୁଷ୍ୟ ନାନା ପ୍ରକାର କର୍ମ କରେ । ପ୍ରତ୍ୟେକ ପ୍ରାଣୀ ତାହାର ମୂଳ ସ୍ୱରୂପରେ ଭଗବାନଙ୍କ ସଙ୍ଗେ ଏକ । ଏହି ସଂସାରକୁ ଆସି ମନ, ପ୍ରାଣ, ଶରୀର ସଙ୍ଗେ ଏକାତ୍ମ ହୋଇଯିବାରୁ ସେ ନିଜ ନିତ୍ୟ ସ୍ୱରୂପ ଭଗବାନଙ୍କୁ ଭୁଲି ଯାଇ ମୋହ-ବଶରେ ନାନା ପ୍ରକାର ଶୁଭ-ଅଶୁଭ କର୍ମ କରୁଅଛି । ସୁତରାଂ ତାହାର ଯଥାର୍ଥ ଲକ୍ଷ୍ୟ ନୈତିକାଦି ଧର୍ମକୁ ଅବଲମ୍ବନ କରି ଭାଗବତ ଧର୍ମରେ ପହୁଞ୍ଚିବା ଅର୍ଥାତ୍ ଭଗବାନଙ୍କୁ ପ୍ରାପ୍ତ ହେବା । ଯେତେବେଳେ ସେ ଆଧ୍ୟାତ୍ମିକତାରେ ପହୁଞ୍ଚେ, ଭଗବାନଙ୍କୁ ପ୍ରାପ୍ତ ହୁଏ, ସେତେବେଳେ ଏହି ନୈତିକ କର୍ମ ଯଦି ବାଧକ ନ ହୁଏ, ତେବେ ଆଧ୍ୟାତ୍ମିକ ସାଧକ ତାକୁ ସ୍ୱୀକାର କରେ, ବାଧକ ହେଲେ ଅବିଳମ୍ବେ ତ୍ୟାଗ କରେ ।

ଭଗବତ୍ ବିରୋଧ ଜାଣି ରାଜା ବଳି ନିଜ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଜ୍ଞା ଲଂଘନ କଲେ । ପ୍ରହ୍ଲାଦ ପିତାଙ୍କ ଆଜ୍ଞାର ବିରୁଦ୍ଧାଚରଣ କଲେ । ଗୋପୀମାନେ ନିଜ ପତି-ଆଜ୍ଞାକୁ ଅବଜ୍ଞା କରି ଭଗବାନଙ୍କୁ ପ୍ରାପ୍ତ କଲେ । ଭଗବାନଙ୍କୁ ପ୍ରାପ୍ତ ହେବାର ବାଧା ସ୍ୱରୂପ ନୈତିକାଦି ଧର୍ମକୁ ସେମାନେ ତ୍ୟାଗ କରିଥିବା ସତ୍ତ୍ୱେ ସେମାନେ ଆଜି ଜଗତରେ ପୂଜ୍ୟ । ଯଦି ଭଗବତ୍ ପ୍ରାପ୍ତି ସକାଶେ ନୈତିକତାକୁ ତ୍ୟାଗ କଲେ ପାପ ହୁଅନ୍ତା ତେବେ ଆଜି ଏମାନଙ୍କ ନାମ ପର୍ଯ୍ୟନ୍ତ କେହି ସ୍ମରଣ କରନ୍ତା ନାହିଁ ।

ଭକ୍ତ ଦୁଇ ପ୍ରକାରର । ଏକ ପ୍ରବୃତ୍ତି ମାର୍ଗର, ଅନ୍ୟ ନିବୃତ୍ତି ମାର୍ଗର । ପ୍ରବୃତ୍ତି ମାର୍ଗର ସାଧକ ଭଗବତ୍ ଉଦ୍ଦେଶ୍ୟରେ ନୀତି ଧର୍ମ ଅନୁସାରେ ପିତାମାତା, ଗୋ-ବ୍ରାହ୍ମଣ, ଦେବତା, ପିତର ସେବା କର୍ମ ଦ୍ୱାରା ଭଗବାନଙ୍କୁ ଆରାଧନା କରେ ଏବଂ ଭଗବତ୍ ପ୍ରାପ୍ତି କରିବା ପରେ ମଧ୍ୟ ଏହିସବୁ କର୍ମ ବାଧକ ନ ହେଲେ ଏହାକୁ ତ୍ୟାଗ କରେ ନାହିଁ । ଏହିସବୁ କର୍ମ ଭଗବତ୍ ଭକ୍ତିରେ ଯେତେବେଳେ ବାଧକ ହୁଏ ତତ୍କ୍ଷଣାତ୍ ସେ ସବୁକୁ ତ୍ୟାଗ କରିଦିଏ । ପ୍ରବୃତ୍ତି ମାର୍ଗର ଭକ୍ତ — ବିଭୀଷଣ, ରାଜା ବଳି, ପ୍ରହ୍ଲାଦ, ମୀରାବାଈ, ରାଣୀ ରତ୍ନାବତୀ ଇତ୍ୟାଦି । ନିବୃତ୍ତି ମାର୍ଗର ସାଧକର ଭଗବତ୍ ପ୍ରାପ୍ତି ସକାଶେ ତୀବ୍ର ବୈରାଗ୍ୟ ହେବା ମାତ୍ରେ ସେ ଗୃହ, ସଂସାର, ସମାଜ, ପିତା, ମାତା, ଦେବତା, ପିତର ସେବାଦି ତ୍ୟାଗକରି ଭଗବତ୍ ଆରାଧନା ଉଦ୍ଦେଶ୍ୟରେ ସନ୍ନ୍ୟାସ ଗ୍ରହଣ କରେ । ସମାଜର ଧର୍ମାନୁସାରେ ପିତାମାତାଙ୍କର ଶ୍ରାଦ୍ଧାଦି, ଯେଉଁ କର୍ମ ନ କଲେ ବ୍ୟକ୍ତି ପତିତ ହୁଏ, ନିବୃତ୍ତି ମାର୍ଗର ସାଧକ ସନ୍ନ୍ୟାସ ଗ୍ରହଣ କରିବା ପରେ ସେହି କର୍ମ କଲେ ପତିତ ହୁଏ । ଅଧ୍ୟାତ୍ମ-ସାଧକ ସକାଶେ ନୈତିକ ନିୟମ ପାଳନ କରିବା ଅନିବାର୍ଯ୍ୟ ନୁହେଁ ।

ଜଣେ ବ୍ରାହ୍ମଣ ବଳପୂର୍ବକ ତା' ସ୍ତ୍ରୀକୁ ଘରେ ରଖି ଦ୍ୱାରା ବନ୍ଦ କରିଦେଲା । ସେ ଦୁଃଖରେ ବନ୍ଦୀହୋଇ ଭଗବାନଙ୍କୁ ଆର୍ତ୍ତ ହୃଦୟରେ ପ୍ରାର୍ଥନା କଲା । ତାହାର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇଗଲା । ତାହାର ଚେତନା ଭଗବାନଙ୍କ ରୂପ-ମାଧୁରୀରେ ରମଣ କରିବାକୁ ଲାଗିଲା । ସେ ତାହାର ଭୌତିକ ଶରୀର ତ୍ୟାଗକରି ଅନ୍ୟ ବିପ୍ରପତ୍ନୀମାନଙ୍କ ପହୁଞ୍ଚିବା ପୂର୍ବରୁ ଭଗବାନଙ୍କ ସାନ୍ନିଧ୍ୟକୁ ପ୍ରାପ୍ତହୋଇ ଚିର ଅଭିଳଷିତ ଆଶା ପୂର୍ଣ୍ଣ କଲା ।

ସମସ୍ତ ବିପ୍ର-ପତ୍ନୀ ଭଗବାନଙ୍କ ରୂପ-ମାଧୁରୀ ସୁଧା-ସମୁଦ୍ରରୁ ସେମାନଙ୍କ ଜନ୍ମ-ଜନ୍ମାନ୍ତରର ତୃଷିତ ନେତ୍ର ପାନକରି ତୃପ୍ତ ହେଲେ ନାହିଁ । ସେମାନେ ଚାହୁଁଥିଲେ ସେମାନଙ୍କ ନେତ୍ର ଏହି ରୂପ-ସୁଧା ନିରନ୍ତର ପାନ କରୁଥାଉ । କିନ୍ତୁ ଭଗବାନଙ୍କ ବିଧାନ ଥିଲା ଭିନ୍ନ । ଭକ୍ତ-ବତ୍ସଳ ଭଗବାନ୍ ସେମାନଙ୍କ ପ୍ରେମକୁ ସମ୍ମାନ କରି ଗୃହକୁ ଫେରିଯିବାକୁ ଆଜ୍ଞା ଦେଲେ । ସେମାନେ ଗୃହ, ପରିବାର, ପତି ଓ ପୁତ୍ର ତ୍ୟାଗ କରି, ପ୍ରେମରେ ବିଭୋର ହୋଇ ଭଗବାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ତଥାପି ଭଗବାନ ସେମାନଙ୍କ ପତିମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ, ସେମାନଙ୍କ ଇଚ୍ଛା ନ ଥିବା ସତ୍ତ୍ୱେ ସେମାନଙ୍କୁ ଘରକୁ ଫେରିଯିବାକୁ ଆଜ୍ଞା ଦେଲେ । ପ୍ରଥମେ କୃପା କରିଥିଲେ ନିତ୍ୟମୁକ୍ତ ଗୋଲୋକବାସୀ ଚିରସଖା ଗୋପବାଳକମାନଙ୍କ ଦ୍ୱାରା । ସେ ସମୟରେ ଏମାନଙ୍କ ଚେତନା ଓ ବ୍ରାହ୍ମଣମାନଙ୍କ ଚେତନା

ମଧ୍ୟରେ ବିଶେଷ ଅନ୍ତର ଥିଲା, ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନେ ଭଗବତ୍ କୃପା ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଅସମର୍ଥ ହେଲେ । ବ୍ରାହ୍ମଣୀମାନେ ବିପ୍ରଙ୍କ ଚେତନା ସ୍ତରର ନିକଟସ୍ଥ ଲୋକ । ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନଙ୍କୁ ନିଜ କୃପା ପ୍ରଦାନ କରି ସେମାନଙ୍କ ମୋହ-ନିଦ୍ରାକୁ ଭଙ୍ଗ କଲେ ଏବଂ ସେମାନଙ୍କ କଠୋର କର୍ମ-ଶୃଙ୍ଖଳାକୁ ଛିନ୍ନ ଭିନ୍ନ କରି ସେମାନଙ୍କ ହୃଦୟରେ ଭଗବତ୍ ପ୍ରେମର ସ୍ରୋତ ପ୍ରବାହିତ କଲେ । ଏହି କାରଣରୁ ବହୁତ ସମୟରେ ଉଚ୍ଚକୋଟୀର ମହାପୁରୁଷମାନେ ନିଜ କୃପାପାତ୍ରଙ୍କୁ ଅନ୍ୟ ପାଖରେ ଦୀକ୍ଷା ନେବାକୁ ଆଜ୍ଞା ଦିଅନ୍ତି ।

ବ୍ରାହ୍ମଣମାନେ ନିଜ ନିଜ ସ୍ତ୍ରୀଙ୍କୁ ଦର୍ଶନ କରିବା ମାତ୍ରେ ଭଗବାନଙ୍କ କୃପାରୁ ସେମାନଙ୍କ ହୃଦୟରୁ ଅନ୍ଧକାର ଦୂର ହୋଇଗଲା । ସେମାନେ ନିଜ ସ୍ତ୍ରୀମାନଙ୍କର ନୈତିକ-ନିୟମ-ଭଙ୍ଗ ବିରୋଧରେ କୌଣସି ଅଭିଯୋଗ ନ କରି ସେମାନଙ୍କୁ ବିଶେଷ କୃତଜ୍ଞତା-ସୂଚକ ବାକ୍ୟରେ ସମ୍ବୋଧନ କରି ସମ୍ମାନ କଲେ ଏବଂ ନିଜକୁ ଭଗବତ୍ ବିମୁଖ ଜାଣି ବହୁତ ଧିକ୍କାର କରି କହିଲେ :

ଧିଗ୍ ଜନ୍ମ ନସ୍ତ୍ରିବୃଦ୍‌ବିଦ୍ୟାଂ ଧିକ୍ ବ୍ରତଂ ଧିଗ୍ ବହୁଜ୍ଞତାମ୍ ।
ଧିକ୍ କୁଲଂ ଧିକ୍ କ୍ରିୟାଦାକ୍ଷ୍ୟଂ ବିମୁଖା ଯେ ତ୍ୱଧୋକ୍ଷଜେ । ୩୯ ।
ନୂନଂ ଭଗବତୋ ମାୟା ଯୋଗିନାମପି ମୋହିନୀ ।
ଯଦ୍‌ବୟଂ ଗୁରବୋ ନୃଣାଂ ସ୍ୱାର୍ଥେ ମୁହ୍ୟାମହେ ଦ୍ୱିଜାଃ । ୪୦ ।
ଅହୋ ପଶ୍ୟତ ନାରୀଣାମପି କୃଷ୍ଣେ ଜଗଦ୍‌ଗୁରୌ ।
ଦୁରନ୍ତଭାବଂ ଯୋଽବିଧ୍ୟନ୍‌ମୃତ୍ୟୁପାଶାନ୍ ଗୃହାଭିଧାନ୍ । ୪୧ ।

ଶ୍ରୀମଦ୍‌ଭାଗବତ – ଦଶମ ସ୍କନ୍ଧ, ୨୩ଶ ଅଧ୍ୟାୟ

ଅର୍ଥାତ୍, ''ଆମ୍ଭମାନଙ୍କ ଜନ୍ମ ବଡ଼ ଉଚ୍ଚ କୁଳରେ ହେବା, ଗାୟତ୍ରୀ ଗ୍ରହଣ କରି ଦ୍ୱିଜାତି ହେବା, ବେଦାଧ୍ୟୟନ କରିବା, ବଡ଼ ବଡ଼ ଯଜ୍ଞ କରିବା, ଏସବୁକୁ ଧିକ୍କାର । ଆମ୍ଭେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଚିହ୍ନି ନ ପାରି, ତାଙ୍କୁ ଭକ୍ତି ନ କରି, ତାଙ୍କ ବିମୁଖ ହେଲୁ; ତେବେ ଏସବୁ କେଉଁ କାର୍ଯ୍ୟରେ ଲାଗିଲା ? ଆମ୍ଭମାନଙ୍କ ବିଦ୍ୟା ବ୍ୟର୍ଥ ହେଲା, ଆମ୍ଭମାନଙ୍କ ବ୍ରତ ନିରର୍ଥକ ହେଲା, ଆମ୍ଭମାନଙ୍କ ବହୁ ଜ୍ଞାନ ଅଜ୍ଞାନରେ ପରିଣତ ହେଲା । ଉଚ୍ଚ ବଂଶରେ ଜନ୍ମହେବା, କର୍ମକାଣ୍ଡରେ ନିପୁଣ ହେବାରେ କୌଣସି ଲାଭ ହେଲା ନାହିଁ ।

''ନିଶ୍ଚୟହିଁ ଭଗବାନଙ୍କ ମାୟା ବଡ଼ ବଡ଼ ଯୋଗୀମାନଙ୍କୁ ମୋହିତ କରିଦିଏ । ଆମ୍ଭେମାନେ ମନୁଷ୍ୟମାନଙ୍କ ଗୁରୁ-ବ୍ରାହ୍ମଣ ହୋଇ ମଧ୍ୟ ଯଥାର୍ଥ ସ୍ୱାର୍ଥ ଏବଂ ପରମାର୍ଥ ସମ୍ବନ୍ଧେ ଏକେବାରେ ଭ୍ରମରେ ପଡ଼ିଗଲୁ । କେତେ ଆଶ୍ଚର୍ଯ୍ୟର ବିଷୟ ! ଏହି ସ୍ତ୍ରୀମାନଙ୍କର ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କ ପ୍ରତି ଅଖଣ୍ଡ ପ୍ରେମ ଓ ଅନୁରାଗ ! ତାହାଦ୍ୱାରା ଏମାନେ ଗୃହ ସଂସାରର ବହୁତ ବଡ଼ ଫାଶ କାଟି ପକାଇଲେ, ଯାହା ମୃତ୍ୟୁ ସଙ୍ଗେ ସଙ୍ଗେ ବି ଦୂର ହୁଏ ନାହିଁ ।'' ଏହାର ପର ଶ୍ଳୋକରେ କହିଛନ୍ତି, ''ଏମାନଙ୍କୁ ପତ୍ନୀରୂପେ ପାଇ ଆମ୍ଭେମାନେ ମଧ୍ୟ ଆଜି ଧନ୍ୟ ହୋଇଗଲୁ ।''

ବ୍ରାହ୍ମଣମାନେ ପଣ୍ଡିତ, ଶାସ୍ତ୍ରଜ୍ଞ ଓ କର୍ମନିଷ୍ଠ ଥିଲେ । ସେମାନେ ସ୍ୱୟଂ ସ୍ୱୀକାର କରନ୍ତି ଯେ, ''ଏହାଦ୍ୱାରା ଆମ୍ଭେମାନେ ଶାସ୍ତ୍ରର ଯଥାର୍ଥ ରହସ୍ୟ ବୁଝି ନାହୁଁ ।'' ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ସମର୍ପଣ ଛଡ଼ା କେବଳ ନୈତିକତା, କର୍ମନିଷ୍ଠା, ଶାସ୍ତ୍ର ଜ୍ଞାନ ଦ୍ୱାରା ପରମଜ୍ଞାନ, ଭକ୍ତି ଏବଂ ଅନ୍ତର ସତ୍ୟ-ଦୃଷ୍ଟି ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟ ନିଜର ଯଥାର୍ଥ କଲ୍ୟାଣ-ମାର୍ଗ ମଧ୍ୟ ନିର୍ବାଚନ କରିପାରେ ନାହିଁ, କିନ୍ତୁ ନୈତିକତା ଏହାର ସହାୟକ ହୋଇପାରେ ।

ବ୍ରାହ୍ମଣମାନଙ୍କୁ ଭଗବତ୍ କୃପା ପ୍ରାପ୍ତ ହେବାର ଦୁଇଟି କାରଣ ଥିଲା । ସେମାନଙ୍କ କର୍ମରେ କୃତ୍ରିମତା ନ ଥିଲା । ଆଉ ସେମାନଙ୍କ ସ୍ତ୍ରୀମାନେ ଭଗବତ୍ ଭକ୍ତା ଥିଲେ । ଭଗବତ୍ ପ୍ରାପ୍ତି ସକାଶେ ସେମାନେ ସଚ୍ଚା ପତିବ୍ରତା ଧର୍ମ ପାଳନ କରୁଥିଲେ । ସେମାନଙ୍କ ସଙ୍ଗ ପ୍ରଭାବରେ ବ୍ରାହ୍ମଣମାନେ ଭଗବତ୍ ଭକ୍ତି ଲାଭକରି ପାରିଥିଲେ ।

ପ୍ରଶ୍ନ ହେବ, ଯେକୌଣସି ବ୍ୟକ୍ତି ଭକ୍ତର ସମ୍ପର୍କରେ ଭଗବାନଙ୍କ କୃପା ପ୍ରାପ୍ତି କରିପାରେ ଏପରି ତ ଦେଖାଯାଇ ନାହିଁ ?

ପେଟ ଭିତରେ ବହୁତ ମଳ ଜମାଥିଲେ ଔଷଧ ବିଶେଷ କାମ କରିପାରେ ନାହିଁ । ଘରର ଦ୍ୱାରକୁ କଳା ମୋଟା ପରଦାରେ ବନ୍ଦ ରଖିଲେ ଆଲୋକ ବିଶେଷ ପ୍ରବେଶ କରିପାରେ ନାହିଁ । ସେହପରି ଚୋରି, ହିଂସାଦି ଅସତ୍ ଆଚରଣ କରି ଭକ୍ତ-ସଙ୍ଗ ପ୍ରାପ୍ତ କଲେ ହଠାତ୍ ବିଶେଷ ଲାଭ ହୁଏ ନାହିଁ । କିନ୍ତୁ ବ୍ରାହ୍ମଣମାନେ ସେପରି ନ ଥିଲେ । ସେମାନେ ନୈତିକ ନିୟମ ଅନୁସାରେ ସଚ୍ଚାଭାବରେ କର୍ମ ସମ୍ପାଦନ କରୁଥିଲେ । କେବଳ ଥିଲା କର୍ମର ଆବରଣ । ପତ୍ନୀମାନଙ୍କ ଦ୍ୱାରା ଭଗବତ୍ କୃପା ପାଇ ତାହା ଦୂରୀଭୂତ ହେଲା । ଯେଉଁମାନେ ନୈତିକତା ନାମରେ ମିଛ କହି ଦଗାବାଜିରେ ଅନ୍ୟକୁ ଠକୁଛନ୍ତି, ସେମାନଙ୍କୁ ନୀତିବାଦୀ କୁହାଯାଏ ନାହିଁ ।

ମନର ବିଚାରରେ ପ୍ରେରିତ ହୋଇ ବିହିତ କର୍ମ କରିବା ନୈତିକତା । ଅନ୍ତର ପ୍ରେରଣାରେ ସତ୍ୟ-ଦୃଷ୍ଟିରେ ଭଗବତ୍ ଯନ୍ତ୍ର ହୋଇ କର୍ମ କରିବା ହେଲା ଆଧ୍ୟାତ୍ମିକତା । ଏହାହିଁ ନୈତିକତା ଏବଂ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ ।

## (୪)

## ଶ୍ରୀ ଅଯୋଧ୍ୟା ଧାମ
## (ଆଶ୍ରମ ଓ ବର୍ଣ୍ଣ-ଧର୍ମ)

ଯେଉଁ ଅଯୋଧ୍ୟାପୁରୀର ମହତ୍ତ୍ୱ ଶିବ, ବ୍ରହ୍ମାଦି ଦେବତା ଗାନ କରୁଅଛନ୍ତି; ବେଦ, ପୁରାଣ ଯାହାର ଭୂରି ଭୂରି ମହିମା ବର୍ଣ୍ଣନା କରୁଅଛନ୍ତି; ଯେଉଁ ଅବଧପୁରୀ ଶ୍ରୀରାମଙ୍କର ଅତ୍ୟନ୍ତ ପ୍ରିୟ; ତୁଳସୀକୃତ ରାମାୟଣରେ ଯାହାକୁ ଶ୍ରୀରାମଚନ୍ଦ୍ର ନିଜ ମୁଖରେ ପ୍ରଶଂସା କରିଅଛନ୍ତି; ସେହି ଅଯୋଧ୍ୟାପୁରୀର ବର୍ଣ୍ଣନା ଏଠାରେ ଯତ୍‌କିଞ୍ଚିତ୍ କରିବାକୁ ଚେଷ୍ଟା କରିବି । ତୁଳସୀ ରାମାୟଣରେ ବର୍ଣ୍ଣିତ ଅଛି :

''ଯଦ୍ୟପି ସବ ବୈକୁଣ୍ଠ ବଖାନା ।
ବେଦ ବିଦିତ ସକଳ ଜଗ ଜାନା ।।
ଅବଧ ସରିସ ପ୍ରିୟ ମୋହି ନ ସୋଉ ।
ଯହ ପ୍ରସଙ୍ଗ ଜାନଇ କୋଉ କୋଉ ।।''

''ଯଦ୍ୟପି ସମସ୍ତ ବୈକୁଣ୍ଠ (ସାକେତ, ଗୋଲୋକ ଇତ୍ୟାଦି) ଶାସ୍ତ୍ରପୁରାଣରେ ବର୍ଣ୍ଣିତ ହୋଇଅଛି, ବେଦରେ ମଧ୍ୟ ପ୍ରସିଦ୍ଧ, ଏହା ସମସ୍ତ ଜଗତ ଜାଣେ ତଥାପି ଅବଧ ତୁଲ୍ୟ ସେ ବୈକୁଣ୍ଠ ସବୁ ମୋ ପ୍ରିୟ ନୁହେଁ । ଏହି ରହସ୍ୟ କେହି କେହି ଜାଣନ୍ତି ।'' ବୈକୁଣ୍ଠଠାରୁ ଶ୍ରୀ ଅବଧ ବିଶେଷ ପ୍ରିୟ ହେବାର କାରଣ, ଏଠାରେ ତାଙ୍କ ଭକ୍ତଙ୍କ ସଙ୍ଗେ ସେ ପିତା, ମାତା, ସଖା ଇତ୍ୟାଦି ଭାବରେ ମାଧୁର୍ଯ୍ୟ ଲୀଳା କରନ୍ତି । ବୈକୁଣ୍ଠରେ କେବଳ ଐଶ୍ୱର୍ଯ୍ୟ । ସେହି ଅବଧପୁରୀ ସମ୍ବନ୍ଧେ ଏହି ଛୋଟ ଲେଖାରେ କିଛି ବର୍ଣ୍ଣନା କରିବା ଏକେବାରେ ବାଳ-ସୁଲଭ ଧୃଷ୍ଟତା ଛଡ଼ା ଆଉ କିଛି ନୁହେଁ । ତଥାପି ମନୁଷ୍ୟ ସ୍ୱଭାବରେ ଏପରି କିଛି ତତ୍ତ୍ୱ ଅଛି, ଯେଉଁ ସକାଶେ ସେ ମଶକର ଆକାଶ ଭ୍ରମଣ ସଦୃଶ ପ୍ରଯତ୍ନ କରିବାରୁ ବିରତ ହୁଏ ନାହିଁ ।

ଭଗବାନ୍ ଯେପରି ଦିବ୍ୟ, ନିତ୍ୟ, ଶାଶ୍ୱତ ସେହିପରି ତାଙ୍କର ଲୀଳାଧାମ ଓ ନାମ ଦିବ୍ୟ, ନିତ୍ୟ ଏବଂ ଶାଶ୍ୱତ । ତାଙ୍କ ଧାମରେ ଦିବ୍ୟ ଲୀଳା ସର୍ବଦା ବର୍ତ୍ତମାନ ଥାଏ । କେବଳ ମନୁଷ୍ୟର ବାହ୍ୟ ଚର୍ମ ଚକ୍ଷୁରେ ତାହା ଦୃଷ୍ଟିଗୋଚର ହୁଏ ନାହିଁ ।

ଯେଉଁ ଅଚିନ୍ତ୍ୟ, ଅଗୋଚର, ମନସାବାଚାତୀତ ପରମବ୍ରହ୍ମ ପରମାତ୍ମାଙ୍କୁ ଯୋଗୀମାନେ ଧ୍ୟାନରେ ପାଆନ୍ତି

ନାହିଁ, ସେହି ବ୍ରହ୍ମ ତ୍ରେତାଯୁଗରେ ଭକ୍ତମାନଙ୍କ ପ୍ରେମ-ପାଶରେ ଆବଦ୍ଧ ହୋଇ ଚକ୍ରବର୍ତ୍ତୀ ମହାରାଜା ଶ୍ରୀ ଦଶରଥଙ୍କ ପଟ୍ଟମହିଷୀ କୌଶଲ୍ୟାଙ୍କ ଗର୍ଭରେ ଅବତାର ନେଇ ତାଙ୍କ କୋଳରେ ଦୁଗ୍ଧପାନ କରିଥିଲେ । ନିଜ ଭାଇ, ସଖା ଓ ଭକ୍ତମାନଙ୍କ ସଙ୍ଗରେ ମୁନି-ମନୋହାରୀ, ମହତ୍, ନର-ଲୀଳା ଯେଉଁ ଅବଧରେ କରିଥିଲେ, ସେହି ମୁନି-ମନୋହାରୀ ଲୀଳାର ଆନନ୍ଦ ଭାଗ୍ୟବାନ୍ ଅବଧବାସୀ ନର-ନାରୀ, ବାଳକ, ବୃଦ୍ଧମାନଙ୍କୁ ପ୍ରାପ୍ତ ହୋଇଥିଲା । ସେ ବାଲ୍ୟ ଅବସ୍ଥାରେ ଭ୍ରାତା, ସଖା ସହିତ ଅବଧ ଗଳିରେ ବିଚରଣ କରିଥିଲେ,ସରଯୁତଟରେ କ୍ରୀଡ଼ା କରିଥିଲେ । ସେହି ପାବନ ପଦରେଣୁ ଆଜି ବି ଶ୍ରୀ ଅବଧରେ ବିଦ୍ୟମାନ । ସେହି ପାବନପୁରୀ ଆଜି ବି ହଜାର ହଜାର ଦୁଃଖ-ତାପ-ପୀଡ଼ିତ ନରନାରୀଙ୍କୁ ନିତ୍ୟ, ଶାଶ୍ୱତ, ଶ୍ରୀସାକେତ, ଦିବ୍ୟଧାମ ପ୍ରଦାନ କରୁଅଛି । ଯଦ୍ୟପି ତ୍ରେତାଯୁଗରେ ଶ୍ରୀରାମଚନ୍ଦ୍ର ଅବତାର ଗ୍ରହଣ କରି ଲୋକଙ୍କ ବାହ୍ୟ-ଦୃଷ୍ଟିରୁ ସେହି ଅବତାର-ଲୀଳା ସମ୍ବରଣ କରିଅଛନ୍ତି, ତଥାପି ଭକ୍ତମାନଙ୍କ ପ୍ରେମରେ ଆବଦ୍ଧ ହୋଇ ସେମାନଙ୍କ ସକାଶେ ଶ୍ରୀ ଅବଧରେ ନିତ୍ୟ-ଲୀଳା ଆଜି ବି କରୁଅଛନ୍ତି । ନିଷ୍ଠାବାନ୍ ଭକ୍ତଙ୍କ ଦୃଷ୍ଟିରେ ସେହି ଦିବ୍ୟଧାମ, ଆଉ ଦିବ୍ୟ-ଲୀଳା ଆଜି ବି ଶାଶ୍ୱତରୂପେ ବିଦ୍ୟମାନ ।

ଶ୍ରୀ ଅବଧରେ ଲୋକମୁଖରେ ପରମ୍ପରାଗତ ସତ୍ୟ ଏବଂ ବହୁ ପ୍ରସିଦ୍ଧ ଘଟଣାବଳୀ ମହାତ୍ମାମାନଙ୍କ ମୁଖାରବିନ୍ଦରୁ ଯେପରି ଶୁଣିଥିଲି ତାହା ମଧ୍ୟରୁ ଗୋଟିଏ ଘଟନା ନିମ୍ନରେ ବର୍ଣ୍ଣନା କରୁଅଛି ।

ଜଣେ ସନ୍ଥ ଶ୍ରୀ ଅବଧରେ ବାସ କରୁଥିଲେ । ଅର୍ଦ୍ଧରାତ୍ରିରେ ପ୍ରତ୍ୟେକ ଦିନ ପ୍ରାୟ ଅଢ଼େଇ ମାଇଲ ଶ୍ରୀ ଅବଧର ମଧ୍ୟସ୍ଥ* ରାମକୋଟାର ପରିକ୍ରମା କରୁଥିଲେ । ପରିକ୍ରମାର ମାର୍ଗ ପକ୍କା ନ ଥିଲା । ଗଳି ଚଲା ରାସ୍ତା; କେଉଁଠି ଦୁଇକଡ଼ରେ କିଆବାଡ଼ ତ' କେଉଁଠି କଣ୍ଟାବୁଦା । ବର୍ଷା ସମୟରେ ବିଶେଷତଃ ସରଯୁ ନଦୀରେ ବଢ଼ିହେଲେ ରାସ୍ତା ଜଳପୂର୍ଣ୍ଣ ହୋଇଯାଏ । ସ୍ଥାନ ବିଶେଷରେ ଅଣ୍ଟାକରୁ ଅଧିକ ଜଳ ହୁଏ । ବର୍ଷା ସମୟରେ କଡ଼କଡ଼ ଘଡ଼ଘଡି ଓ ବିଜୁଳି ଚମକ, ଦୁର୍ବଳ, ଭୀରୁ ହୃଦୟକୁ ବ୍ୟାକୁଳ କରିଦିଏ । ଆଜିକାଲି ପରି ସେତେବେଳେ ବିଜୁଳି ଆଲୁଅ ନ ଥିଲା । ଥିଲା ଅନ୍ଧକାର । ସେଠାରେ ବଡ଼ ବଡ଼ ମାଟିର ପାହାଡ଼ ଥିବାରୁ ଗ୍ରୀଷ୍ମ ସମୟରେ ବହୁ ବିଷଧର ସର୍ପ ଆହାର ନିମିତ୍ତ ରାସ୍ତାରେ ମଧ୍ୟ ବୁଲନ୍ତି । ଏପରି ଦୁରୂହ ପରିସ୍ଥିତିରେ ଗ୍ରୀଷ୍ମ, ବର୍ଷା, ଝଡ, ବତାସ ଭିତରେ ତାଙ୍କ ନିତ୍ୟ ପରିକ୍ରମା ନିୟମ କେବେ ବି ଖଣ୍ଡନ ହୋଇ ନ ଥିଲା । ଏହିପରି ନିର୍ବିଘ୍ନରେ ବାରବର୍ଷ ପୂର୍ଣ୍ଣ ହେଲା । ଏପରି ନିୟମ ଯେ କିପରି କଠିନ ତାହା ବିଚାରଣୀୟ । ମନୁଷ୍ୟ କୌଣସି ଉଦ୍ଦେଶ୍ୟରେ କୌଣସି ଅନୁଷ୍ଠାନ କରି ସଫଳ ନ ହେଲେ ସ୍ୱାଭାବିକରୂପେ ହତାଶ ହୋଇପଡ଼େ ।

ସେହି ଦିନ ବାରବର୍ଷ ପୂର୍ଣ୍ଣ ହେବାର ଶେଷଦିନ । ମହାତ୍ମାଜିଙ୍କ ହୃଦୟାକାଶ ଅନ୍ଧକାରରେ ପୂର୍ଣ୍ଣ । ଚିଦାକାଶକୁ ନାନା ପ୍ରକାର ସନ୍ଦେହ ଅଧିକାର କରିଅଛି । ଉତ୍ସାହଶୂନ୍ୟ ହୋଇ ନିରାଶାରେ ପରିକ୍ରମା ସମାପ୍ତ କରିବାକୁ ନିଜ କୁଡ଼ିଆରୁ ଯାତ୍ରା କଲେ । ପ୍ରତିଦିନ ତୁଲ୍ୟ ପରିକ୍ରମା ସମୟରେ ଉତ୍ସାହରେ ସୀତାରାମ ନାମ ଜପ ହେଉ ନ ଥିଲା । ବିକ୍ଷୋଭ ଆସି ହୃଦୟକୁ ମନ୍ଥନ କରୁଥିବାରୁ ମନ ଏକେବାରେ ଚଞ୍ଚଳ ହେଉଥିଲା । ଏଥିରେ ଧ୍ୟାନ ହେବ କିପରି ? ଏପରି ସ୍ଥିତିରେ ବିଶ୍ୱାସ ଓ ନିର୍ଭରତାର ସ୍ଥାନ କେଉଁଠି ? ଅନ୍ଧକାରାଚ୍ଛନ୍ନ, କୁଜ୍ଝଟିକା ଦ୍ୱାରା ସ୍ୱଚ୍ଛ ଜ୍ୟୋତିର୍ମୟ ହୃଦୟାକାଶ ଆବୃତ, ନିର୍ଭରତା ସ୍ଥାନରେ ଭୟ ଓ ବ୍ୟାକୁଳତାର ରାଜ୍ୟ । ହତାଶା, ନିରାଶା ତାଙ୍କୁ ଅଭିଭୂତ କରି ନେଇଛି, ସେ ଭାବୁଅଛନ୍ତି, ''ଗୋସ୍ୱାମୀ ତୁଳସୀଦାସ ରାମାୟଣରେ ଯେଉଁ ଦିବ୍ୟ ଅଯୋଧ୍ୟା ଓ ଭଗବତ୍ ନିତ୍ୟ-ଲୀଳାର ବିଷୟ ବର୍ଣ୍ଣନା କରିଅଛନ୍ତି, ତାହା କ'ଣ ସବୁ କଳ୍ପନା ? ଭଗବାନ୍ କ'ଣ ପ୍ରକୃତରେ ନାହାନ୍ତି ? ନା, ଏହାସବୁ କବିକଳ୍ପନା ଛଡ଼ା ଆଉ କିଛି ନୁହେଁ ? ଏହା କେବେ ହୋଇପାରେ କି ? ଯଦି ଏହା ସବୁ କଳ୍ପନା ହୁଅନ୍ତା, ଭଗବାନ୍ ଯଦି ନ ଥାଆନ୍ତେ, ତେବେ ଏହି ବିଗତ ବାରବର୍ଷ ଅଖଣ୍ଡଭାବେ ପରିକ୍ରମା ନିଷ୍ଠା କାହା ସାହାଯ୍ୟରେ ପୂର୍ଣ୍ଣ ହେଲା ? ଏତେ ଅନ୍ଧକାର ବର୍ଷା ରାତିରେ ଥରେ ହେଲେ ମୋ ଗୋଡ଼ ସାପ, ବିଛା ଉପରେ ପଡ଼ି ନାହିଁ, କିଂବା କଣ୍ଟାଟିଏ ମଧ୍ୟ ମାଡ଼ି ନାହିଁ । କ'ଣ ଏହା ସ୍ପଷ୍ଟରୂପେ

* ଶ୍ରୀ ଅବଧରେ କେତେକ ପରିକ୍ରମାର ସୀମା ଅଛି । ସବୁଠାରୁ ଛୋଟ ଅଢ଼େଇ ମାଇଲ ପରିକ୍ରମା ଶ୍ରୀ ଅବଧ ମଧ୍ୟସ୍ଥ ''ରାମକୋଟା''କୁ କୁହାଯାଏ ।

ତାଙ୍କର 'ରକ୍ଷା' ନୁହେଁ ? ଫେରେ ଏହା ମଧ୍ୟରେ କେତେ ବେମାର ହୋଇ ନାହିଁ, କିନ୍ତୁ ସେ ଅବସ୍ଥାରେ ଯେ ଅଢ଼େଇ ମାଇଲ ପରିକ୍ରମା କରିବାର ଶକ୍ତି ମିଳେ, ସେ ଶକ୍ତି କାହାର ? ନା, ଗୋସ୍ୱାମିଜିଙ୍କ ଲେଖା ସତ୍ୟ । ଭଗବାନ୍ ମଧ୍ୟ ପରମ ସତ୍ୟ !'' ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅନ୍ଧକାର, ଆସୁରୀ ଶକ୍ତି ଏବଂ ଭାଗବତ ଦିବ୍ୟଶକ୍ତି ନିବାସ କରନ୍ତି । ମନୁଷ୍ୟ ଯେଉଁ ଶକ୍ତି ଆଡ଼କୁ ଯେତେବେଳେ ଖୋଲିଯାଏ, ସେତେବେଳେ ସେହି ଶକ୍ତି ତାକୁ ଯନ୍ତ୍ର କରି ନିଜ ବୃତ୍ତିଚୟ ପ୍ରକାଶ କରେ । ଯେଉଁମାନେ ଭକ୍ତ, ଜ୍ଞାନୀ ସେମାନେ ସବୁ ସମୟରେ ଅନ୍ଧକାର ଶକ୍ତି କ୍ରିୟା ସମୂହକୁ ବର୍ଜନ କରନ୍ତି । ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତିର କ୍ରିୟା – ସମତା, ଶାନ୍ତି, ଏକାଗ୍ରତା, ଭକ୍ତି ସମର୍ପଣ ଇତ୍ୟାଦି ପ୍ରକାଶିତ ହୁଏ । ଯେଉଁମାନେ ଅସତ୍ ପ୍ରକୃତିର ବ୍ୟକ୍ତି, ସେମାନଙ୍କ ମଧ୍ୟରେ ସ୍ୱାଭାବିକ ରୂପେ ଆସୁରୀ ଶକ୍ତିର କ୍ରିୟା – ମିଥ୍ୟାଚାର, ଦମ୍ଭ, ହିଂସା, ସନ୍ଦେହ ଇତ୍ୟାଦି ଦୁର୍ଗୁଣ ପ୍ରକାଶିତ ହୁଏ । ଏମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ଏହାକୁ ଦୁର୍ଗୁଣ ବୋଲି ଧାରଣା କରିପାରନ୍ତି ନାହିଁ । ପୁଣି, ଯେଉଁମାନେ ଏହାକୁ ଦୁର୍ଗୁଣ ବୋଲି ଭାବନ୍ତି ସେମାନଙ୍କ ପକ୍ଷରେ ଏହା ବର୍ଜନ କରିବା ବି ସମ୍ଭବ ହୁଏ ନାହିଁ । ଏହି ଆସୁରୀ-ଶକ୍ତି ବରାବର ଛିଦ୍ର ଅନ୍ୱେଷଣରେ ରହିଥାଆନ୍ତି । ସୁଯୋଗ ପାଇବା ମାତ୍ରେ, କୌଣସି ଭକ୍ତ ବା ଜ୍ଞାନୀ ମଧ୍ୟରେ ପ୍ରବେଶ କରି, ତା' ହୃଦୟ-ଜ୍ୟୋତିଃକୁ ଅନ୍ଧକାରରେ ଆଚ୍ଛନ୍ନ କରି ଦିଅନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଭଗବତୀ-ଶକ୍ତିର ରାଜ୍ୟ ଥିବାରୁ ଏହି ଦସ୍ୟୁମାନଙ୍କୁ ସେ ତତ୍‌କ୍ଷଣାତ୍ ବିତାଡ଼ିତ କରି ଦିଅନ୍ତି । ଏହି ମହାତ୍ମାଙ୍କ ହୃଦୟରେ ଠିକ୍ ଏହିପରି ଘଟିଲା । ତାଙ୍କର ବାରବର୍ଷ କଠୋର ଅନୁଷ୍ଠାନର ଫଳ ନ ମିଳିବାରୁ ତାଙ୍କ ମନରେ ସନ୍ଦେହ ଉତ୍ପନ୍ନ ହେଲା । ସେହି ସନ୍ଦେହର ମାର୍ଗ ପାଇ ଅନ୍ଧକାର ଶକ୍ତିଚୟ ପ୍ରବେଶ କରି କିଛି ସମୟ ସକାଶେ ତାଙ୍କ ହୃଦୟରେ ପ୍ରଜ୍ୱଳିତ ଜ୍ଞାନ ଜ୍ୟୋତିଃକୁ ଆଚ୍ଛନ୍ନ କରିଦେଲେ । କିନ୍ତୁ ତାଙ୍କ ଭିତରେ ଭାଗବତୀ ଶକ୍ତିଙ୍କର ଶାସନ ଥିବାରୁ ସେ ନିଜ ଜ୍ୟୋତିଃର ପ୍ରକାଶରେ ଅନ୍ଧକାରକୁ ଦୂର କରିଦେଲେ । ଅନ୍ଧକାର ଆବରଣ ଦୂର ହୋଇଯିବାରୁ ଜ୍ଞାନ-ଦର୍ପଣରେ ଯଥାର୍ଥ ବସ୍ତୁ ସେ ଦେଖିପାରିଲେ । ନିଜ ସନ୍ଦେହ ଯୋଗୁଁ ତାଙ୍କ ମଧ୍ୟରେ ପଶ୍ଚାତ୍ତାପଅଗ୍ନି ଜଳିବାକୁ ଆରମ୍ଭ କଲା ।

''ହାୟ, ଯେଉଁ ଭଗବାନ୍ ନିଜ ଶକ୍ତିରେ ମାତୃଗର୍ଭରୁ ରକ୍ଷା କରି ଆସୁଅଛନ୍ତି, ତାଙ୍କ ପ୍ରତି ସନ୍ଦେହ ! ଆଜି ମୋ ହୃଦୟରେ ବଜ୍ରପାତ ହେଲା । ମୁଁ ମୋ ପ୍ରିୟତମ ପ୍ରଭୁଙ୍କଠାରୁ ଦୂର ହୋଇଗଲି । ପ୍ରଭୁଙ୍କ ବିଧାନ ଛଡ଼ା ଗଛପତ୍ର ପର୍ଯ୍ୟନ୍ତ ହଲେ ନାହିଁ । ଏ ଶରୀର ପରିଚାଳିତ ହୁଏ କିପରି ? ଶାରୀରିକ କ୍ରିୟା ହୁଏ କାହା ସାହାଯ୍ୟରେ ? ଏ ଶରୀରରେ ଏହି ପରିକ୍ରମା ତୁଲ୍ୟ କଠୋର ଅନୁଷ୍ଠାନ ହେଲା କାହା ଶକ୍ତିରେ ? ଯଦି ସମସ୍ତ କାର୍ଯ୍ୟର ପଶ୍ଚାତରେ ଭାଗବତ-ଶକ୍ତି ରହି ପରିଚାଳନା କରୁ ନ ଥାଆନ୍ତେ, ତେବେ ମନୁଷ୍ୟ ବାଲ୍ୟ, ଯୁବା, ବୃଦ୍ଧ ହୋଇ ମୃତ୍ୟୁ କବଳରେ ପଡୁ ନ ଥାଆନ୍ତା । ମନୁଷ୍ୟ ଭୌତିକ ଯନ୍ତ୍ର ସାହାଯ୍ୟରେ ଏହାକୁ ଅତିକ୍ରମ କରିପାରି ଥାଆନ୍ତା ଅଥବା ସଂସାରରେ ଯେଉଁ ବୈଚିତ୍ର ସବୁ ଅଛି, ତାହାକୁ ଏକରୂପତାରେ ପରିଣତ କରି ଥାଆନ୍ତା । ମୁଁ ନିଃସନ୍ଦେହରେ ସ୍ପଷ୍ଟରୂପେ ଦେଖି ଜାଣି ଅନୁଭବ କରିଛି ଭଗବତ୍-ଶକ୍ତି ଦ୍ୱାରା ସମସ୍ତ କିଛି ପରିଚାଳିତ ହୁଏ । ମନୁଷ୍ୟ ଏହାହିଁ ଅନୁଭବ ନ କରି ପାରିବାରୁ, କର୍ମର କର୍ତ୍ତା ନିଜେ ହୁଏ, ନିଜ କର୍ମର ବନ୍ଧନରେ ପଡ଼ି ତାହାର ଫଳ ଦୁଃଖ ସୁଖ ଭୋଗ କରେ । ଏହି କାରଣରୁ ଜନ୍ମ-ମୃତ୍ୟୁ ଚକ୍ରରେ ଘୂରୁଥାଏ ।

''ହେ ପ୍ରଭୁ, ମୋର ଏହି ଅପରାଧ କ୍ଷମା କର । କର୍ମର ଫଳ ସ୍ୱରୂପ ତୁ ପ୍ରାପ୍ତ ହେଉ ନାହିଁ । ତୁ ପ୍ରାପ୍ତ ହେଉ ନିଜ କୃପାରେ । ସାଧକ ଭିତରେ ତୁ ସ୍ୱୟଂ କର୍ମ କରୁ ।'' ଏହିପରି ପଶ୍ଚାତ୍ତାପ-ଅଗ୍ନିରେ ତପ୍ତ ହୋଇ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ପ୍ରାର୍ଥନା କରୁ କରୁ ତାଙ୍କର କଣ୍ଠରୁଦ୍ଧ ହୋଇଗଲା । ସେ ରାମକୋଟାର ମଧ୍ୟ ସ୍ଥାନରେ, କନକ ଭବନର ପଶ୍ଚାତରେ ଅଯୋଧ୍ୟା ମଧ୍ୟସ୍ଥ ପରିକ୍ରମା ମାର୍ଗରେ ଗଛ କାଟିଲା ପରି ଛିଡ଼ା ଛିଡ଼ା ପଡ଼ିଗଲେ । ସମସ୍ତ ଶରୀର ଶିଥିଳ । ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଅଛି । ନେତ୍ର ବନ୍ଦ । ମନରେ ବିଚାର ନାହିଁ, ମୁଖରେ ପ୍ରାର୍ଥନା ନାହିଁ । ସମସ୍ତ ବାହ୍ୟକ୍ରିୟା ଏକେବାରେ ବନ୍ଦ ହେଲେ ଅନ୍ତରର ବହୁତ ଗଭୀରରେ କ୍ରିୟା ଯଥାର୍ଥ ଭାବେ ହୁଏ । ହଠାତ୍ ଏକ ପ୍ରବଳ ଜ୍ୟୋତିଃ ପ୍ରକାଶିତ ହେବାରୁ ତାଙ୍କ ଚକ୍ଷୁ ସ୍ୱତଃ ଖୋଲିଗଲା । ସେହି ଜ୍ୟୋତିଃ ମଧ୍ୟରେ ସରଯୁ-ତଟରେ ଅବସ୍ଥିତ ଦିବ୍ୟ

ବିଶାଳ ଅଯୋଧ୍ୟାପୁରୀକୁ ସେ ଦର୍ଶନ କଲେ । ସୁବର୍ଣ୍ଣ ମଣିମାଣିକ୍ୟରେ ନିର୍ମିତ ପୁରୀର ସମସ୍ତ ଭବନଠାରୁ ବିଶାଳ ଓ ଆକାଶଚୁମ୍ବୀ ପ୍ରାସାଦ ହେଲା ଶ୍ରୀରାମଚନ୍ଦ୍ରଙ୍କ ରାଜଭବନ । ତା'ର କାରୁକାର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ମନୁଷ୍ୟର ଏହି ପ୍ରାକୃତ ଭାଷାରେ ଅବର୍ଣ୍ଣନୀୟ । ତାହାର ଚାରିଦିଗରେ ସାତ ପ୍ରକୋଟା । ଅର୍ଥାତ୍ ରାଜଭବନରେ ସପ୍ତ ଆବୃତରେ ଭବନ ସମୂହ ନିର୍ମିତ ହୋଇଅଛି । ପ୍ରତ୍ୟେକ ଆବୃତରେ ସୁନ୍ଦର ସୁନ୍ଦର ରାସ୍ତା, ସୁବର୍ଣ୍ଣରେ ନିର୍ମିତ । ଏହି ସପ୍ତକୋଟା ମଧ୍ୟରେ ରାଜଭବନ ଏପରି ଶୋଭା ପାଉଅଛି, ଯାହାର ଉପମା ବୁଦ୍ଧିର ଅଗମ୍ୟ । ସମସ୍ତ ପୁରବାସୀ ସୁନ୍ଦର ଓ ଦିବ୍ୟ ଭୂଷଣରେ ସୁସଜ୍ଜିତ । ପୁରୀର ପ୍ରତ୍ୟେକ ବସ୍ତୁ ଦିବ୍ୟ । କିନ୍ତୁ ଏହା ପ୍ରାକୃତ ବସ୍ତୁଠାରୁ ପୃଥକ୍ । ରାଜମହଲ ମଧ୍ୟରେ, ରତ୍ନସିଂହାସନରେ ଶ୍ରୀରାମ, ରାଜଦୁଲାଳୀ ଜନକ-ନନ୍ଦିନୀ ଶ୍ରୀ ମୈଥିଳୀ ସହିତ ବିରାଜମାନ । ତାଙ୍କ ମସ୍ତକରେ ଲକ୍ଷ୍ମଣ ଛତ୍ର ଧାରଣ କରିଅଛନ୍ତି । ଭରତ, ଶତ୍ରୁଘ୍ନ ବି ଚାମର କରୁଅଛନ୍ତି । ହନୁମାନଜି ହସ୍ତଯୋଡ଼ି ମସ୍ତକ ନତକରି ଶ୍ରୀସୀତାରାମଙ୍କ ଚରଣରେ ସମସ୍ତ ଚେତନା ଏକାଗ୍ର କରି ଛିଡ଼ା ହୋଇଅଛନ୍ତି । ଏମାନଙ୍କ ଚତୁର୍ଦିଗରେ ଦେବତାବୃନ୍ଦ । ଏହି ଅଲୌକିକ ଆନନ୍ଦରେ ସମସ୍ତ ରାତ୍ରି ଏକକ୍ଷଣ ତୁଲ୍ୟ ସମାପ୍ତ ହୋଇଗଲା । ପ୍ରାତଃକାଳରେ ସନ୍ଥ ମହାତ୍ମାମାନେ ସରଯୁରେ ସ୍ନାନ କରି ଫେରିବା ସମୟରେ ଏହି ମହାତ୍ମାଙ୍କୁ ରାସ୍ତାରେ ପଡ଼ିଥିବାର ଦେଖିଲେ । ସେମାନେ ସଚେତ କରି ପଚାରିବାରୁ, ସେ ରାତ୍ରିରେ ଦିବ୍ୟ ଅଯୋଧ୍ୟାପୁରୀ ଦର୍ଶନର ସମସ୍ତ ବିଷୟ ବର୍ଣ୍ଣନା କଲେ । ତାଙ୍କର ସମସ୍ତ ଚେତନା ସେହି ଦିବ୍ୟ ଆନନ୍ଦ ସହିତ ଏପରି ଏକ ହୋଇ ଯାଇଥିଲା ଯେ ସେ ପୁନର୍ବାର ସେଥିରୁ ଫେରି ଆସିବାକୁ ଚାହୁଁ ନ ଥିଲେ । ସେହି ମୁନି-ଦୁର୍ଲଭ ଭଗବଦାନନ୍ଦରେ ପରମ-ଭାଗ୍ୟବାନ୍ ମହାତ୍ମା ଏହି ପଞ୍ଚଭୌତିକ ନଶ୍ୱର ଶରୀରକୁ ପୁରାତନ ବସ୍ତ୍ରତୁଲ୍ୟ ତ୍ୟାଗ କରି ସାକେତରେ ଶ୍ରୀସୀତାରାମ ନିତ୍ୟ ସେବାରେ ଉପନୀତ ହେଲେ ।

ସେହି ଅବଧ ପାବନଭୂମିର ରେଣୁକୁ ମସ୍ତକରେ ଭୂଷିତ କରିବା ପାଇଁ ଏବଂ ପରମ-ପାବନ ପାପ-ତାପହାରୀ ମାନସ-ନନ୍ଦିନୀ ଶ୍ରୀ ସରଯୁରେ ନିମଜ୍ଜନ କରିବା ପାଇଁ ସୁଦୂର ଦେଶ ବିଦେଶରୁ ଓ ବିଭିନ୍ନ ପ୍ରାନ୍ତରୁ ଅସଂଖ୍ୟ ନରନାରୀ ପବିତ୍ର ମନୋଭାବ ସହ ଆସି କୃତାର୍ଥ ହେଉଅଛନ୍ତି । ବହୁତ ବୀତରାଗୀ, ତପସ୍ୱୀ, ଭକ୍ତ, ଜ୍ଞାନୀ, ସନ୍ଥ, ମହାତ୍ମାମାନେ ବିଭିନ୍ନ ସ୍ଥାନମାନଙ୍କରୁ ଆସି ସେଠାରେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରି ସିଦ୍ଧି ପ୍ରାପ୍ତ କରୁଅଛନ୍ତି; ସ୍ୱୟଂ ଉଦ୍ଧାର ହେଉଅଛନ୍ତି ଏବଂ ନିଜର ତପସ୍ୟା, ଶୁଦ୍ଧ-ହୃଦୟ, ସଦ୍‌ଗୁଣାଦି ଦ୍ୱାରା ଅନ୍ୟାନ୍ୟ ଶ୍ରଦ୍ଧାଳୁ ନର-ନାରୀମାନଙ୍କୁ ଉଦ୍ଧାର କରୁଅଛନ୍ତି । ଶ୍ରୀ ଅବଧଧାମରେ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱ ଅବତାର ନେଇ ଲୀଳା କରିଥିବାରୁ ତାହା ସ୍ୱତଃ ପରମ ପବିତ୍ର ଏବଂ ଦିବ୍ୟ ଥିଲା । କିନ୍ତୁ ସନ୍ଥ, ମହାତ୍ମା, ଭକ୍ତମାନଙ୍କର ସାଧନା-ପୀଠରେ ପରିଣତ ହେବାରୁ ସୁବର୍ଣ୍ଣରେ ସୁଗନ୍ଧ ସଦୃଶ ହୋଇଗଲା । ସାମୂହିକରୂପେ ଯେଉଁଠାରେ ସତ୍-ଆଚରଣ କରାହୁଏ, ସେ ସ୍ଥାନରେ ଶୁଦ୍ଧ ବାତାବରଣ ସୃଷ୍ଟି ହୁଏ ଏବଂ ଅନ୍ୟକୁ ଏହା ପବିତ୍ର କରିବାରେ ସାହାଯ୍ୟ କରେ । ସେହି କାରଣରୁ ସାଧନା କରିବା ସକାଶେ ସାଧକ ପବିତ୍ର ତୀର୍ଥସ୍ଥାନ ଅଥବା ସାମୂହିକ ସାଧନ-ପୀଠର ଆଶ୍ରୟ ନିଏ ।

ଅଯୋଧ୍ୟାପୁରୀ ଫଏଜବାଦଠାରୁ ଚାରି ମାଇଲ ଦୂର ସରଯୁ ନଦୀକୂଳରେ ସ୍ଥିତ ଗୋଟିଏ ସୁରମ୍ୟ ନଗରୀ । ଅଯୋଧ୍ୟାର ତିନି ଦିଗ ସରଯୁ ଦ୍ୱାରା ଆବୃତ । ତାହାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସରଯୁ କୂଳରେ ସୀତାରାମଙ୍କ ମନ୍ଦିର ଏବଂ ସେଥିରେ ସନ୍ଥ, ମହାତ୍ମାମାନଙ୍କ ନିବାସ ସ୍ଥାନ । ଅଯୋଧ୍ୟାପୁରୀର ସର୍ବତ୍ର, ଆଦ୍ୟ, ପ୍ରାନ୍ତ ଏବଂ ମଧ୍ୟ ମଠ, ମନ୍ଦିରରେ ପୂର୍ଣ୍ଣ । ଏଠାରେ ଜନସଂଖ୍ୟାର ତିନିଭାଗ ତ୍ୟାଗୀ, ବୈଷ୍ଣବ, ସନ୍ଥ । ଅନ୍ୟାନ୍ୟ ଅବଧବାସୀଙ୍କ ମଧ୍ୟରୁ କେତେକ ବ୍ୟକ୍ତି ତୀର୍ଥସେବକ, ଆଉ କେତେକ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରିବା ନିମିତ୍ତ ବାସ କରୁଅଛନ୍ତି । ସେଠିକାର ସମସ୍ତ ନର-ନାରୀ ବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷା ଗ୍ରହଣ କରି ଭଗବାନ୍ ରାମଙ୍କୁ ଉପାସନା କରନ୍ତି । ଘରେ ଶ୍ରୀସୀତାରାମ ମୂର୍ତ୍ତି ସ୍ଥାପନ କରି ପୂଜା କରନ୍ତି । ସେ ପୁରୀର ପ୍ରଭାବରୁ ସମସ୍ତ ଅବଧବାସୀଙ୍କୁ ସନ୍ଥ, ଭକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାତି ଦୁଇଟାଠାରୁ ଆରଦିନ ରାତି ବାରଟା ପର୍ଯ୍ୟନ୍ତ ଅଯୋଧ୍ୟାର ଯେଉଁ ଗଳିରେ, ଯେଉଁ ସଡ଼କରେ ହେଉ ସୀତାରାମ ଧ୍ୱନି, ରାମାୟଣ-ପାଠ, ପୂଜା ଓ ଆଳତିର ବାଦ୍ୟ, ସ୍ତୁତି ଶୁଣିବାକୁ ମିଳେ । ଅବଧପୁରୀର ବହୁତ ସ୍ଥାନରେ ପ୍ରତିଦିନ ସତ୍‌ସଙ୍ଗ ହରିକଥା, କୀର୍ତ୍ତନ ବରାବର ହେଉଥାଏ । କେତେକ ସ୍ଥାନରେ ରାତ୍ରିଦିନ ଅଖଣ୍ଡ କୀର୍ତ୍ତନ ବରାବର

ହୁଏ । ଶୁଭଦିନମାନଙ୍କରେ ପ୍ରତ୍ୟେକ ମନ୍ଦିରରେ ଉତ୍ସବ ହୁଏ । ଅଯୋଧ୍ୟାର ପ୍ରତ୍ୟେକ ଗଳିରେ, ସରଯୁ ତଟରେ ଊର୍ଦ୍ଧ୍ୱ-ପୁଣ୍ଡ୍ର ତିଳକଧାରୀ ଜଟା-ବିଭୂଷିତ ତେଜୋପୂର୍ଣ୍ଣ ମହାତ୍ମାମାନଙ୍କର ଦର୍ଶନ ମନୁଷ୍ୟ ମନରେ ସ୍ୱତଃ ସାତ୍ତ୍ୱିକ ଭାବ ଏବଂ ଭଗବତ୍ ପ୍ରେମର ପ୍ରେରଣା ଦିଏ । ସେହି ଦିବ୍ୟ ପବିତ୍ର ଭୂମିରେ କେତେକ ବର୍ଷ ନିବାସ କରିବାର ସୌଭାଗ୍ୟ ମୋତେ ପ୍ରାପ୍ତ ହୋଇଥିଲା ।

ଏପରି ପବିତ୍ର ପୂର୍ବ-ନିବାସ ଭୂମିର ଦୀର୍ଘ ପନ୍ଦର ବର୍ଷ ପରେ ଦର୍ଶନ କରିବାରେ କିପରି ଆନନ୍ଦ ପ୍ରାପ୍ତ ହୁଏ, ତାହା ଯେକୌଣସି ଭୁକ୍ତଭୋଗୀ ଅନୁଭବ କରିପାରିବେ । ସେଠାରେ ପହୁଞ୍ଚିବା ପରେ ମନେ ହେଉଥିଲା ଯେପରି ଏକହିଁ ସମୟରେ ସମସ୍ତ ସ୍ଥାନ, ସମସ୍ତ ମନ୍ଦିର, ଶ୍ରୀସରଯୁ ଓ ମହାତ୍ମାଙ୍କ ଦର୍ଶନ କରି ନିଅନ୍ତି । ଶରୀର ଜଡ଼ ଆଉ ସୀମାବଦ୍ଧ ଥିବାରୁ ହୃଦୟର ସେ ଆକାଙ୍କ୍ଷା ସଫଳ ହୋଇପାରିଲା ନାହିଁ । ମନ୍ଦିର ଓ ମହାତ୍ମାମାନଙ୍କୁ କ୍ରମଶଃ ଦର୍ଶନ କରିବାକୁ ହେଲା । ଯେଉଁଠାକୁ ଗଲେ ସେଠାରେ ବିଳମ୍ବ ହୁଏ । ରାସ୍ତାରେ ଯେଉଁ ପରିଚିତ ମହାତ୍ମାଙ୍କ ସଙ୍ଗେ ଦେଖା ହୁଏ, ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ହୁଏ, ସେଥିପାଇଁ ପାଞ୍ଚ ମିନିଟ୍ ରାସ୍ତା ସମାପ୍ତ କରିବାରେ ପ୍ରାୟ ଅଧଘଣ୍ଟାଏ ଯାଏ । ସମସ୍ତ ପରିଚିତ ମହାତ୍ମାଙ୍କୁ ଶୀଘ୍ର ଦର୍ଶନ କରିବା ଉତ୍କଣ୍ଠାରେ ଏହି ପରିସ୍ଥିତ ଅନ୍ତରାୟ ହେଲା । ଶେଷରେ ପୂର୍ବେ ଦୀର୍ଘକାଳ ବାସ କରିଥିବା ଶ୍ରୀଗୁରୁଦେବଙ୍କ ପୁଷ୍ପ-ବାଟିକାରେ ପ୍ରଥମରେ ପହୁଞ୍ଚି ତା'ପରେ ଆଶ୍ରମ ଦର୍ଶନ କରିବାକୁ ଗଲି ।

ମୋର ଜ୍ୟେଷ୍ଠ ଗୁରୁଭ୍ରାତା ଶ୍ରୀଗୁରୁ ମହାରାଜଙ୍କ ଗାଦିରେ ବର୍ତ୍ତମାନ ମହନ୍ତ । ପ୍ରାୟ ୩୦ ବର୍ଷ ପୂର୍ବେ ଶ୍ରୀଗୁରୁଦେବଙ୍କଠାରୁ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିବା ସମୟରେ ଏହି ମହନ୍ତଙ୍କଠାରୁ ବୈଷ୍ଣବ ଧର୍ମର ବହୁତ ବିଷୟ ଶିକ୍ଷା କରିଥିଲି । ଏହି ମହାତ୍ମା ବଡ଼ ଉଦାର, ଶାନ୍ତ, ଦୟାଳୁ ସ୍ୱଭାବର ବ୍ୟକ୍ତି । ମୋ ପ୍ରତି ତାଙ୍କର ପୂର୍ବରୁ ସ୍ୱାଭାବିକ ସ୍ନେହ ଥିଲା । ବହୁଦିନ ପରେ ଦେଖା ହେବାରୁ ସେ ବଡ଼ ଆନନ୍ଦିତ ହେଲେ । ଫେର୍ କ'ଣ ଥିଲା ? କଥାବାର୍ତ୍ତାର ଝଡ଼ି ଲାଗିଗଲା । ସେହି କଥାବାର୍ତ୍ତା ପ୍ରସଙ୍ଗରେ ଆଶ୍ରମର ବହୁତ ବିଷୟ ଆଲୋଚିତ ହେଲା । ଶେଷରେ, ''ଆଶ୍ରମରେ ବର୍ଣ୍ଣ-ଧର୍ମ ପାଳିତ ହୁଏ ନାହିଁ କାହିଁକି ?'' ସେ ଏହି ପ୍ରଶ୍ନଟି କଲେ । ତାଙ୍କର ସ୍ନେହପୂର୍ଣ୍ଣ ଆଗ୍ରହ ଦେଖି ଓ ଆଜ୍ଞା ପାଇ ସେହି ପ୍ରଶ୍ନର ଉତ୍ତର ନିବେଦନ କଲି ।

## ଆଶ୍ରମ ଓ ବର୍ଣ୍ଣ-ଧର୍ମ

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ବର୍ଣ୍ଣଧର୍ମ ପାଳନ କରାଯାଏ ନାହିଁ କାହିଁକି ?

ଉତ୍ତର : ଆଶ୍ରମରେ ବର୍ଣ୍ଣଧର୍ମ ପାଳନ କରିବାର ଆବଶ୍ୟକତା କ'ଣ ? ସେ ତ ଗୋଟାଏ ଆଧ୍ୟାତ୍ମିକ ସଂସ୍ଥା । କୌଣସି ଆଧ୍ୟାତ୍ମିକ ସଂସ୍ଥାରେ ବର୍ଣ୍ଣଧର୍ମକୁ ତାହାର ଅଙ୍ଗରୂପେ ପାଳନ କରାହୁଏ ନାହିଁ ।

ପ୍ରଶ୍ନ : ତୁମେ ଜଣେ ବୈଷ୍ଣବ, ତୁମ ପକ୍ଷରେ ଏପରି ଉତ୍ତର ଦେବା ଉଚିତ ନୁହେଁ, ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟ ଶାସ୍ତ୍ରାନୁସାରେ ପରିଚାଳିତ ହୁଏ; ଶାସ୍ତ୍ର ଆଜ୍ଞାକୁ ମାନେ ଓ ପାଳନ କରେ । ଆଧ୍ୟାତ୍ମିକ ବ୍ୟକ୍ତି ସମାଜର ଧର୍ମମାର୍ଗ-ପ୍ରଦର୍ଶକ । ସେମାନେ ଯଦି ଧର୍ମ ଯଥାବିଧି ପାଳନ ନ କରନ୍ତି, ତେବେ ସେମାନେ ସମାଜ ବିପଥଗାମୀ ହେବାର କାରଣ ହେବେ । ବର୍ଣ୍ଣ-ଧର୍ମ ଶାସ୍ତ୍ରପ୍ରତିପାଦିତ, ସମାଜର ଏକ ସ୍ତମ୍ଭ; ତାକୁ ଭାଙ୍ଗି ଦେଲେ ସମସ୍ତ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳାରେ ପରିଣତ ହେବ । ଏହା କ'ଣ ଶାସ୍ତ୍ରର ବିରୋଧ ନୁହେଁ ?

ଉତ୍ତର : ପ୍ରଥମରେ ବିଚାର କରିବାକୁ ହେବ, ଆଧ୍ୟାତ୍ମିକ ଧର୍ମରେ ବର୍ଣ୍ଣ-ବ୍ୟବସ୍ଥାର ସ୍ଥାନ ଅଛି କି ନାହିଁ । ଯଦି ଥାଏ, ତେବେ ଏହିସବୁ ଅଭିଯୋଗ ଯୁକ୍ତିଯୁକ୍ତ ହୋଇପାରେ । ଶାସ୍ତ୍ରରେ ବହୁତ ପ୍ରକାର ଧର୍ମର ବ୍ୟବସ୍ଥା କରାହୋଇଅଛି । ଏପରି କି ଏକ ଧର୍ମାଚରଣ ଅନ୍ୟ ଧର୍ମରେ ବିପରୀତ ଫଳ ଦେବାର ଦେଖାଯାଉଛି । ଆଧ୍ୟାତ୍ମିକ ଓ ସମାଜ-ଧର୍ମ ଠିକ୍ ସେହିପରି । ସମାଜରେ ଯେଉଁ ଧର୍ମ ଆଚରଣ କରାହୁଏ, ଯାହା ଦ୍ୱାରା ମନୁଷ୍ୟ ଉନ୍ନତି-ମାର୍ଗରେ ଅଗ୍ରସର ହୁଏ, ଠିକ୍ ସେହି ଧର୍ମର ଆଚରଣରେ ଆଧ୍ୟାତ୍ମିକ ସାଧକର ପତନ ହୁଏ ।

ଆଧ୍ୟାତ୍ମିକ ଧର୍ମ ପରମ ସତ୍ୟ, ଅନ୍ତରାତ୍ମା ଦ୍ୱରା ନିର୍ଣ୍ଣୀତ; ସମସ୍ତ ଦେଶ, କାଳ, ସମସ୍ତ ବ୍ୟକ୍ତି ସକାଶେ ଶାଶ୍ୱତ ଓ ଅପରିବର୍ତ୍ତନୀୟ । ସମାଜର ବର୍ଣ୍ଣ-ଧର୍ମାଦି ଦେଶ-କାଳ-ଗତ, ପରିବର୍ତ୍ତନଶୀଳ ।

ଆଧ୍ୟାତ୍ମିକ ଧର୍ମ ଆତ୍ମା ଦ୍ୱାରା ନିର୍ଦ୍ଦେଶିତ ହୁଏ । ଆଧ୍ୟାତ୍ମିକ ସାଧକ ଆତ୍ମାରେ ନିବାସ କରେ, ଆତ୍ମାର ସତ୍ୟ ଦ୍ୱାରା ପରିଚାଳିତ ହୁଏ । ପ୍ରତ୍ୟେକ ବସ୍ତୁରେ ଆତ୍ମାକୁ ଓ ଆତ୍ମାର ଆତ୍ମା ପରମାତ୍ମାଙ୍କୁ ଦେଖେ । ପ୍ରତ୍ୟେକ ପ୍ରାଣୀରେ ତାହାର ସ୍ୱାଭାବିକ ଆତ୍ମ-ବୁଦ୍ଧି ହୁଏ । ସେ ଆତ୍ମାରେ ବାସ କରୁଥିବାରୁ ତାହାର ଅହଂଗତ ପୃଥକ୍ତ୍ୱ ନଷ୍ଟ ହୋଇଯାଏ । ପୃଥକ୍ତ୍ୱରେ ସେ ଏକତ୍ୱ ଅନୁଭବ କରେ । ତାହାର ହୃଦୟ ଶୁଦ୍ଧ ହୋଇ ଆତ୍ମ-ଜ୍ଞାନ ପ୍ରାପ୍ତ ହେବାରୁ ସମତା ଗୁଣ ସ୍ୱାଭାବିକରୂପେ ଲାଭ ହୁଏ । ସତ୍ୟ ଓ ସମତାରେ ହିଂସା, ରାଗ, ଦ୍ୱେଷ, ସ୍ୱାର୍ଥପରତା ପ୍ରବେଶ କରିବାର ମାର୍ଗ ରୁଦ୍ଧ ହୋଇଯାଏ । ସେନେଇ ତାକୁ ସଂକୁଚିତ ଭେଦତ୍ୱ, ଅହଂଗତ ବର୍ଣ୍ଣାଦି ଧର୍ମକୁ ପାଳନ କରିବା ଆବଶ୍ୟକ ହୁଏ ନାହିଁ, ଏପରି କି ତାହା ଆଧ୍ୟାତ୍ମିକ ଧର୍ମର ଅନ୍ତରାୟ ହୁଏ । ଏହି ଆଧ୍ୟାତ୍ମିକ ଧର୍ମ ପ୍ରତ୍ୟେକ ପ୍ରାଣୀ, ପ୍ରତ୍ୟେକ ଜାତି, ପ୍ରତ୍ୟେକ ଦେଶ, ପ୍ରତ୍ୟେକ ସମୟରେ ଅପରିବର୍ତ୍ତନୀୟ, ଏକ ଏବଂ ଶାସ୍ତ୍ର-ସମ୍ମତ ।

ବର୍ଣ୍ଣାଦି ସମାଜ-ଧର୍ମ ଠିକ୍ ଏହାର ବିପରୀତ । ସମାଜବାଦୀ ଅର୍ଥାତ୍ ନୈତିକବାଦୀ ଆତ୍ମ-ଜ୍ଞାନ ପ୍ରାପ୍ତ କରେ ନାହିଁ । ଜାତି, ଦେଶ, କାଳାନୁସାରେ ମନ-ନିର୍ମିତ ଧର୍ମକୁ ଭିନ୍ନ ଭିନ୍ନ ରୂପେ ଆଚରଣ କରେ । ଅଧ୍ୟାତ୍ମ-ଧର୍ମତୁଲ୍ୟ ଏହା ଶାଶ୍ୱତ, ସତ୍ୟ, ଅପରିବର୍ତ୍ତନୀୟ ନୁହେଁ । ଯେଉଁ ବସ୍ତୁ ପରିବର୍ତ୍ତନଶୀଳ ତାହା ଅସତ୍ୟ । ଅଧ୍ୟାତ୍ମ ସାଧକ ସତ୍ୟର ସନ୍ଧାନୀ, ସେଥିପାଇଁ ସେ ଅସତ୍ୟର ଆଶ୍ରୟ ନେଇପାରେ ନାହିଁ । ନୈତିକ ଧର୍ମରେ ବର୍ଣ୍ଣ-ଧର୍ମର ମହତ୍ତ୍ୱ କେବଳ ଭାରତରେ । ଏହାଛଡ଼ା ଏସିୟା ଏବଂ ୟୁରୋପ ଆଦି ଅନ୍ୟ କୌଣସି ଦେଶରେ ନାହିଁ । ଏହା କ'ଣ କୁହାଯାଇପାରେ ଯେ ଭାରତ ଛଡ଼ା ଅନ୍ୟ କୌଣସି ଦେଶରେ ଆଧ୍ୟାତ୍ମିକ ସାଧକ ହେଉ ନାହାନ୍ତି ? ଯଦି ହେଉଅଛନ୍ତି ତେବେ ଅଧ୍ୟାତ୍ମ-ଧର୍ମରେ ବର୍ଣ୍ଣ-ଧର୍ମକୁ ସ୍ଥାନ ଦେବାର କୌଣସି ଆବଶ୍ୟକତା ନାହିଁ । କାରଣ ଏହା ଅସତ୍ୟ ଏବଂ ଅସ୍ଥାୟୀ । କ'ଣ ଏହା କେହି କହିପାରେ ଯେ ସମତା, ସତ୍ୟ, ଆତ୍ମ-ଜ୍ଞାନ ଅନ୍ୟାନ୍ୟ ଦେଶ, ଅନ୍ୟାନ୍ୟ ସମ୍ପ୍ରଦାୟର ଆଧ୍ୟାତ୍ମିକ ସାଧକ ନିମିତ୍ତ ପୃଥକ୍ ? କ'ଣ ଏହାଛଡ଼ା ଅଧ୍ୟାତ୍ମ-ଧର୍ମ ରହିପାରେ ? କଦାପି ନୁହେଁ । ଅନ୍ୟାନ୍ୟ ଦେଶର ଅଧ୍ୟାତ୍ମ-ଧର୍ମ, ସମାଜ-ଧର୍ମ, ଏବଂ ବର୍ଣ୍ଣ-ଧର୍ମର ଆବଶ୍ୟକତା ନ ରଖୁଥିବା ସତ୍ତ୍ୱେ ସେଥିରେ କିଛି ତ୍ରୁଟି ଦେଖାଯାଉ ନାହିଁ । ସେଥିପାଇଁ ଏହା ଅଧ୍ୟାତ୍ମ-ଧର୍ମରେ ରହିବା ଅନିବାର୍ଯ୍ୟ ନୁହେଁ । ଏହା କେବଳ ଭାରତବର୍ଷରେ ସମାଜ-ନୀତି ଅନୁସାରେ ସମାଜରେ ପାଳନୀୟ ଏବଂ ଶାସ୍ତ୍ର-ସମ୍ମତ । ଅଧ୍ୟାତ୍ମ-ଧର୍ମରେ ବର୍ଣ୍ଣ-ଧର୍ମ ପାଳନ କରିବା ଶାସ୍ତ୍ରର ଆଜ୍ଞା ନୁହେଁ । ଅଧ୍ୟାତ୍ମଧର୍ମ ଓ ସମାଜ-ଧର୍ମ ମଧ୍ୟରେ ପ୍ରଭେଦ ନ ବୁଝି ସମାଜ-ଧର୍ମକୁ ଅଧ୍ୟାତ୍ମ-ଧର୍ମର ଏକ ଅଙ୍ଗ ବୋଲି କେହି କେହି ମାନି ନେଇଛନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ-ଧର୍ମରେ ଯଦି ବର୍ଣ୍ଣ-ଧର୍ମର ଆବଶ୍ୟକତା ନ ଥାଏ ତଥାପି ସମାଜକୁ ଦୃଢ଼ ରଖିବା ସକାଶେ ତାହା ଅବଶ୍ୟ ପାଳନୀୟ । ଶ୍ରେଷ୍ଠ ଲୋକେ ଯାହା ଆଚରଣ କରନ୍ତି ଅନ୍ୟ ସମସ୍ତେ ତାହା ଅନୁକରଣ କରନ୍ତି ।

ଉତ୍ତର : ଏକ ଧର୍ମର ଅନୁକରଣ ଅନ୍ୟ ଧର୍ମ ପୂର୍ଣ୍ଣରୂପେ କରେ ନାହିଁ । ଏକ ଧର୍ମର ବ୍ୟକ୍ତି ଅନ୍ୟ ଧର୍ମର ଆଦର୍ଶ ହୋଇପାରେ ନାହିଁ । ଗୀତା କହିଛି, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' କୌଣସି ଅଧ୍ୟାତ୍ମ-ଧର୍ମ ସମାଜ-ଧର୍ମର ପୂର୍ଣ୍ଣରୂପେ ଅନୁକରଣୀୟ ନୁହେଁ । ଏପରିକି ଏକ ଅନ୍ୟର ବିପରୀତ । ମନୁଷ୍ୟର ବୈରାଗ୍ୟ ହେବା ମାତ୍ରେ, ସେ ତାହାର ପିତାମାତାଙ୍କ ସେବା, ଗୃହ, ପିଣ୍ଡ-ଦାନ, ଅତିଥି-ସତ୍କାର, ବଂଶରକ୍ଷା ଏବଂ ଧର୍ମାଚରଣ ସକାଶେ ଶୁଭ ବିବାହ ଓ ପୁତ୍ର-ଉତ୍ପନ୍ନ ଇତ୍ୟାଦି ସମାଜର ସମସ୍ତ ମହତ୍ତ୍ୱପୂର୍ଣ୍ଣ ଧର୍ମ ତ୍ୟାଗକରେ ଏବଂ ଭଗବାନଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ପୂର୍ବ ନାମ, ଜାତି, ଗୋତ୍ର ପରିତ୍ୟାଗ କରି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଆଧ୍ୟାତ୍ମିକ ଧର୍ମରେ ଦୀକ୍ଷା ଗ୍ରହଣ କରେ । କ'ଣ ସମାଜବାଦୀ ଏହି ଆଧ୍ୟାତ୍ମିକ ସାଧକର ତ୍ୟାଗର ଆଦର୍ଶ ଗ୍ରହଣ କରେ ? ନା ଏଥିରେ ପ୍ରଭାବିତ ହୁଏ ? ଯଦି ନୁହେଁ, ତେବେ ଅଧ୍ୟାତ୍ମବାଦୀଙ୍କ ବର୍ଣ୍ଣ-ଧର୍ମ ତ୍ୟାଗକୁ ସମାଜବାଦୀ ଆଦର୍ଶରୂପେ ଗ୍ରହଣ କରିବ କାହିଁକି ?

ପ୍ରଶ୍ନ : ଅଧ୍ୟାତ୍ମ-ଧର୍ମରେ ଆତ୍ମ-ଜ୍ଞାନ, ଭଗବତ୍-ଜ୍ଞାନ ପ୍ରାପ୍ତ କରାହୁଏ । ଏହା ପ୍ରାପ୍ତ ହେବା ପରେ ବର୍ଣ୍ଣ-ଧର୍ମର ଅର୍ଥାତ୍ ନୈତିକ-ଧର୍ମର ଆବଶ୍ୟକତା ନ ହୋଇପାରେ, କିନ୍ତୁ ଏହାକୁ ପ୍ରାପ୍ତ କରିବାର ସାଧନା ଅବସ୍ଥାରେ ପୂର୍ବ ଧର୍ମକୁ

ତ୍ୟାଗ କଲେ ଚିତ୍ତ-ଶୁଦ୍ଧି ହୁଏ ନାହିଁ । ଅଶୁଦ୍ଧ ଚିତ୍ତରେ ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ । ଅତଏବ ପ୍ରଥମାବସ୍ଥାରେ ବର୍ଣ୍ଣ-ଧର୍ମ ଆଚରଣ କରିବା ବାଞ୍ଛନୀୟ ।

ଉତ୍ତର : କେତେକ ଆଧ୍ୟାତ୍ମିକ ସଂପ୍ରଦାୟର ବ୍ୟକ୍ତି ଏପରି କହନ୍ତି ସତ, କିନ୍ତୁ କାର୍ଯ୍ୟରେ କରନ୍ତି ନାହିଁ । ଯଦି ଏହାହିଁ ଯୁକ୍ତିଯୁକ୍ତ ହୁଅନ୍ତା ତେବେ କେବେ ବି ସମାଜ-ଧର୍ମକୁ ତ୍ୟାଗ କରିବାକୁ ପଡ଼ନ୍ତା ନାହିଁ । ଅଧ୍ୟାତ୍ମ-ଧର୍ମର ଉଦ୍ଦେଶ୍ୟ ଭଗବାନଙ୍କୁ ପ୍ରାପ୍ତ କରିବା । ଯଦି ଭଗବତ୍-ପ୍ରାପ୍ତି ହେବା ପର୍ଯ୍ୟନ୍ତ ସମାଜ-ଧର୍ମକୁ ପାଳନ କରିବାକୁ ହୁଏ, ତେବେ ଭଗବତ୍-ପ୍ରାପ୍ତି ପରେ ତାକୁ ତ୍ୟାଗ କରିବା ଆବଶ୍ୟକ କ'ଣ ? ଫେର ଏହାର ନାମ ''ଅଧ୍ୟାତ୍ମଧର୍ମ'' ବୋଲି କାହିଁକି ହୁଅନ୍ତା ? ଏହା ହୁଅନ୍ତା ସମାଜ-ଧର୍ମର ଏକ ପୂର୍ଣ୍ଣ ଅବସ୍ଥା । ଗୃହତ୍ୟାଗୀ, ବୀତରାଗୀ ସନ୍ଥ ମହାତ୍ମାଙ୍କର ବି ଦର୍ଶନ ହୁଅନ୍ତା ନାହିଁ  କିଂବା ଅଧ୍ୟାତ୍ମ-ସଂପ୍ରଦାୟର ସୃଷ୍ଟି ହୁଅନ୍ତା ନାହିଁ ।

ଆପଣଙ୍କ କହିବାନୁସାରେ ଅଧ୍ୟାତ୍ମ ସାଧକକୁ ଭଗବତ୍-ପ୍ରାପ୍ତି ଉଦ୍ଦେଶ୍ୟରେ ଚିତ୍ତ-ଶୁଦ୍ଧି ନିମିତ୍ତ ବର୍ଣ୍ଣାଦି ସମାଜ-ଧର୍ମକୁ ପାଳନ କରିବା ଆବଶ୍ୟକ ଏବଂ ଏହା ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ସମାଜ-ଧର୍ମର ଅଙ୍ଗୀଭୂତ ପିତା, ମାତା, କୁଟୁମ୍ବ ଓ ପିତର ସେବାକୁ ତ୍ୟାଗ କରିଥିବା ଅଧ୍ୟାତ୍ମ ସାଧକର ଚିତ୍ତ-ଶୁଦ୍ଧି ହୁଅନ୍ତା ନାହିଁ, ସେମାନେ ଲକ୍ଷ୍ୟଭ୍ରଷ୍ଟ ହୋଇ ପତିତ ହୋଇ ଯାଇଥା'ନ୍ତେ । ଏପରି ତ ଦେଖାଯାଉ ନାହିଁ ? ସୁତରାଂ ଏହାର ବିପରୀତ ଦୃଷ୍ଟିଗୋଚର ହେଉଅଛି । ସେମାନେ ଭଗବାନଙ୍କୁ ପ୍ରାପ୍ତ କରୁଅଛନ୍ତି ଏବଂ ସମାଜ ଦ୍ୱାରା ଚିରକାଳରୁ ସମ୍ମାନିତ ହୋଇ ଆସୁଛନ୍ତି ।

ପ୍ରଶ୍ନ : ଚିତ୍ତ-ଶୁଦ୍ଧି ସକାଶେ ବର୍ଣ୍ଣ-ଧର୍ମ ପାଳନ କରା ନ ହେଉ, କିନ୍ତୁ ପୂର୍ବାଚାର୍ଯ୍ୟମାନେ ଏହି ବର୍ଣ୍ଣ-ଧର୍ମକୁ ମାନି ଆସିଅଛନ୍ତି, ସେଥିପାଇଁ ଏହା ପାଳନୀୟ ।

ଉତ୍ତର : ପୂର୍ବାଚାର୍ଯ୍ୟ ଅର୍ଥାତ୍ ପୂର୍ବେ ଯେଉଁମାନେ ଆଚାର୍ଯ୍ୟମାନେ ହୋଇ ଯାଇଅଛନ୍ତି ସେମାନେ ବର୍ଣ୍ଣ-ଧର୍ମକୁ କେତେ ପରିମାଣରେ ମାନିଛନ୍ତି ତାହା କହିବା କଠିନ । କାରଣ ବୈଷ୍ଣବ ସମ୍ପ୍ରଦାୟରେ, ବ୍ୟକ୍ତି ଗୃହସ୍ଥାଶ୍ରମ ତ୍ୟାଗ କରି ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ସମୟରେ ତାହାର ପୂର୍ବ ନାମ, ଗୋତ୍ର, ଜାତିସବୁ ପରିବର୍ତ୍ତନ କରାହୁଏ । ତାହାର ଗୋତ୍ର ହୁଏ 'ଅଚ୍ୟୁତ', ବର୍ଣ୍ଣ 'ହରିଦାସ' । ''ଜାତିପାତି ପୁଛେ ନହି କୋଇ, ହରିକା ଭଜେ, ସୋ ହରି କା ହୋଇ ।'' ଏପରି କି କୌଣସି ବୈଷ୍ଣବଙ୍କୁ ଜାତି ପଚାରିବା ଶାସ୍ତ୍ରରେ ମହାନ୍ ପାପ ବୋଲି କୁହାଯାଇଅଛି । ବୈଷ୍ଣବ ସମ୍ପ୍ରଦାୟରେ ଆଚାର୍ଯ୍ୟ ଶ୍ରୀ ରାମାନୁଜ ସ୍ୱାମୀଙ୍କ ଶିଷ୍ୟ ଧନୁର୍ଦାଶ ଅନ୍ତ୍ୟଜ ଥିଲେ । ସ୍ନାନ କରି ଆସିବା ସମୟରେ ଶ୍ରୀ ରାମାନୁଜ ସ୍ୱାମୀ ବୃଦ୍ଧ ଅବସ୍ଥାରେ ଧନୁର୍ଦାଶଙ୍କ କାନ୍ଧରେ ହାତ ଦେଇ ଆସୁଥିଲେ । ଏହା ବହୁତ ପ୍ରସିଦ୍ଧ ଘଟଣା । ଆଚାର୍ଯ୍ୟ ଶ୍ରୀ ରାମାନନ୍ଦଙ୍କ ଶିଷ୍ୟ କବୀର ଓ ରଇଦାସ ଥିଲେ । ଆଚାର୍ଯ୍ୟ ଶଙ୍କରଙ୍କ ସଂପ୍ରଦାୟରେ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିବା ସମୟରେ, ସମାଜ-ଧର୍ମର ଚିହ୍ନ ଶିଖା, ସୂତ୍ରକୁ ପରିତ୍ୟାଗ କରନ୍ତି, ବସ୍ତ୍ର ପରିବର୍ତ୍ତନ କରନ୍ତି । ସମାଜ-ଜୀବନରେ ତାଙ୍କର ମୃତ୍ୟୁ ହୋଇଯିବା ଧାରଣାକୁ ପରିପୁଷ୍ଟ କରିବା ସକାଶେ ସେ ନିଜର ଶ୍ରାଦ୍ଧ ନିଜେ କରନ୍ତି । ଏପରି ସ୍ଥଳେ ଏମାନେ ବର୍ଣ୍ଣ-ଧର୍ମକୁ କେତେଦୂର ମାନନ୍ତି ଏହା ସେମାନଙ୍କ କର୍ମରୁ ଅନୁମାନ କରାଯାଇପାରେ । ଏହିସବୁ ବିଷୟ ବିଚାର କରିବାରୁ ବୁଝାଯାଉଛି ଆଧ୍ୟାତ୍ମିକତାରେ ବର୍ଣ୍ଣବ୍ୟବସ୍ଥା ଶାସ୍ତ୍ରର ନିୟମ ନୁହେଁ କିଂବା ପୂର୍ବାଚାର୍ଯ୍ୟମାନେ ଏହାକୁ ସ୍ୱୀକାର କରି ନାହାନ୍ତି । କେବଳ ମଧ୍ୟବର୍ତ୍ତୀ ଯୁଗରେ ସମାଜରେ ବର୍ଣ୍ଣଧର୍ମ କଠୋର ଅଲଂଘନୀୟ ନିୟମରୂପେ ପାଳନ କରାହେଉଥିବାରୁ ତାହାର ପ୍ରଭାବ ଆଧ୍ୟାତ୍ମିକ ସଂପ୍ରଦାୟ ଉପରେ ବିଶେଷଭାବେ ପଡ଼ିଥିଲା । ଏହା ଆଧ୍ୟାତ୍ମିକ ଧର୍ମର ମୌଳିକ ସିଦ୍ଧାନ୍ତ ନୁହେଁ । ବର୍ତ୍ତମାନ ସମାଜରୁ ବର୍ଣ୍ଣ-ବ୍ୟବସ୍ଥାର କଠୋରତା ଏକେବାରେ ଲୋପ ହୋଇଯାଇ ଏକ ନିର୍ଜୀବ ଆକୃତିକୁ ପ୍ରାପ୍ତ ହୋଇଅଛି । ଏପରିକି ବର୍ଣ୍ଣ-ଧର୍ମ କେବଳ ମୁଖରେ କହିବା ଛଡ଼ା କର୍ତ୍ତବ୍ୟରେ ଏକେବାରେ ନାହିଁ । ତଥାପି କେତେକ ଧର୍ମ-ସଂପ୍ରଦାୟ ଏହି ନିର୍ଜୀବ ଆକୃତିକୁ ଜୋର୍ କରି ଧରିଅଛନ୍ତି ।

ଯଦି କୁହାଯାଏ, ପରିସ୍ଥିତି ଯେପରି ହେଉ ନା କାହିଁକି ଯେଉଁ ବର୍ଣ୍ଣ-ବ୍ୟବସ୍ଥା ପୂର୍ବରୁ ଚାଲି ଆସୁଅଛି, ତାହା ତ୍ୟାଗ କରିବା ଉଚିତ ନୁହେଁ । ତେବେ ହଁ, ଏହା କୌଣସି ପ୍ରକାରେ ବୈଷ୍ଣବ-ସଂପ୍ରଦାୟରେ ଚଳିପାରେ, କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମରେ ଏହାକୁ ସ୍ଥାନ ଦେବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସମସ୍ତ ଦେଶ ଓ ସମଗ୍ର ମାନବ-ଜାତି ସକାଶେ । ତାହାର ଉଦ୍ଦେଶ୍ୟ ମନ-ପ୍ରାଣ-ଶରୀରର ଦିବ୍ୟ-ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର; ସଂସାରରେ ନୂତନ ଅତିମାନବ ଜାତି ସ୍ଥାପନ । ଯଦି ଶରୀରର ତତ୍ତ୍ୱକୁ ରୂପାନ୍ତରିତ କରିବା ଏହି ଯୋଗର ଉଦ୍ଦେଶ୍ୟ ହୁଏ, ତେବେ ଶରୀରରେ ଆରୋପିତ ବର୍ଣ୍ଣ-ବ୍ୟବସ୍ଥାକୁ ସ୍ଥାନ ଦିଆଯିବ କିପରି ? ବର୍ଣ୍ଣବ୍ୟବସ୍ଥା ଶରୀର, ପ୍ରାଣ, ମନର ମୂଳଗତ ଧର୍ମ ନୁହେଁ । ଯେପରି ପିତା, ମାତା, ପରିବାର ସମ୍ବନ୍ଧ ଜୀବର ମୂଳଗତ ଧର୍ମ ନୁହେଁ । ଜୀବ ଯେଉଁ ପରିବାରରେ ଜନ୍ମଗ୍ରହଣ କରେ ତାହାର ସମ୍ବନ୍ଧ ସେହିଠାରେ ସ୍ୱାଭାବିକ ରୂପେ ହୋଇଯାଏ । ଯଦି ସେ ସେହି ପରିବାରରେ ଆଜୀବନ ରହେ, ତେବେ ସେହି ସଂସ୍କାର ବରାବର ବୃଦ୍ଧି ହେଉଥାଏ । ମୃତ୍ୟୁ ପରେ ଅନ୍ୟ ପରିବାରରେ ଜନ୍ମ ନେବା ସଙ୍ଗେ ସଙ୍ଗେ ନୂତନ ପରିବାର ସମ୍ବନ୍ଧ ଆରୋପିତ ହୁଏ । ଏହା ଜୀବର ମୌଳିକ ଧର୍ମ ନୁହେଁ । ମନୁଷ୍ୟ ଯେତେବେଳେ ନିଜ ସତ୍ୟ-ସ୍ୱରୂପକୁ ପ୍ରାପ୍ତ କରିବା ନିମିତ୍ତ ସମାଜକୁ ପରିତ୍ୟାଗ କରେ, ସେତେବେଳେ ଏହି ପାରିବାରିକ ସମ୍ବନ୍ଧ ମଧ୍ୟ ଦୂର ହୁଏ । କାରଣ ଏହି ପାରିବାରିକ ସମ୍ବନ୍ଧ ଅସ୍ଥାୟୀ ଓ ଆରୋପିତ । ଏହା କେବଳ ସମାଜ ସକାଶେ କିଛି କାଳ ପାଇଁ ସତ୍ୟ ବୋଲି ପ୍ରତୀତ ହୋଇଥାଏ । ସତ୍ୟ-ସନ୍ଧାନୀ ବ୍ୟକ୍ତି ସତ୍ୟର ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ପ୍ରଥମେ ସମାଜ ଏବଂ ତଦ୍ୱାରା ବ୍ୟବସ୍ଥିତ ପାରିବାରିକ ସମ୍ବନ୍ଧକୁ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରେ । ଏହା ଯଦି ଶାସ୍ତ୍ର-ସମ୍ମତ ହୁଏ ତେବେ ପାରିବାରିକ ସମ୍ପର୍କରେ ଯେଉଁ ବର୍ଣ୍ଣ-ଧର୍ମ, ତାହାକୁ ତ୍ୟାଗ କଲେ ଶାସ୍ତ୍ର-ବିରୋଧ ହେବ କିପରି ? ଅତଏବ ଆଶ୍ରମ ଆଧ୍ୟାତ୍ମିକ ସଂସ୍ଥା ହୋଇଥିବାରୁ ସେଥିରେ ବର୍ଣ୍ଣ-ଧର୍ମ ବ୍ୟବସ୍ଥା ନ ରହିବା ଶାସ୍ତ୍ର-ବିରୋଧ ନୁହେଁ, ବରଂ ଶାସ୍ତ୍ର-ସମ୍ମତ ।

ପ୍ରଶ୍ନ : ଅନ୍ୟାନ୍ୟ ଅଧ୍ୟାତ୍ମବାଦୀ ଯେପରି ସଂସାର ଓ ସମାଜ ତ୍ୟାଗ କରି ନିଜ ମୁକ୍ତିର ପ୍ରୟାସ କରିଛନ୍ତି, ଆଶ୍ରମରେ ମଧ୍ୟ ସେହିପରି କରା ହୁଏ । ଫେର୍ ବାରଂବାର କାହିଁକି କୁହାହୁଏ, ଆଶ୍ରମର ସାଧକ ସନ୍ନ୍ୟାସୀ ନୁହନ୍ତି, ସଂସାର ଓ ସମାଜ ତ୍ୟାଗ କରନ୍ତି ନାହିଁ ?

ଉତ୍ତର : ଆଶ୍ରମର ସାଧକ ସମାଜର ସେହି ଅଂଶକୁ ପରିତ୍ୟାଗ କରନ୍ତି ଯାହା ସତ୍ୟ-ସନ୍ଧାନରେ ଅନ୍ତରାୟ ହୁଏ । କିନ୍ତୁ ସେ ଯେଉଁ ସତ୍ୟ ଉପଲବ୍ଧି କରିବେ, ତାହା ବ୍ୟକ୍ତିର ନିଜ ସକାଶେ ହେବ ନାହିଁ, ସମାଜ ଏବଂ ମନୁଷ୍ୟ ଜାତି ସକାଶେ ହେବ, ଅର୍ଥାତ୍, ସାଧକର ମନ, ପ୍ରାଣ, ଶରୀରର ରୂପାନ୍ତର ସଙ୍ଗେ ସଙ୍ଗେ ସମାଜ, ସଂସାରରୁ ଅସତ୍ୟ, ଅନ୍ୟାୟ, ସ୍ୱାର୍ଥ, ହିଂସା, ଦ୍ୱେଷାଦି ଦୁର୍ଗୁଣ ବହୁତ ପରିମାଣରେ କମ୍ ହୋଇଯିବ ଏବଂ ସମାଜ କ୍ରମଶଃ ଅସତ୍ୟକୁ ତ୍ୟାଗ କରି ସତ୍ୟ ଆଡ଼କୁ ଗତି କରିବ । ଅତଏବ ଆଶ୍ରମର ସାଧକମାନେ କର୍ମତ୍ୟାଗୀ ସନ୍ନ୍ୟାସୀ ନୁହନ୍ତି, ବରଂ ପୃଥିବୀରେ ନୂତନ ମାନବ-ଜାତି ସ୍ଥାପନ କରିବା କାର୍ଯ୍ୟରେ ଅଂଶଗ୍ରହଣ କରି ସାଧନା କରୁଅଛନ୍ତି ।

## (୪)

## ଶ୍ରୀଅରବିନ୍ଦଙ୍କ ଯୋଗ ଓ ବିଭିନ୍ନ ସମ୍ପ୍ରଦାୟ

ଶ୍ରୀଅଯୋଧ୍ୟାରେ ଶ୍ରୀଅରବିନ୍ଦ ଆଶ୍ରମର ଶାଖା-ଆଶ୍ରମ ଯେଉଁଠାରେ ସ୍ଥାପିତ ହେବାର ପ୍ରସ୍ତାବ ହୋଇଥିଲା, ଯେଉଁ ଜମିକୁ ଅମାମା ଟେକାରୀ ଷ୍ଟେଟ୍ (ବିହାର)ର ରାଣୀସାହେବା ମା'ଙ୍କୁ ଅର୍ପଣ କରିଥିଲେ ସେ ଜମିକୁ ଦେଖିଲି ଏବଂ ତାହାର ସମୟୋପଯୋଗୀ ବ୍ୟବସ୍ଥା କରି, ସେ ସମୟରେ ସେଠାରେ ଯେଉଁ ପୂର୍ବ ପରିଚିତ ମହାତ୍ମାମାନେ ଥିଲେ ତାଙ୍କୁ ଦର୍ଶନ କରି ଭିବାନୀକୁ ଯାତ୍ରା କଲି । ଭିବାନୀର ପରିଚୟ ଏବଂ ସେଠାକୁ ଯିବାର ଉଦ୍ଦେଶ୍ୟ ଏଠାରେ କହିଦେବା ଉଚିତ ।

ଭିବାନୀ ଖାକିବାବା ମନ୍ଦିରରେ ମୋର ଗୁରୁଭ୍ରାତା ବେଣୀମାଧବ ଦାସ ବର୍ତ୍ତମାନ ଆଶ୍ରମର ସଂଚାଳକ ସ୍ଥାନ ଅଳଂକୃତ କରିଅଛନ୍ତି* । ପୂର୍ବେ ଅଯୋଧ୍ୟାରେ ଏବଂ ପରେ ଶ୍ରୀଅରବିନ୍ଦ ଆଶ୍ରମରେ ଆମ୍ଭେ ଦୁଇଜଣ ଏକ ସଙ୍ଗେ ଥିଲୁ ।

* ବେଣୀମାଧବ ଦାସଜି ତା୧୭/୧୦/୨୦୦୪ରିଖରେ ଶରୀର ତ୍ୟାଗ କରିଛନ୍ତି ।

ସେ ମଧ୍ୟ କେବେ କେବେ ଆଶ୍ରମ ଆସନ୍ତି । ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ ଯଦି କେବେ ଆଶ୍ରମର ବାହାରକୁ ଯାଏ ତେବେ ଭିବାନୀ ଆସିବି । ଭିବାନୀ ପଞ୍ଜାବପ୍ରାନ୍ତଭୁକ୍ତ ହିସାର ଜିଲା ଅନ୍ତର୍ଗତ ଗୋଟିଏ ଅତି-ପ୍ରାଚୀନ ସହର । ସେଠାରେ ବହୁ ମନ୍ଦିର ବିଦ୍ୟମାନ । ସେଠିକାରଲୋକେ ଭିବାନୀକୁ କାଶୀ ଏବଂ ଧର୍ମପୀଠରୂପେ ମାନନ୍ତି । ସହରବାସୀଙ୍କ ମଧ୍ୟରୁ ଅଧିକାଂଶ ଭକ୍ତ ଏବଂ ଧର୍ମ-ପରାୟଣ ବ୍ୟକ୍ତି । ବେଣୀମାଧବ ଦାସଙ୍କ ସରଳ, ନିଷ୍କପଟ ସ୍ୱଭାବ, ସାଧନା-ପରାୟଣତା, ସତ୍ୟ ଆଚରଣର ପ୍ରଭାବରେ ସହର ଲୋକଙ୍କର ପ୍ରବୃତ୍ତି ପୂର୍ବାପେକ୍ଷା ଅଧିକଭାବେ ଧାର୍ମିକତା ଓ ଭଗବତ୍ ଭକ୍ତି ଦିଗରେ ଆକୃଷ୍ଟ ହୋଇଅଛି । ବହୁବ୍ୟକ୍ତି ନିଜ ନିଜ କାର୍ଯ୍ୟରୁ ଅବସର ପାଇବା ମାତ୍ରକେ ମନ୍ଦିରକୁ ଆସି ଦର୍ଶନ କରନ୍ତି, କୀର୍ତ୍ତନ କରନ୍ତି, ମନ୍ଦିରରେ ଝାଡୁ ଲଗାନ୍ତି, ବାସନ ମାଜନ୍ତି ଓ ବଗିଚାରେ କାମ କରନ୍ତି । ଅର୍ଥାତ୍ ମନ୍ଦିର ସେବା ଯେ ଯେତେ କରିପାରେ ସେଥିରେ ସେ ନିଜକୁ କୃତାର୍ଥ ମାନେ । ସେମାନଙ୍କ ମଧ୍ୟରୁ ମନ୍ଦିରର ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ କେତେଜଣ କରନ୍ତି; ଘୋର ବର୍ଷା, ପ୍ରଚଣ୍ଡ ଶୀତରେ ମଧ୍ୟ ଠିକ୍ ସମୟରେ ଆସି ନିଜ ସେବା ସମାପ୍ତ କରି ଯାଆନ୍ତି । ବେଣୀମାଧବଜି ସନ୍ଧ୍ୟା ସମୟରେ ତୁଳସୀକୃତ ରାମାୟଣ ପାଠ କରନ୍ତି, ସକାଳେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ି ଲୋକଙ୍କୁ ବୁଝାଇ ଦିଅନ୍ତି । ସେଥିରେ ବହୁସଂଖ୍ୟକ ଲୋକ ଯୋଗ ଦିଅନ୍ତି । ଏହିପରି ସେମାନଙ୍କ ଶ୍ରଦ୍ଧା, ଭକ୍ତି ଏବଂ ମହାତ୍ମାଙ୍କ ସାଧନ ପ୍ରଭାବରେ ସେହି ବହୁ ପ୍ରାଚୀନ ଖାକିବାବା ମନ୍ଦିରର ପବିତ୍ର ବାତାବରଣ ସୃଷ୍ଟି ହୋଇଅଛି ।

ସେହି ମନ୍ଦିରରେ ମୋତେ ଦେଖି ମହାତ୍ମାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଅବକାଶ ପାଇବା ମାତ୍ରେ ମୋ ପାଖକୁ ଆସି ଯାଆନ୍ତି ଏବଂ ବହୁତ ପ୍ରକାର କଥାବାର୍ତ୍ତା ହୁଏ । ସେଠାରେ ମୁଁ ଦୁଇ ଚାରିଦିନ ରହିବାକୁ ପୂର୍ବରୁ ଠିକ୍ କରିଥିଲି କିନ୍ତୁ ତାଙ୍କର ବହୁତ ଆଗ୍ରହ ଯୋଗୁଁ ପନ୍ଦର ଦିନରୁ ଅଧିକ ରହିବାକୁ ହେଲା । ସେହି ସମୟରେ ସେଠାରେ ବିଶେଷ ସମାରୋହରେ ଗୋଟିଏ ଉତ୍ସବର ଆୟୋଜନ ହୋଇଥିଲା । ଅଖଣ୍ଡ ସୀତାରାମ ନାମ ଯଜ୍ଞ ନଅ ଦିନ ପର୍ଯ୍ୟନ୍ତ ଚାଲିଥିଲା । ସେହି ଉତ୍ସବ ଉପଲକ୍ଷେ ଶ୍ରୀ ଅବଧରୁ କେତେକ ଉଚ୍ଚକୋଟୀର ମହାତ୍ମା ଆଉ ବିଦ୍ୱାନ୍ ମହାତ୍ମାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । 'କଥା', 'ସତ୍-ସଙ୍ଗ' ଆଉ ମହାତ୍ମାମାନଙ୍କ ଦର୍ଶନ ଲାଭ କରିବା ଉଦ୍ଦେଶ୍ୟରେ ଦୂରଦୂରାନ୍ତରୁ ବହୁ ସଂଖ୍ୟକ ନରନାରୀ ପ୍ରତିଦିନ ସେଠାକୁ ଆସୁଥିଲେ । ଅଯୋଧ୍ୟାରେ ସମସ୍ତ ମହାତ୍ମାଙ୍କୁ ଦର୍ଶନ କରିବାର ସୁଯୋଗ ମୁଁ ମଧ୍ୟ ପାଇ ନ ଥିଲି । ଅଯୋଧ୍ୟାରେ ଯେଉଁମାନଙ୍କୁ ଦର୍ଶନ କରିଥିଲି କେବଳ ଅଳ୍ପ ସମୟ ସକାଶେ, ସେମାନଙ୍କ ସଙ୍ଗେ ବିଶେଷ ଆଲୋଚନା ହୋଇପାରି ନ ଥିଲା । ଭିବାନୀରେ ଏକ ସଙ୍ଗେ ବହୁଦିନ ରହିବାରୁ ପରସ୍ପର ଅଧ୍ୟାତ୍ମ-ଚର୍ଚ୍ଚା କରିବାକୁ ଅବକାଶ ମିଳିଲା । ସେହି ମହାତ୍ମାମାନଙ୍କ ମଧ୍ୟରୁ କେତେକ ମହାତ୍ମାଙ୍କର ମୋ ପ୍ରତି ପୂର୍ବରୁ ବହୁତ କୃପା ଥିଲା, ସେମାନେ ମୋତେ ବହୁତ ସ୍ନେହ କରୁଥିଲେ । ଦେଖାହେବାମାତ୍ରେ ଆଶ୍ରମର ଦିନ-ଚର୍ଯ୍ୟା, ସାଧନା, ସିଦ୍ଧାନ୍ତ ଜାଣିବାକୁ କୌତୂହଳ-ବଶରେ ନାନା ପ୍ରକାର ପ୍ରଶ୍ନ କଲେ । ମହାତ୍ମାମାନେ ଜ୍ଞାନବୃଦ୍ଧ, ମୋର ପୂଜ୍ୟ, ଆଦରଣୀୟ ଓ ବୟୋଜ୍ୟେଷ୍ଠ । ଅନ୍ୟ କେତେକ ମହାତ୍ମା ଖୁବ୍ ବିଦ୍ୱାନ୍, ଅନର୍ଗଳ ବକ୍ତା ଏବଂ ପ୍ରତିଭା-ସମ୍ପନ୍ନ ସନ୍ଥ । ସେମାନଙ୍କ ସଙ୍ଗେ ଆଧ୍ୟାତ୍ମିକ ଚର୍ଚ୍ଚା କରିବା ଯଦ୍ୟପି ମୋ ପକ୍ଷରେ ଅନଧିକାର ଚେଷ୍ଟା ଥିଲା, ତଥାପି ତାଙ୍କ ଆଗ୍ରହ ଏବଂ ଆଜ୍ଞାକୁ ଶିରୋଧାର୍ଯ୍ୟ କଲି । ମା'ଙ୍କ କୃପାରୁ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧରେ ଯତ୍କିଞ୍ଚିତ ଜାଣିଥିଲି ତାହା ମହାତ୍ମାମାନଙ୍କ ସେବାରେ ନିବେଦନ କଲି ।

ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଚର୍ଚ୍ଚା ହେବା ସମୟରେ ଅନ୍ୟାନ୍ୟ ମହାତ୍ମା ଏବଂ ସହରର ବ୍ୟକ୍ତିମାନେ ମଧ୍ୟ ବସି ଶୁଣୁଥିଲେ ।

ପ୍ରଶ୍ନ : ଆଶ୍ରମରେ କେତେକ ସମ୍ପ୍ରଦାୟର ବ୍ୟକ୍ତି ନିଜ ଗୁରୁ ଏବଂ ସମ୍ପ୍ରଦାୟ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରୁଅଛନ୍ତି, ତାହା କ'ଣ ଶାସ୍ତ୍ର-ସମ୍ମତ ଅଥବା ଶାସ୍ତ୍ର-ବିରୋଧ ?

ଉତ୍ତର : ବ୍ୟକ୍ତିର ଲକ୍ଷ୍ୟ ଯଦି ଭଗବତ୍ ପ୍ରାପ୍ତି ହୋଇଥାଏ, ସେହି ଲକ୍ଷ୍ୟ ପ୍ରାପ୍ତ କରିବା ଉପାୟ ସ୍ୱରୂପ ଯଦି ସେ ଗୁରୁଙ୍କ ଶରଣାପନ୍ନ ହୋଇ ସମ୍ପ୍ରଦାୟଭୁକ୍ତ ହୋଇଥାଏ, ତେବେ ସେହି ବ୍ୟକ୍ତି ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଶାସ୍ତ୍ର-ସମ୍ମତ । କାରଣ ସେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ନିଜ ଲକ୍ଷ୍ୟର ପୂର୍ଣ୍ଣତା ଦିଗରେ ଗତି କରେ ।

ଲକ୍ଷ୍ୟ ପ୍ରାପ୍ତିରେ ଅନ୍ୟଠାରୁ ସାହାଯ୍ୟ ଗ୍ରହଣ କରିବା ସାଧକ ପକ୍ଷେ ଅବାଞ୍ଛନୀୟ ନୁହେଁ । ଏପରି ସ୍ଥିତିରେ ସମ୍ପ୍ରଦାୟ ଅଥବା ଗୁରୁଙ୍କୁ ତ୍ୟାଗ କରାହୁଏ ନାହିଁ । ସୁତାରାଂ ଭଗବତ୍ ପ୍ରାପ୍ତି ନିମିତ୍ତ ଗୁରୁ ଯେଉଁ ଉପଦେଶ ଦେଇ ଥାଆନ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାହିଁ ପରିପୁଷ୍ଟ ଓ ପରିପୂର୍ଣ୍ଣ ହୁଏ । ଯଦି ସାଧକ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ତ୍ୟାଗ କରି ଭୂତ, ପ୍ରେତ ବା ଅନ୍ୟାନ୍ୟ ସ୍ୱାର୍ଥ-ସିଦ୍ଧି କରିବାକୁ ସାଧନା କରି ଥାଆନ୍ତେ, ତେବେ ସମ୍ପ୍ରଦାୟ ଓ ଗୁରୁଙ୍କୁ ସ୍ୱାଭାବିକରୂପେ ତ୍ୟାଗ କରା ହୋଇଥାଆନ୍ତା ଏବଂ ଏହାହିଁ ଶାସ୍ତ୍ରବିରୁଦ୍ଧ ହୁଅନ୍ତା । କିନ୍ତୁ ସେମାନେ ନିଜ ଲକ୍ଷ୍ୟକୁ ତ୍ୟାଗ ନ କରି ତାହାରି ପୂର୍ଣ୍ଣତା ଦିଗରେ ଗତି କରୁଅଛନ୍ତି; ସେଥିପାଇଁ ତାହା ଶାସ୍ତ୍ର-ସମ୍ମତ ।

ପ୍ରଶ୍ନ : ପ୍ରତ୍ୟେକ ସମ୍ପ୍ରଦାୟରେ ଭିନ୍ନ ଭିନ୍ନରୂପେ ଭଗବତ୍ ପ୍ରାପ୍ତି ହୁଏ । ପ୍ରାପ୍ତିର ଅନ୍ୟ ନାମ ସିଦ୍ଧି ବା ଲକ୍ଷ୍ୟପ୍ରାପ୍ତି । ଏପରିକି ପ୍ରତ୍ୟେକ ସମ୍ପ୍ରଦାୟର ଲକ୍ଷ୍ୟ ପରସ୍ପର-ବିରୋଧୀ । ତେବେ ସମସ୍ତ ସମ୍ପ୍ରଦାୟର ଲକ୍ଷ୍ୟ ସହିତ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟସହ ସାମଞ୍ଜସ୍ୟ ରହିବ କିପରି ?

ଉତ୍ତର : ଭଗବାନ୍ ଏକ । ସେହି ଏକହିଁ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଯଦି ପ୍ରତ୍ୟେକ ସମ୍ପ୍ରଦାୟରେ ସାଧକ ପ୍ରଯତ୍ନ କରନ୍ତି ତେବେ ସେହି ପ୍ରାପ୍ତିର ବିରୋଧ ହୁଏ କାହିଁକି ? ବିରୋଧର କାରଣ ହେଲା ପ୍ରତ୍ୟେକ ସମ୍ପ୍ରଦାୟର ସାଧକ ଭଗବାନଙ୍କୁ ଆଂଶିକ ରୂପେ ଲାଭ କରନ୍ତି । ଅର୍ଥାତ୍ ତାଙ୍କର ଜ୍ଞାନ, ଭକ୍ତି, ସାମର୍ଥ୍ୟ, କର୍ମ ମଧ୍ୟରୁ କୌଣସି ଗୋଟିକର କିଛି ଅଂଶ ନେଇ ଅନ୍ୟକୁ ବାଦ୍ ଦିଅନ୍ତି । ସେନେଇ ପ୍ରତ୍ୟେକ ସମ୍ପ୍ରଦାୟରେ ଭଗବତ୍ ପ୍ରାପ୍ତି ହୁଏ ଏକଠାରୁ ଅନ୍ୟର ପୃଥକ୍ ଏବଂ ପରସ୍ପର ବିରୋଧୀ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଭଗବାନଙ୍କୁ ପୂର୍ଣ୍ଣରୂପେ ପ୍ରାପ୍ତ କରାଯାଏ । ତାହାର ଅନ୍ତର୍ଗତ ଥାଏ ଜ୍ଞାନ, ଭକ୍ତି, କର୍ମ ଏବଂ ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟର ସିଦ୍ଧି । ଏହି କାରଣରୁ ପ୍ରତ୍ୟେକ ସମ୍ପ୍ରଦାୟର ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟବିରୋଧୀ ନୁହେଁ ବରଂ ସାମଞ୍ଜସ୍ୟ ରକ୍ଷା କରେ ।

ପୁରାତନ ଯୋଗତୁଲ୍ୟ ସାଧାରଣ ଭୌତିକ ଚେତନାକୁ ଉଚ୍ଚତର ଚେତନାରେ କେବଳ ଆରୋହଣ କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ନୁହେଁ । ସାଧାରଣ ଭୌତିକ-ଚେତନାରୁ ଆରୋହଣ କରି ଉଚ୍ଚତର ଅତିମାନସ ଚେତନାରେ ପହଞ୍ଚିବା — ସେହି ଅତିମାନସ ଚେତନାକୁ ଏହି ଜଡ଼ ଭୌତିକ ଶରୀର, ମନ, ପ୍ରାଣରେ ଉତାରି ଆଣିବା ଏବଂ ସେହି ଅତିମାନସ ଚେତନା ଶକ୍ତି ଦ୍ୱାରା ଏହି ମନ, ପ୍ରାଣ, ଶରୀରକୁ ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବା, ମନୁଷ୍ୟକୁ ଅତିମାନବତ୍ୱରେ ଓ ଏହି ମୃତ୍ୟୁ-ପୁରୀକୁ ସ୍ୱର୍ଗରେ ପରିଣତ କରିବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଗୁଣ, ନିର୍ଗୁଣ, ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଅବାଧରେ, ଅବିଚ୍ଛିନ୍ନରୂପେ ପ୍ରକଟ କରିବା; ତାଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ହେବା ସତ୍ତ୍ୱେ, ତାଙ୍କଠାରୁ ପୃଥକ୍ ରହି, ତାଙ୍କ ଯନ୍ତ୍ର ହୋଇ, ତାଙ୍କ ସଂକଳ୍ପରେ ତାଙ୍କ ଅତିମାନସ ଶକ୍ତି ଦ୍ୱାରା ଚାଳିତ ହେବାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି । ଏହିରୂପେ କେତେକ ବ୍ୟକ୍ତିଙ୍କ ରୂପାନ୍ତର ସାଧନ ହେବା ଦ୍ୱାରା — ସମସ୍ତ ଜଗତରୁ ହିଂସା, ଦ୍ୱେଷ, ସ୍ୱାର୍ଥପରତା, ଯୁଦ୍ଧ-ବିଗ୍ରହ ଦୂର ହେବ ଏବଂ କ୍ରମଶଃ ଶାନ୍ତି, ସମତା, ଅହିଂସା, ପରସ୍ପର ମିତ୍ରତା ଇତ୍ୟାଦି ଦିବ୍ୟଗୁଣ ସ୍ଥାପିତ ହେବ । ଏହି ଜଗତ ସହିତ ବୈକୁଣ୍ଠ, ସାକେତାଦି ଦିବ୍ୟ-ଲୋକର ଯେଉଁ ବ୍ୟବଧାନ ଅଛି ତାହା ଦୂର ହେବ, ସେହି ଦିବ୍ୟ-ଲୋକ ଏହି ମୃତ୍ୟୁ-ପୁରୀରେ ଉତରି ଆସିବ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର, ମନ, ପ୍ରାଣକୁ ତ୍ୟାଗ ନ କରି ତାକୁ ରୂପାନ୍ତରିତ କରାହୁଏ । ରୂପାନ୍ତରିତ ଶରୀର ରୋଗ, ମୃତ୍ୟୁ, ଜରା କବଳରୁ ମୁକ୍ତ ହୁଏ ଏବଂ ସୀମିତତା ଅସୀମତାରେ ପରିଣତ ହୋଇ ପରମ-ବ୍ରହ୍ମ ପୁରୁଷୋତ୍ତମ-ତତ୍ତ୍ୱ ସଙ୍ଗେ ପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ ହୁଏ; ତା' ମଧ୍ୟରେ ସମସ୍ତ ଭଗବତ୍ ଗୁଣ, ଜ୍ୟୋତିଃ, ଶକ୍ତି, ପରମ-ପ୍ରେମ, ପରା ଶକ୍ତି, ଅଖଣ୍ଡ-ଜ୍ଞାନ ପ୍ରବାହିତ ହୁଏ । ଏହି ଅବସ୍ଥାହିଁ ଜୀବନକୁ ପୂର୍ଣ୍ଣତା ପ୍ରଦାନ କରେ । ପ୍ରତ୍ୟେକ ପ୍ରାଣୀର ଏହାହିଁ କାମ୍ୟ ।

ସାଧାରଣ ମନୁଷ୍ୟ ସୀମାରେ ବନ୍ଦୀ ହୋଇ ଅଜ୍ଞାନ-ଅନ୍ଧକାରରେ ବିମୋହିତ ହୋଇ ତାହାର ଚିର ଅଭିଳଷିତ ସୁଖ, ଶାନ୍ତି, ଆନନ୍ଦ, ଶକ୍ତି ସମୃଦ୍ଧିକୁ ଭ୍ରମବଶରେ ସ୍ତ୍ରୀ, ପୁତ୍ର, ଧନରେ ଖୋଜେ; ଅଧିକାର, ଶାସନ ଓ ସାମ୍ରାଜ୍ୟ ପ୍ରାପ୍ତି କରିବାକୁ ଚେଷ୍ଟା କରେ, ଅଥବା ଅସ୍ତ୍ର-ଶସ୍ତ୍ରବଳ ବୃଦ୍ଧି କରି, ଅନ୍ୟ ରାଜ୍ୟକୁ ଅଧିକାର କରିବା କିଂବା ନିଜ ମତ ପ୍ରଚାର

ଦ୍ୱାରା ପୃଥିବୀକୁ ଗ୍ରାସ କରିବାକୁ ନାନା ପ୍ରକାର ଉପାୟ କରେ । ମନୁଷ୍ୟ ମୋହ-ଗ୍ରସ୍ତ ହୋଇ ଭାବେ, ''ମୋ ମତ ଜଗତରେ ସ୍ଥାପିତ ହେଲେ ମନୁଷ୍ୟ-ଜାତି ସୁଖ, ଶାନ୍ତି ଓ ଆନନ୍ଦ ଶକ୍ତିକୁ ଅବଶ୍ୟ ପ୍ରାପ୍ତ କରିବ ।'' ଏହିପରି ବହୁ ପ୍ରଯତ୍ନ ହଜାର ହଜାର ବର୍ଷ ପୂର୍ବରୁ ହୋଇ ଆସୁଛି, ଆଉ ସବୁ ବ୍ୟର୍ଥତାରେ ପରିଣତ ହୋଇଛି । ଯେପରି କୌଣସି ବ୍ୟକ୍ତିର ଶରୀରରେ ବିଷ ପ୍ରବେଶ କରି ଘା'ରୂପେ ପ୍ରଘଟ ହୁଏ, କିନ୍ତୁ ଘା'ର ଉତ୍ପତ୍ତିର କାରଣ ନ ଜାଣି, ଘା' ଉପରେ କୌଣସି ଔଷଧ ଲଗାଇ ତାକୁ ନୀରୋଗ କରିବାକୁ ଚେଷ୍ଟା କରାହୁଏ; ପରିଣାମରେ ଅନ୍ୟାନ୍ୟ ସ୍ଥାନରେ ନୂତନ ନୂତନ ଘା' ଏବଂ ଅନ୍ୟାନ୍ୟ ରୋଗ ବି ଉତ୍ପନ୍ନ ହୁଏ; ଠିକ୍ ଏହିପରି ହୋଇଛି ମନୁଷ୍ୟର ବ୍ୟାଧି ଓ ତାହାର ଉପାୟରୂପକ ଔଷଧ । ଯେପର୍ଯ୍ୟନ୍ତ ମନୁଷ୍ୟ ଭିତରୁ ହିଂସା, ଦ୍ୱେଷ, ସ୍ୱାର୍ଥ, ରୋଗ, ଜରା, ମୃତ୍ୟୁ ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ କୌଣସି ବାହ୍ୟ ଉପାୟ ଦ୍ୱାରା ତାକୁ ସ୍ଥାୟୀ ସୁଖ, ଶାନ୍ତି ପ୍ରାପ୍ତ ହେବ ନାହିଁ କିଂବା ସଂସାରରୁ ହିଂସା, ଦ୍ୱେଷ ଓ ଯୁଦ୍ଧ ଦୂର ହେବ ନାହିଁ । ଏହି ରୂପାନ୍ତର ସାଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା । ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ଦେହଧାରୀ ମନୁଷ୍ୟ ଜୀବନକୁ ଉନ୍ନତ କରେ ଏବଂ ତାକୁ ପୂର୍ଣ୍ଣତା ପ୍ରଦାନ କରେ ।

ପ୍ରଶ୍ନ : ସାଧାରଣ ମନୁଷ୍ୟମାନେ ସାଂସାରିକ ବ୍ୟାପାରର ମୋହରେ ପଡ଼ି ଦୁଃଖକଷ୍ଟ ଭୋଗ କରୁଅଛନ୍ତି, ସେମାନଙ୍କ ଦୁଃଖକଷ୍ଟ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ-ଯୋଗ ଦ୍ୱାରା ଦୂର ହୋଇପାରେ, କିନ୍ତୁ ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକ ଦୁଃଖକଷ୍ଟରେ ନାହାନ୍ତି, ସେମାନେ ଭକ୍ତି, ଜ୍ଞାନ ଦ୍ୱାରା ସୁଖ ଶାନ୍ତି ପ୍ରାପ୍ତ କରିଅଛନ୍ତି, ତେବେ ସେମାନଙ୍କ ନିମିତ୍ତ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା କ'ଣ ?

ଉତ୍ତର : ସମସ୍ତ ଆଧ୍ୟାତ୍ମିକ ସାଧକ ସୁଖ, ଶାନ୍ତି, ଆନନ୍ଦ ଜ୍ଞାନ ପ୍ରାପ୍ତି କରିଅଛନ୍ତି ସତ୍ୟ କିନ୍ତୁ ତାହା ପୂର୍ଣ୍ଣ ନୁହେଁ, ଆଂଶିକ; ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ତାହା ପୂର୍ଣ୍ଣ ହୁଏ । ସାଧନା ହୁଏ ମନ, ପ୍ରାଣ, ଶରୀରରେ । ଶରୀର ଛାଡ଼ି ଆତ୍ମା ପୃଥକ୍ ହୋଇଗଲେ ସାଧନା ହୁଏ ନାହିଁ । ଏପରିକି ଦେବତାମାନଙ୍କୁ ସାଧନା କରି ଭଗବତ୍ ପ୍ରାପ୍ତି କରିବାକୁ ହେଲେ ସେମାନଙ୍କୁ ମଧ୍ୟ ମନୁଷ୍ୟ ଶରୀର ଗ୍ରହଣ କରିବାକୁ ପଡ଼େ । ଶରୀର, ମନ, ପ୍ରାଣର ଧର୍ମ ଭାଗବତ ଧର୍ମର ଠିକ୍ ବିପରୀତ । ମନ, ପ୍ରାଣ, ଶରୀରକୁ ଯେତେ ପରିମାଣରେ ଶୁଦ୍ଧ କରାଯାଏ, ତେତେ ପରିମାଣରେ ସେ ଭଗବତ୍ ଅନୁଭୂତି ପ୍ରାପ୍ତ କରିବାରେ, ଭଗବତ୍ ଦିବ୍ୟଗୁଣ ଧାରଣ କରିବାରେ ସମର୍ଥ ହୁଏ । କିନ୍ତୁ ସମଗ୍ରରୂପେ ଯେପର୍ଯ୍ୟନ୍ତ ସେ ଭଗବତ୍ ଚିନ୍ମୟ-ତତ୍ତ୍ୱରେ ପୂର୍ଣ୍ଣତଃ ରୂପାନ୍ତରିତ ନ ହୁଏ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । କିଂବା ଭଗବତ୍ ଦିବ୍ୟଗୁଣକୁ ଧାରଣ କରିବାରେ ସମର୍ଥ ହୁଏ ନାହିଁ । ପ୍ରତ୍ୟେକ ସମ୍ପ୍ରଦାୟର ସାଧକକୁ ଭଗବତ୍ ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣ ପୂର୍ଣ୍ଣରୂପେ ପ୍ରାପ୍ତ କରିବାକୁ ହେଲେ ସେମାନଙ୍କ ମନ, ପ୍ରାଣ, ଶରୀରର ରୂପାନ୍ତର କରିବାକୁ ହେବ । ଏପର୍ଯ୍ୟନ୍ତ କୌଣସି ଆଧ୍ୟାତ୍ମିକ ସମ୍ପ୍ରଦାୟରେ ଅଥବା ଏହି ଜଗତରେ ଭୌତିକ ଶରୀରର ରୂପାନ୍ତର ହୋଇ ନାହିଁ । ଏହି ଅପୂର୍ଣ୍ଣତା ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣ ହୁଏ । ଏହି ସକାଶେ ପ୍ରତ୍ୟେକ ସାଧକ ନିମିତ୍ତ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା ରହିଛି ।

ପ୍ରଶ୍ନ : ଗୋପୀମାନଙ୍କ ଶରୀର ଭଗବତ୍ ଚିନ୍ମୟ-ତତ୍ତ୍ୱରେ ରୂପାନ୍ତରିତ ହୋଇ ନ ଥିଲା । ତେବେ ସେମାନେ କ'ଣ ଭଗବାନଙ୍କୁ ପୂର୍ଣ୍ଣରୂପେ ଉପଲବ୍ଧି କରି ନ ଥିଲେ ? ସେମାନଙ୍କର ଭଗବତ୍ ପ୍ରେମ କ'ଣ ଅପୂର୍ଣ୍ଣ ଥିଲା ? ଯେଉଁ ଗୋପୀମାନଙ୍କ ପ୍ରେମ ସମ୍ମୁଖରେ ଜ୍ଞାନ ନିରାଦରଣୀୟ, ଯେଉଁ ଗୋପୀମାନଙ୍କୁ ଜ୍ଞାନ ଉପଦେଶ ଦେବାକୁ ଉଦ୍ଧବ ଆସି ସେମାନଙ୍କ ପ୍ରେମଗୁଣ କୀର୍ତ୍ତନ କରି ଦ୍ୱାରିକା ଫେରିଯାଇଥିଲେ, ସେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥିଲେ ବୋଲି କହିବା କ'ଣ ଯୁକ୍ତିଯୁକ୍ତ ?

ଉତ୍ତର : ଯେପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର ଆଦି ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ନ ହୋଇ ତାଙ୍କ ଦ୍ୱାରା ଗୋଟିଏ ନିଷ୍କ୍ରିୟ ଯନ୍ତ୍ରରୂପେ ପରିଚାଳିତ ନ ହୁଏ, ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ ଏବଂ ତାଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତି କରାଯାଇପାରେ, ଯେବେ ମନ, ପ୍ରାଣ, ଶରୀର ତାଙ୍କର ଦିବ୍ୟ ଭାଗବତ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । କାରଣ ସ୍ୱଜାତୀୟ ବସ୍ତୁରେହିଁ

ଏକତ୍ୱ ପ୍ରାପ୍ତ ହୁଏ, ବିଜାତୀୟ ବସ୍ତୁରେ ନୁହେଁ । ଗୋପୀମାନେ ନିତ୍ୟମୁକ୍ତ, ଶ୍ରୀକୃଷ୍ଣଙ୍କ ଶାଶ୍ୱତ ସାଥୀ, ଗୋଲୋକବାସୀ । ସେମାନଙ୍କର ଗୋଲୋକରେ ନିତ୍ୟ ଚିନ୍ମୟ ଶରୀର ବିଦ୍ୟମାନ । ସେମାନେ ସେସମୟରେ ଭଗବତ୍‌ଚିନ୍ମୟ ତତ୍ତ୍ୱରେ ଶରୀର ରୂପାନ୍ତର କରି ଭଗବାନଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବା ସକାଶେ ପୃଥିବୀକୁ ଆସି ନ ଥିଲେ । କାରଣ ସେସମୟରେ ଏହି ରୂପାନ୍ତରର କାଳ ଆସି ନ ଥିଲା । ସେସମୟରେ ଶ୍ରୀକୃଷ୍ଣ ସମୟୋଚିତ ଯେଉଁ ଯୁଗଧର୍ମ ପୃଥିବୀରେ ସ୍ଥାପନ କଲେ, ସେଥିରେ ସେମାନେ ପ୍ରେମ-ବିକାଶ କରିବାକୁ ଆସିଥିଲେ । କିନ୍ତୁ ସେହି ଗୋପୀମାନେ ଯଦି ପୃଥିବୀରେ ଭଗବାନଙ୍କର ଏହି ବର୍ତ୍ତମାନ ଯୁଗଧର୍ମର ରୂପାନ୍ତର କାର୍ଯ୍ୟରେ ସହଯୋଗ କରିବାକୁ ଆସିଥା'ନ୍ତେ, ତେବେ ସେମାନେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବାକୁ, ତାଙ୍କର ସମସ୍ତ ଗୁଣ ନିଜ ମଧ୍ୟରେ ପ୍ରକାଶ କରିବାକୁ, ତାଙ୍କର ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ରୂପାନ୍ତର କରିବାକୁ କାର୍ଯ୍ୟ କରିଥା'ନ୍ତେ । ଭଗବାନଙ୍କ ନିତ୍ୟ ପାର୍ଶ୍ୱଦମାନଙ୍କର ପୂର୍ଣ୍ଣତା କିଂବା ଅପୂର୍ଣ୍ଣତାରେ କିଛି ଯାଏ ଆସେ ନାହିଁ । ଭଗବାନଙ୍କ ଦ୍ୱାରା ପୃଥିବୀରେ ଯେଉଁ ସମୟରେ ଯେଉଁ ଯୁଗଧର୍ମର ସ୍ଥାପନ କାର୍ଯ୍ୟ ହୁଏ, ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ସେଥିରେ ଅଂଶ ଗ୍ରହଣ କରନ୍ତି ।

ଗୋପୀମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ଏକେବାରେ ବୁଡି ଯାଇଥିଲେ । ଉଦ୍ଧବ ସେମାନଙ୍କୁ ସେ ଅବସ୍ଥାରେ ଜ୍ଞାନ ଉପଦେଶ ଦେଲେ, ଯାହା ଭଗବାନଙ୍କ ପ୍ରେମର ଅନ୍ୟ ଗୋଟିଏ ବିପରୀତ ଦିଗ । ସେଥିପାଇଁ ସେମାନେ ସେହି ଜ୍ଞାନକୁ ପ୍ରତ୍ୟାଖ୍ୟାନ କଲେ । ଉଦ୍ଧବଙ୍କ ଜ୍ଞାନର ଲକ୍ଷ୍ୟ ଥିଲା — ଗୋପୀମାନଙ୍କର ପ୍ରାଣପ୍ରିୟ, ହୃଦୟ-ଦେବତା, ନୟନ-ପ୍ୟାରା, ପ୍ରେମମୂର୍ତ୍ତି ଶ୍ରୀକୃଷ୍ଣଙ୍କ ପରିବର୍ତ୍ତେ ମନସା ବାଚାତୀତ ନିରାକାର ନିର୍ବିଶେଷ ନିଷ୍କ୍ରିୟ ସତ୍ତା । ଯଦ୍ୟପି ଏହି ଦୁଇଟି ଦିଗ ସେହି ଏକହିଁ ଭଗବାନଙ୍କର ତଥାପି ଏହି ଦୁଇଟି ଦିଗ ଏକେବାରେ ପରସ୍ପର ବିରୋଧୀ । ଏହାର ସାମଞ୍ଜସ୍ୟ ହୁଏ ତାଙ୍କର ସକ୍ରିୟ ଓ ନିଷ୍କ୍ରିୟ ସତ୍ତାର ଉର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ-ତତ୍ତ୍ୱରେ, ଯାହା ଏକ ସଙ୍ଗରେ ସକ୍ରିୟ, ନିଷ୍କ୍ରିୟ, ପୁରୁଷୋତ୍ତମ-ତତ୍ତ୍ୱ, ପ୍ରେମ ଏବଂ ଜ୍ଞାନ ସ୍ୱରୂପ । ଭଗବାନଙ୍କର ଏହି ପୂର୍ଣ୍ଣ ସ୍ୱରୂପ ମନର କୌଣସି ଉଚ୍ଚତର ଅବସ୍ଥାରେ ପ୍ରାପ୍ତ ହୁଏ ନାହିଁ, ପ୍ରାପ୍ତ ହୁଏ ଅତିମାନସ ଶକ୍ତି ଦ୍ୱାରା, ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ।

ପ୍ରଶ୍ନ : ବର୍ତ୍ତମାନ ଯୁଗଧର୍ମର କାର୍ଯ୍ୟ — ଶରୀରର ପୂର୍ଣ୍ଣ ରୂପାନ୍ତର କରିବା, ଭଗବାନଙ୍କୁ ପୂର୍ଣ୍ଣ ପ୍ରକାଶ କରିବା; କିନ୍ତୁ ସେ ସମୟରେ ଗୋପୀମାନଙ୍କ ସକାଶେ ଏହାର ଆବଶ୍ୟକତା ନ ଥିଲା । କିନ୍ତୁ ବର୍ତ୍ତମାନ ସମୟରେ ଯେଉଁ ଭକ୍ତମାନେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଭକ୍ତି-ଯୋଗ ଦ୍ୱାରା ଉପାସନା କରୁଛନ୍ତି ଏବଂ ତାଙ୍କ ଦିବ୍ୟ ଲୀଳାମୃତ ଆସ୍ୱାଦନରେ ସମସ୍ତ ଶାରୀରିକ ବ୍ୟାପାରରୁ ବିସ୍ମୃତ ହୋଇ ସେହି ଆନନ୍ଦରେ ନିମଗ୍ନ ରହୁଛନ୍ତି, ସେମାନଙ୍କ ପ୍ରାଣର ପ୍ରାଣ, ଜୀବନର ଜୀବନ, ଆତ୍ମାର ଆତ୍ମା, ଦଶରଥନନ୍ଦନ, କୌଶଳ-କିଶୋର ଅଥବା ଯଶୋଦା-ନନ୍ଦନ, ନନ୍ଦକିଶୋର ଯାହାଙ୍କ ରୂପାମୃତ ସମୁଦ୍ରକୁ ସେମାନଙ୍କର ନେତ୍ର ନିରନ୍ତର ପାନକରି ତୃପ୍ତ ହୁଏ ନାହିଁ, ସେମାନଙ୍କ ସର୍ବସ୍ୱ ଶ୍ରୀରାମ ଓ ଶ୍ରୀକୃଷ୍ଣ; ସେମାନଙ୍କ ମନୋବୁଦ୍ଧିର ବିଷୟ ଏପରି ହୋଇଛି ଯେ ତାଙ୍କୁ ଛାଡ଼ି ଅନ୍ୟତ୍ର ଯିବାର ଉପାୟ ନାହିଁ । ଏପରି ଅବସ୍ଥାରେ ସେମାନଙ୍କର ପୂର୍ଣ୍ଣତା ପ୍ରାପ୍ତି, ଶରୀରର ରୂପାନ୍ତର ଏବଂ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ଅଭିବ୍ୟକ୍ତିର ଆବଶ୍ୟକତା କ'ଣ ? ଏହା କେବଳ ଐଶ୍ୱର୍ଯ୍ୟ-କାମୀ ଯୋଗୀମାନଙ୍କ ସକାଶେ ପ୍ରୟୋଜନ ହୋଇପାରେ, ପ୍ରେମୀ-ଭକ୍ତମାନଙ୍କ ସକାଶେ ନୁହେଁ ।

ଉତ୍ତର : ଭକ୍ତ ଯେଉଁ ଭଗବତ୍ ପ୍ରେମରେ ନିମଗ୍ନ ରହେ, ତାହା ଭଗବାନଙ୍କ ଗୋଟିଏ ଗୁଣର କିଛିମାତ୍ର ଅଂଶର ପ୍ରକାଶ । କିନ୍ତୁ ସେହି ବିନ୍ଦୁମାତ୍ର ପ୍ରେମ-ଭକ୍ତି ସୀମିତ ଆଧାରରେ ଏପରି ପରିପୂର୍ଣ୍ଣ ହୋଇଯାଏ ଯେ ଶଙ୍ଖରେ ସମୁଦ୍ରର ଜଳତୁଲ୍ୟ ଉଚ୍ଛୁଳି ପଡ଼େ । ସେ ଆଉ ଅଭାବ ବୋଧ କରେ ନାହିଁ । କିନ୍ତୁ ଏହା ଭଗବାନଙ୍କ ପୂର୍ଣ୍ଣ ପ୍ରକାଶ ନୁହେଁ । ଭଗବାନ୍ ପୂର୍ଣ୍ଣରୂପେ ଭକ୍ତକୁ ପ୍ରାପ୍ତ ହେଲେ ଜ୍ଞାନ, ଭକ୍ତି, ପ୍ରେମ, ଆନନ୍ଦ, ଶାନ୍ତି, ସମତାଦି ତାଙ୍କର ସମସ୍ତ ଦିବ୍ୟଗୁଣ ଏକହିଁ ସମୟରେ ଭକ୍ତ ମଧ୍ୟରେ ପ୍ରକାଶିତ ହୁଅନ୍ତା; ଜ୍ଞାନ, ଭକ୍ତି ଆଦି ଗୁଣ ମଧ୍ୟରେ ପରସ୍ପର ବିରୋଧ ଭାବ ରହନ୍ତା ନାହିଁ, କାରଣ ଏକହିଁ ଭଗବାନ୍ ସମସ୍ତ ଦିବ୍ୟଗୁଣର ଆଧାର । ଆଧାରରୁ ଆଧାରିତ ବସ୍ତୁ ପୃଥକ୍ ରହିପାରେ ନାହିଁ । ଏହି ସମସ୍ତ ଗୁଣ ଭକ୍ତ ମଧ୍ୟରେ ଦେଖାଯାଏ ନାହିଁ । ଦେଖାଯାଏ କେବଳ ଗୋଟିଏ ଗୁଣ, ପ୍ରେମ-ଭକ୍ତି । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଭକ୍ତର ଅରୂପାନ୍ତରିତ ଶରୀରରେ ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଘଟେ ନାହିଁ । ଭଗବାନଙ୍କୁ ପୂର୍ଣ୍ଣରୂପେ

ପ୍ରାପ୍ତ କରିବାକୁ ହେଲେ, ଭଗବାନ୍ ଯେପରି ବ୍ୟାପକ, ବିଶାଳ, ଦିବ୍ୟ, ଭକ୍ତକୁ ମଧ୍ୟ ସେହିପରି ହେବାକୁ ହେବ; ତେବେ ତାଙ୍କର ସମସ୍ତ ଗୁଣ ପ୍ରକାଶ ହୋଇପାରିବ । ତାହା ହୋଇପାରେ କେବଳ ତାଙ୍କର ଅତିମାନସ ଶକ୍ତି ଦ୍ୱାରା, ଏହି ଜଡ଼ ଶରୀର ତାଙ୍କର ଚିନ୍ମୟ-ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତରିତ ହେଲେ । ଯେଉଁମାନେ ଭଗବାନଙ୍କ ଆଂଶିକ ପ୍ରେମ ଓ ଆଂଶିକ ଜ୍ଞାନରେ ବିଭୋର ସେମାନଙ୍କ ସକାଶେ ମନ, ପ୍ରାଣ, ଶରୀରର ରୂପାନ୍ତରର ଆବଶ୍ୟକତା ନାହିଁ । ଯେଉଁମାନେ ପୂର୍ଣ୍ଣତା ଚାହାନ୍ତି, ପୂର୍ଣ୍ଣରୂପେ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ଯେଉଁମାନଙ୍କର ବ୍ରତ, ସେହିମାନଙ୍କ ସକାଶେ ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଆବଶ୍ୟକ ।

ପ୍ରଶ୍ନ : ଭଗବାନ୍ ଏବଂ ତାଙ୍କ ପ୍ରେମ, ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣ ସର୍ବ ଅବସ୍ଥାରେ ପୂର୍ଣ୍ଣ । ତାଙ୍କୁ କୌଣସି ପ୍ରକାରେ ପ୍ରାପ୍ତ କଲେ ତାହା ପୂର୍ଣ୍ଣ ହୁଏ । ତେବେ ଭଗବାନ୍ ଏବଂ ଜ୍ଞାନ, ପ୍ରେମାଦି ପ୍ରାପ୍ତି ଆଂଶିକ ହୋଇପାରେ କିପରି ?

ଉତ୍ତର : ଯଦି ଏହାହିଁ ହୁଏ ତେବେ ସମସ୍ତ ଭକ୍ତ ସମାନ କୋଟୀର ମାନ୍ୟ ହୁଅନ୍ତେ, କାରଣ ପ୍ରତ୍ୟେକ ଭକ୍ତ ଭଗବାନଙ୍କୁ ଓ ତାଙ୍କ ଦିବ୍ୟ ଗୁଣକୁ କିଛି ଅଂଶରେ ପ୍ରାପ୍ତ କରନ୍ତି । ଫେରେ ଭଗବତ୍ ଅବତାର ଚୈତନ୍ୟ ମହାପ୍ରଭୁ, ନିତ୍ୟମୁକ୍ତ ଗୋପୀ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ମହାପୁରୁଷ ସମର୍ଥ ରାମଦାସ, ଗୋସ୍ୱାମୀ ତୁଳସୀ ଦାସ, ସୁରଦାସ, ମୀରାବାଈ ଏବଂ ବର୍ତ୍ତମାନର ଭକ୍ତମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହନ୍ତା ନାହିଁ । କିନ୍ତୁ ଯଥାର୍ଥରେ ଏପରି ନୁହେଁ । ଭଗବାନ୍ ଏବଂ ତାଙ୍କ ଦିବ୍ୟଗୁଣ, ଜ୍ଞାନ, ଭକ୍ତି ଇତ୍ୟାଦି ସର୍ବ-ଅବସ୍ଥାରେ ପୂର୍ଣ୍ଣ ହେବା ସତ୍ତ୍ୱେ ଭକ୍ତର ଆଧାରବିଶେଷରେ କମ୍ ବେଶୀ ପ୍ରକାଶିତ ହୁଏ । ଅର୍ଥାତ୍ ଭକ୍ତର ମନ, ପ୍ରାଣ, ଶରୀର ଯେତେ ପ୍ରକାଶ କରିବାରେ ସମର୍ଥ ହୁଏ, ତାହା ତେତେ ପ୍ରକାଶିତ ହୁଏ ।

ଉଦାହରଣସ୍ୱରୂପ ଏକ ବ୍ୟକ୍ତି ତାହାର ଦୃଷ୍ଟିଶକ୍ତି ଅନୁସାରେ ଏକ ବିଶାଳ ପାହାଡ଼ର ଏକ ଦିଗରୁ କିଛି ଅଂଶ ଦେଖେ, କିନ୍ତୁ ତାହାର ଦୃଷ୍ଟି ପାହାଡ଼ର ସମସ୍ତ ଦିଗ ଓ ଶିଖର ଦେଖିପାରେ ନାହିଁ । କାରଣ ମନୁଷ୍ୟର ଦୃଷ୍ଟି ସୀମାଠାରୁ ପାହାଡ଼ ବହୁତ ବଡ଼ ଥାଏ । ସେନେଇ ସେ ପାହାଡ଼ର ପୂର୍ଣ୍ଣ ସ୍ୱରୂପ ସମ୍ବନ୍ଧରେ ଅଜ୍ଞାନ ରହେ । ଏପରି ଅବସ୍ଥାରେ ବ୍ୟକ୍ତିର ଦୃଷ୍ଟିଗୋଚର ହେଉଥିବା ପାହାଡ଼ର ଅଂଶବିଶେଷକୁ କ'ଣ ପୂର୍ଣ୍ଣତା ବୋଲି କୁହାଯାଇପାରେ ? କିଂବା ବ୍ୟକ୍ତିର ଦୃଷ୍ଟିରେ ପାହାଡ଼ଟି ପୂର୍ଣ୍ଣରୂପେ ପ୍ରକାଶିତ ନ ହେବାରୁ କ'ଣ ପାହାଡ଼ର ଅପୂର୍ଣ୍ଣତା ଆସେ ? ପାହାଡ଼ର ପୂର୍ଣ୍ଣତା ବ୍ୟକ୍ତିର ଦୃଷ୍ଟି ଉପରେ ନିର୍ଭର କରେ ନାହିଁ । ଦୃଷ୍ଟିଗୋଚର ହେଉଥିବା ପାହାଡ଼ର ଅଂଶବିଶେଷରେ ଥିବା ଲତା, ପୁଷ୍ପ, ପଶୁ, ପକ୍ଷୀ ଇତ୍ୟାଦିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତହିଁରେ ସେ ସନ୍ତୁଷ୍ଟ ହୋଇଯାଇପାରେ, କିନ୍ତୁ ସେ ପାହାଡ଼ଟିକୁ ପୂର୍ଣ୍ଣ ରୂପେ ଦେଖିପାରେ ନାହିଁ । ଯଦି ବ୍ୟକ୍ତି ଏପରି କୌଣସି ଉପାୟ ଆବିଷ୍କାର କରି ପାହାଡ଼ଟିକୁ ପୂର୍ଣ୍ଣ ରୂପେ ଦେଖିପାରିଥା'ନ୍ତା, ତେବେ ତାହା ଦୃଷ୍ଟିଗୋଚର ହେଉଥିବା ତୃପ୍ତିକର ବିଷୟ ଛଡ଼ା ପାହାଡ଼ର ଅନ୍ୟାନ୍ୟ ଦିଗର ଆନନ୍ଦଦାୟକ ଦୃଶ୍ୟଗୁଡ଼ିକୁ ମଧ୍ୟ ଦେଖିପାରିଥା'ନ୍ତା ଏବଂ ଏହି ରୂପ-ଦର୍ଶନକୁ ପୂର୍ଣ୍ଣତା କୁହାଯାଇଥା'ନ୍ତା ।

ଭକ୍ତ ଭଗବତ୍ ପ୍ରେମାନନ୍ଦରେ ନିମଗ୍ନ ରହେ, ସେନେଇ ତାହାର ମନ ଓ ପ୍ରାଣର ରୂପାନ୍ତର ଆବଶ୍ୟକ ନୁହେଁ, ଏପରି କହିବା ଯଥାର୍ଥରେ ଠିକ୍ କିଂବା ଏହି ରୂପାନ୍ତରର କୌଣସି ବାସ୍ତବ ଉପଯୋଗିତା ଅଛି — ଏବିଷୟରେ ବିଚାର କରିବା ।

ବୈଷ୍ଣବ ସମ୍ପ୍ରଦାୟର ଭକ୍ତିମାର୍ଗରେ ଶାସ୍ତ୍ରବିଧି ଅନୁସାରେ ଗୁରୁ ପରମ୍ପରାଗତ, ଗୁରୁଙ୍କଠାରୁ ଉପଦେଶ ଗ୍ରହଣ କରିବା ସମୟରେ ଗୁରୁ ଶିଷ୍ୟର ନିଜ ସ୍ୱରୂପ ଓ ଭଗବତ୍ ସ୍ୱରୂପର ଜ୍ଞାନ ପ୍ରାପ୍ତ କରାଇ ଦିଅନ୍ତି; ଉପାସନା, ଭକ୍ତି, ପ୍ରେମ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରିବାର ମାର୍ଗ ଦର୍ଶାଇ ଦିଅନ୍ତି ଏବଂ ଭଗବାନଙ୍କ ସଙ୍ଗେ ଜୀବର କିପରି ସତ୍ୟସମ୍ବନ୍ଧ ସେ ସମ୍ବନ୍ଧରେ ଉପଦେଶ ଦିଅନ୍ତି ।

ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଶିଷ୍ୟ ନିଜ ସ୍ୱରୂପ ଅର୍ଥାତ୍ ନିଜ ଶରୀର ସମ୍ବନ୍ଧରେ କଳ୍ପନା କରେ — ''ସେ ଏହି ହାଡ଼ମାଂସଯୁକ୍ତ ନିଜ ଶରୀରରୁ ଭିନ୍ନ, ନିତ୍ୟ-ଶାଶ୍ୱତ-ଚିନ୍ମୟ, ସଦା-କିଶୋର ଏକ-ରସ; ରୋଗ, ବ୍ୟାଧି, ଜରା, ଜନ୍ମ,

ମୃତ୍ୟୁରୁ ମୁକ୍ତ ଭଗବାନଙ୍କ ସଦୃଶ । ସେ ଜ୍ଞାନ, ଭକ୍ତି, ପ୍ରେମ, ଆନନ୍ଦାଦି ସମସ୍ତ ଭଗବତ୍ ଗୁଣଯୁକ୍ତ, କିନ୍ତୁ ଭଗବାନଙ୍କ ଚରଣରେ ଥିବା ଅଙ୍କୁଶ କମଳ ଆଦି ଚବିଶ ଅବା ଅଠଚାଳିଶ ଚିହ୍ନରୁ ରହିତ ।'' ଭକ୍ତ ଏବଂ ଭଗବାନଙ୍କ ସାଦୃଶ୍ୟ ମଧ୍ୟରେ ଏହାହିଁ ପ୍ରଭେଦ । ଭଗବାନଙ୍କ ସମସ୍ତ ଗୁଣ ଭକ୍ତ ମଧ୍ୟରେ ଥିବା ସତ୍ତ୍ୱେ ଭଗବାନ୍ ସ୍ୱାମୀ ଓ ସେ ସେବକ । ଭକ୍ତକୁ ସମସ୍ତ ଶକ୍ତି ପ୍ରାପ୍ତ ହେବା ଅବସ୍ଥାରେ ମଧ୍ୟ ସେ ଭଗବାନଙ୍କ ସଂକଳ୍ପରେ ଚାଳିତ । ଭକ୍ତ ଥାଏ ଜରା, ବ୍ୟାଧି ଓ ମୃତ୍ୟୁଗ୍ରସ୍ତ ଜଡ଼ ଶରୀରରେ । କିନ୍ତୁ ସେ କଳ୍ପନା କରେ ଯେ ତା' ଶରୀର ଜରା, ମୃତ୍ୟୁ, ରୋଗ କବଳରୁ ମୁକ୍ତ, ଦିବ୍ୟ ଏକରସ ତଥା ଭଗବତ୍ ସଦୃଶ । ସେ ନିବାସ କରେ ମୃତ୍ୟୁ ପୁରୀରେ କିନ୍ତୁ କଳ୍ପନା କରେ ସେ ଶାଶ୍ୱତବାସୀ, ସାକେତ, ଗୋଲୋକ, ବୈକୁଣ୍ଠ ଦିବ୍ୟ ଧାମରେ; ଏଠାରେ ମନ, ପ୍ରାଣ, ଶରୀର ସୀମାରେ ବନ୍ଦୀ ଥାଇ କଳ୍ପନା କରେ ସେ ଦିବ୍ୟ ଶରୀରରେ ସର୍ବବ୍ୟାପୀ, ଦେଶ କାଳ ସୀମା ପରେ ଅବାଧ ଗତି ପ୍ରାପ୍ତ ଚିନ୍ମୟ ସତ୍ତା । ଭକ୍ତ କଳ୍ପନା କରେ ସବୁ ସମୟରେ ସେ ସାକେତ, ବୈକୁଣ୍ଠ, ଗୋଲୋକରେ ଭଗବାନଙ୍କ ସମୀପରେ ନିରନ୍ତର ତାଙ୍କ ସେବା ପ୍ରାପ୍ତ । ସେ ସବୁସମୟରେ ଭଗବତ୍ ସେବାରେ ମାନସ କଳ୍ପନା ଦ୍ୱାରା ତନ୍ମୟ ରହେ । କିନ୍ତୁ ଏହି ଚର୍ମଚକ୍ଷୁରେ ଏହି ଭଗବାନଙ୍କ ଦର୍ଶନ ଥରେ ପାଏ କି ନାହିଁ ସନ୍ଦେହ । ଶାରୀରିକ ବ୍ୟାପାର ଯୋଗୁଁ ମାନସିକ ଚିନ୍ତନରେ ବ୍ୟାଘାତ ଆସିଲେ ତାହାର ସର୍ବସ୍ୱ ନଷ୍ଟ ହେଲା ପରି ସେ ମନେ କରେ । ସେ ଚାହେଁ ନିରନ୍ତର ସେହି ଆନନ୍ଦ-ସମୁଦ୍ରରେ ନିମଗ୍ନ ରହିବାକୁ । ଆରମ୍ଭରୁ ଶରୀରକୁ ପ୍ରତିବନ୍ଧକ ଜାଣି ତାକୁ ସେ ମାନସିକ କଳ୍ପନା ଦ୍ୱାରା ତ୍ୟାଗ କରିଥାଏ । ଆଉ ତାହାର ମାନସ କଳ୍ପନା ଦ୍ୱାରା ଭଗବତ୍ ଆରାଧନାରେ ଯେଉଁ ଦିବ୍ୟ ଚିନ୍ମୟ ଶରୀର ଅନୁକୂଳ ହୁଏ, ତାହାକୁହିଁ କଳ୍ପନା ଦ୍ୱାରା ଗ୍ରହଣ କରିଥାଏ । ଭଗବତ୍ ସେବାରେ ଯାହା ଅଧିକ ସହାୟକ ତାହା ପ୍ରାଣରୁ ଅଧିକ ପ୍ରିୟ; ଯାହା ବାଧକ ତାହା ଶତ୍ରୁବତ୍ ତ୍ୟାଜ୍ୟ । କିନ୍ତୁ ତାହାର ଲକ୍ଷ୍ୟ ଭଗବାନଙ୍କୁ ପୂର୍ଣ୍ଣରୂପେ ନିରନ୍ତର ସମସ୍ତ ସତ୍ତାରେ ପ୍ରାପ୍ତ କରିବା ସକାଶେ ଚିନ୍ମୟ ଶରୀର ପ୍ରୟୋଜନ । ସେହି ଅଭିଳଷିତ ଚିନ୍ମୟ ଶରୀର ଏହି ଜୀବନରେ ପ୍ରାପ୍ତ ହୁଏ ନାହିଁ କିଂବା ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । ସେ ଏହି ଭୌତିକ ଶରୀରକୁ ତ୍ୟାଗ କରି କଳ୍ପନା କରିଥିବା ଚିନ୍ମୟ ଶରୀରକୁ ପ୍ରାପ୍ତ ହୋଇ ଭଗବାନଙ୍କ ନିତ୍ୟ ସାମୀପ୍ୟ ଲାଭ କରେ । ଭକ୍ତ ଯେଉଁ ଚିନ୍ମୟ ଶରୀରକୁ ନିରନ୍ତର ଅଭିଳାଷ କରେ, ଯାହା ତାହାର ଜୀବନର ଜୀବନ, ପ୍ରାଣରୁ ଅଧିକ ପ୍ରିୟ, ଜୀବନର ଲକ୍ଷ୍ୟ, ସେହି ଲକ୍ଷ୍ୟ ବସ୍ତୁ ଯଦି ଏହି ଜୀବନରେ ପ୍ରାପ୍ତ ହୋଇପାରେ ତେବେ ତାହା ଆବଶ୍ୟକ ନୁହେଁ ବୋଲି କହିବା କ'ଣ ଯୁକ୍ତିଯୁକ୍ତ ?

ପ୍ରଶ୍ନ : ଶରୀରର ରୂପାନ୍ତରରେ ଭଗବାନଙ୍କ ସହିତ ଭକ୍ତର ଅଖଣ୍ଡ ମିଳନ ହୁଏ । କିନ୍ତୁ ଭକ୍ତ ବିଚ୍ଛେଦ ବ୍ୟାକୁଳତାରେ ମିଳନ ପ୍ରତୀକ୍ଷା କରି ପ୍ରେମବୃଦ୍ଧି ଚାହେଁ । ସେ ମିଳନ ଚାହେଁ ନାହିଁ, ତାହାର ପ୍ରେମାସ୍ପଦଙ୍କ ବିୟୋଗାଗ୍ନିରେ ଦଗ୍ଧ ହେବାହିଁ ତାହାର ପରମ କାମ୍ୟ । ବିୟୋଗ ପରେ ମିଳନର ଯେଉଁ ଆନନ୍ଦ, ତାହା ଚିରମିଳନରେ ନ ଥାଏ । ଭକ୍ତର ଶରୀର ସେନେଇ ରୂପାନ୍ତର କାମ୍ୟ ନୁହେଁ, ଆଉ ତାହାର ଫଳସ୍ୱରୂପ ଭଗବତ୍ ଅଖଣ୍ଡ ପ୍ରାପ୍ତି ମଧ୍ୟ ବାଞ୍ଛନୀୟ ନୁହେଁ । ବୈଷ୍ଣବ ସାହିତ୍ୟରେ ଅନୁଭୂତି ପ୍ରାପ୍ତ ସିଦ୍ଧ ମହାତ୍ମାଙ୍କ ଦ୍ୱାରା ମିଳନ ପ୍ରେମଠାରୁ ବିରହ ପ୍ରେମ ଶ୍ରେଷ୍ଠତର ବୋଲି ତାହାର ମହିମା ବିଶେଷ ରୂପେ ବର୍ଣ୍ଣନା କରାଯାଇଅଛି । କିନ୍ତୁ ଯେଉଁମାନଙ୍କୁ ଅନୁଭୂତି ପ୍ରାପ୍ତ ହୋଇ ନାହିଁ ସେହିମାନେହିଁ ମିଳନ ପ୍ରେମକୁ ଚାହାନ୍ତି । ଏହା କ'ଣ ଯୁକ୍ତିସଙ୍ଗତ ନୁହେଁ ?

ଉତ୍ତର : ଏହା ଏକେବାରେ ବିରୋଧାତ୍ମକ ଯୁକ୍ତି । ବିୟୋଗ ବ୍ୟାକୁଳତାର ଏକମାତ୍ର ଲକ୍ଷ୍ୟ ମିଳନ । ମିଳନ ଛଡ଼ା ବିୟୋଗର ଅସ୍ତିତ୍ୱ ରହିପାରେ ନାହିଁ ।

ଯଦି ଭକ୍ତର ବିୟୋଗ ପ୍ରେମ ଏକମାତ୍ର କାମ୍ୟ, ମିଳନ ପ୍ରେମ ଆବଶ୍ୟକ ନୁହେଁ, ତେବେ ସେ ସର୍ବଦା ବିୟୋଗ ପ୍ରେମର ଆସ୍ୱାଦନ କରି ଆନନ୍ଦରେ ରହନ୍ତା । ମହାରାଣୀ ଶ୍ରୀସୀତାଜୀ ମଧ୍ୟ ରାବଣର ମୃତ୍ୟୁ ପରେ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରାପ୍ତ କରିବା ସକାଶେ ହନୁମାନଜିଙ୍କୁ ଅନୁରୋଧ କରି ନ ଥା'ନ୍ତେ । ଯଥାର୍ଥରେ ଏପରି ନୁହେଁ । ବିରହ ମିଳନପ୍ରେମକୁ ବୃଦ୍ଧି କରେ, ମିଳନର ମହତ୍ତ୍ୱକୁ ଶ୍ରେଷ୍ଠତ୍ୱ ପ୍ରଦାନ କରେ, କିନ୍ତୁ ଭକ୍ତର ପ୍ରାପ୍ୟ ବସ୍ତୁ ବିରହ ନୁହେଁ, ମିଳନ । ବିରହକୁ ଲକ୍ଷ୍ୟସିଦ୍ଧି କୁହାଯାଏ ନାହିଁ, କୁହାଯାଏ ମିଳନକୁ । ବିରହ ଉପାୟ, ମିଳନ ଉପେୟ । ଉପାୟ ଦ୍ୱାରା ଉପେୟ ପ୍ରାପ୍ତ ହୁଏ;

ସେନେଇ ଉପାୟ ଅତ୍ୟନ୍ତ ପ୍ରିୟ । ଉପାୟକୁ ଶ୍ରେଷ୍ଠତା ଦେଲେ ତାହାର ଲକ୍ଷ୍ୟର ପରମ ଶ୍ରେଷ୍ଠତା ସୂଚିତ ହୁଏ । ଭଗବତ୍ ପ୍ରାପ୍ତିର ଉପାୟ ଗୁରୁ ବୋଲି ତାଙ୍କୁ ଭଗବାନଙ୍କ ଅପେକ୍ଷା ଶ୍ରେଷ୍ଠତର ସ୍ଥାନ ଦିଆଯାଏ । କିନ୍ତୁ ସେହି ଗୁରୁ ଯଦି ଭଗବତ୍ ପ୍ରାପ୍ତି ପରିବର୍ତ୍ତେ ଭଗବତ୍ ବିରୁଦ୍ଧାଚରଣ ଶିକ୍ଷା ଦିଅନ୍ତି, ତେବେ ତାଙ୍କୁ ପରିତ୍ୟାଗ କରାହୁଏ । ଏହି ନ୍ୟାୟରେ ସିଦ୍ଧ ମହାତ୍ମାମାନେ ସେମାନଙ୍କ ଜୀବନର ସର୍ବସ୍ୱ, ପ୍ରାଣରୁ ପ୍ରିୟ ଭଗବତ୍ ମିଳନର ଉପାୟ ରୂପକ ବିରହକୁ ଶ୍ରେଷ୍ଠ ସ୍ଥାନ ଦେଇ ଅଛନ୍ତି । ଏହା ସେମାନଙ୍କର କୃତଜ୍ଞତାର ପରିଚୟ ।

ପ୍ରେମୀ ଭକ୍ତଙ୍କ ଜୀବନ ବହୁତ ହେଲେ ଏକଶହ ବର୍ଷ ହୋଇପାରେ । ସେ ସାଧନା ଆରମ୍ଭଠାରୁ ଜୀବନ ଶେଷ ପର୍ଯ୍ୟନ୍ତ ବିରହ ପ୍ରେମରସ ଆସ୍ୱାଦନ କରେ, ଶରୀର ତ୍ୟାଗ କରି ଦିବ୍ୟଧାମରେ ପ୍ରଭୁଙ୍କ ସହିତ ଚିରମିଳନ ପ୍ରାପ୍ତ କରେ । କିନ୍ତୁ ମନ, ପ୍ରାଣ, ଶରୀରର ରୂପାନ୍ତର ହେବା ଏକ ଶହରୁ ଅଧିକ ବର୍ଷ ଲାଗିପାରେ । ଯେପର୍ଯ୍ୟନ୍ତ ପୂର୍ଣ୍ଣ ରୂପାନ୍ତର ନ ହୁଏ, ସେପର୍ଯ୍ୟନ୍ତ ସମସ୍ତ ସତ୍ତାରେ ପ୍ରଭୁଙ୍କ ସହିତ ପୂର୍ଣ୍ଣରୂପେ ଚିରମିଳନ ହୁଏ ନାହିଁ । ଚିରମିଳନ ହେବା ପୂର୍ବରୁ ବିରହ ମିଳନ ବରାବର ଥାଏ । ପ୍ରେମୀ ଭକ୍ତର ବିରହ କାଳଠାରୁ ଶରୀର ରୂପାନ୍ତରପ୍ରାର୍ଥୀ ଯୋଗୀର ବିରହ କାଳ ବହୁତ ବେଶୀ । ଯଦି ଭକ୍ତଦୃଷ୍ଟିରେ ଯଥାର୍ଥରେ ବିରହ ଶ୍ରେଷ୍ଠ ବୋଲି ମାନି ନିଆହୁଏ ତେବେ ଶରୀର ରୂପାନ୍ତରକାରୀ ସାଧନାରେ ସାଧକକୁ ବିରହ କାଳ ବିଶେଷ ମିଳିପାରେ । ଏହି ନ୍ୟାୟରେ ମଧ ଭକ୍ତକୁ ରୂପାନ୍ତର ଯୋଗ ସାହାଯ୍ୟ କରେ । ଅତଏବ ପ୍ରତ୍ୟେକ ଦିଗରୁ ଦୃଷ୍ଟିଦେଇ ଦେଖିଲେ ଭକ୍ତର ଶରୀରର ରୂପାନ୍ତର ଏକାନ୍ତକାମ୍ୟ, ତ୍ୟାଜ୍ୟ ନୁହେଁ ।

ପ୍ରଶ୍ନ : ଯେଉଁ ଭକ୍ତମାନେ ଐଶ୍ୱର୍ଯ୍ୟଯୁକ୍ତ ପରମବ୍ରହ୍ମ ପୁରୁଷୋତ୍ତମଙ୍କୁ ଉପାସନା କରନ୍ତି ସେମାନଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଆବଶ୍ୟକ ହୋଇପାରେ; କିନ୍ତୁ ଯେଉଁମାନେ ମାଧୁର୍ଯ୍ୟର ଉପାସକ ଭକ୍ତ; ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଅବଧବିହାରୀ, ଦଶରଥ ରାଜକିଶୋର, ବୃନ୍ଦାବନ ବିହାରୀ ନନ୍ଦକିଶୋର ମାନି ଅବଧ, ମିଥିଳା, ବୃନ୍ଦାବନ ଅଥବା ଗୋକୁଳବାସୀ ସଖା, ଦାସ, ଦାସୀରୂପେ ଜାଗତିକ ସମସ୍ତ ସମ୍ବନ୍ଧ ତାଙ୍କଠାରେ ସ୍ଥାପନ କରି ଦାସ୍ୟ, ବାତ୍ସଲ୍ୟ, ସଖ୍ୟ, କାନ୍ତାଦି ଭାବରେ ପ୍ରେମରସାସ୍ୱାଦନ କରନ୍ତି; ସେହିଁ ସେମାନଙ୍କର ଜୀବନ-ଦେବତା, ହୃଦୟର ଈଶ୍ୱର, ପ୍ରାଣର ଆଧାର । ସେମାନେ ସେମାନଙ୍କର ପ୍ରେମାସ୍ପଦଙ୍କ ମାଧୁର୍ଯ୍ୟରସରେ ଏପରି ବିଭୋର ହୋଇଯାଆନ୍ତି ଯେ ଐଶ୍ୱର୍ଯ୍ୟକୁ ପ୍ରବେଶ କରିବାର ମାର୍ଗ ନ ଥାଏ । ଏପରି ଅବସ୍ଥାରେ ପ୍ରେମୀ ଆଉ ପ୍ରେମାସ୍ପଦ ମଧରେ ଐଶ୍ୱର୍ଯ୍ୟ ଏକାତ୍ମୀୟ ଅନ୍ତରଙ୍ଗତା ମଧରେ କ'ଣ ଅନ୍ତରାୟ ହୁଏ ନାହିଁ ?

ଉତ୍ତର : ଭଗବତ୍ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟରସରେ ଅନ୍ତରାୟ ହେବା ଦୂରେ ଥାଉ ଐଶ୍ୱର୍ଯ୍ୟ ବିନା ଅଧ୍ୟାତ୍ମ ମାର୍ଗରେ ମାଧୁର୍ଯ୍ୟ ଉପାସନା ସିଦ୍ଧ ହୋଇପାରେ ନାହିଁ । କାରଣ ଭଗବାନ୍ ପ୍ରେମ, ଆନନ୍ଦ, ସମତା ଓ ଜ୍ଞାନର ଉତ୍ସ । ସେ ଶାଶ୍ୱତ, ଅବିନାଶୀ । ଭଗବାନଙ୍କ ଛଡ଼ା ଅନ୍ୟ ଯାହାକିଛି – ସବୁ ଅସ୍ଥାୟୀ ଓ ନାଶବାନ୍ । ଉପାସନା ଦ୍ୱାରା ଉପାସ୍ୟ ଦେବତାଙ୍କୁ ପ୍ରାପ୍ତ କରାହୁଏ । ଭଗବାନଙ୍କୁ ଉପାସନା କଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ଏକହିଁ ସଙ୍ଗେ ଶାଶ୍ୱତପ୍ରେମ, ଦିବ୍ୟ ଆନନ୍ଦାଦି ତାଙ୍କର ସମସ୍ତ ଦିବ୍ୟଗୁଣ ପ୍ରାପ୍ତ ହୁଏ । ଭଗବାନଙ୍କ ବ୍ୟତୀତ ଅନ୍ୟକୁ ଉପାସନା କଲେ ଉପାସ୍ୟ ବସ୍ତୁ ପ୍ରାପ୍ତ ହୁଏ, କିନ୍ତୁ ସେ ହୁଏ ଅସ୍ଥାୟୀ ଓ ନାଶବାନ୍ । ତାହାର ସାଂସାରିକ ପ୍ରେମ କଳୁଷିତ, ଜନ୍ମ-ମରଣ, ଦୁଃଖ-କଷ୍ଟର କାରଣ । ଏହା ନିଃସନ୍ଦେହ ଯେ ଶାଶ୍ୱତ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବା ସକାଶେ ଏକମାତ୍ର ଉପାସ୍ୟ ହେଲେ ଭଗବାନ୍ । ତୁମେ କହୁଛ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଉପାସନାରେ ଐଶ୍ୱର୍ଯ୍ୟ ନ ଥାଏ । ତେବେ କ'ଣ ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କୁ ମାଧୁର୍ଯ୍ୟ ଉପାସକ ଭକ୍ତମାନେ ମନୁଷ୍ୟ ବୋଲି ମାନନ୍ତି ? ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଯଦି ମନୁଷ୍ୟ ବୋଲି କୁହାଯାଏ ତେବେ ତାଙ୍କ ଭକ୍ତମାନେ ଶୁଣିବା ମାତ୍ରେ ସାଧୁ ସ୍ୱଭାବବଶତଃ ଯଦି ନ ମାରନ୍ତି, ତେବେ କୋଡ଼ିଏଟି ଗାଳି ଅବଶ୍ୟ ଦିଅନ୍ତି । ବେଦ, ଉପନିଷଦ, ପୁରାଣ-ଶାସ୍ତ୍ରାଦି ପ୍ରମାଣରେ ଅକ୍ଷରେ ଅକ୍ଷରେ ବୈଷ୍ଣବ ଶାସ୍ତ୍ରରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ପରମବ୍ରହ୍ମ, ପୁରୁଷୋତ୍ତମ, ସଚ୍ଚିଦାନନ୍ଦ ତତ୍ତ୍ୱ ବୋଲି ସିଦ୍ଧ କରାଯାଇଛି ।

ପ୍ରଶ୍ନ : ବୈଷ୍ଣବ ଶାସ୍ତ୍ରରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣ ଐଶ୍ୱର୍ଯ୍ୟ ବର୍ଣ୍ଣନା କରାହୋଇଛି ସତ୍ୟ, କିନ୍ତୁ ପ୍ରେମୀ ଭକ୍ତମାନେ ଅବଧ, ମିଥିଳା, ବୃନ୍ଦାବନ, ଗୋକୁଳବାସୀରୂପେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଉପାସନା କରନ୍ତି, ସେମାନଙ୍କର

ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ସହିତ କେବଳ ପିତା, ପୁତ୍ର, ସ୍ୱାମୀ, ସଖା, ଦାସ-ଦାସୀଭାବରେ ଜାଗତିକ ସମ୍ବନ୍ଧ ଥିଲା, ଐଶ୍ୱର୍ଯ୍ୟ ଲେଶମାତ୍ର ନ ଥିଲା । ଏପରି ମାଧୁର୍ଯ୍ୟ କ'ଣ ଉପାସନା-ଶାସ୍ତ୍ରସମ୍ମତ ନୁହେଁ ? ଏହା ଦ୍ୱାରା କ'ଣ ପ୍ରେମ, ସମତାଦି ଦିବ୍ୟଗୁଣ ଭକ୍ତକୁ ପ୍ରାପ୍ତ ହୁଏ ନାହିଁ ?

ଉତ୍ତର : ମାଧୁର୍ଯ୍ୟ ରସର ଉପାସକମାନଙ୍କୁ ଭଗବତ୍ ଦିବ୍ୟ-ପ୍ରେମ ପ୍ରାପ୍ତ ହୁଏ, କାରଣ ଏହାର ଉତ୍ପତ୍ତିସ୍ୱରୂପ ଭଗବତ୍ ଐଶ୍ୱର୍ଯ୍ୟ ଥାଏ ବୋଲି । ଭଗବତ୍ ଦିବ୍ୟ-ପ୍ରେମ-ସୂର୍ଯ୍ୟ ପ୍ରକାଶିତ ହେଲେ ତାହାର ବିରୋଧୀ ମନ-ପ୍ରାଣର ବାସନା, କାମନା, ଲାଳସାଦି ଅନ୍ଧକାର, ନିମ୍ନ ପ୍ରକୃତିର କ୍ରିୟାର ପରଦା ଦୂର ହୁଏ । ତେବେ ସେମାନେ ଅନ୍ଧକାରରେ ଆବୃତ ହୋଇଥିବା ଭଗବତ୍ ଜ୍ଞାନ ପ୍ରାପ୍ତ କରନ୍ତି । ଯେପରି ସୂର୍ଯ୍ୟ ପ୍ରକାଶିତ ହେଲେ ଅନ୍ଧକାର ରହି ନ ପାରେ ସେହିପରି ଦିବ୍ୟ-ପ୍ରେମ ପ୍ରାପ୍ତ ହେଲେ ଭଗବତ୍ ଐଶ୍ୱର୍ଯ୍ୟ ଗୁପ୍ତ ହୋଇ ରହିପାରେ ନାହିଁ ।

ପ୍ରଶ୍ନ ଅନୁସାରେ ଯଦି ଅବଧ, ମିଥିଳା, ବୃନ୍ଦାବନ ଓ ଗୋକୁଳବାସୀମାନଙ୍କର ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ପ୍ରତି ଐଶ୍ୱର୍ଯ୍ୟଭାବ ନ ଥାଏ, ତେବେ ସେଥିରେ କିଛି ଯାଏ ଆସେ ନାହିଁ । କାରଣ ସେମାନେ ଆମ୍ଭମାନଙ୍କ ପରି ବଦ୍ଧ ଜୀବ ନୁହନ୍ତି, ସେମାନେ ଭଗବାନଙ୍କ ନିତ୍ୟ ପାର୍ଷଦ, ଶାଶ୍ୱତ ସହଚର । ଭଗବାନ୍ ଯେବେ ପୃଥିବୀରେ ଅବତାର ନିଅନ୍ତି ସେମାନେ ମଧ ତାଙ୍କ ସଙ୍ଗେ ତାଙ୍କର ଲୀଳା-ସହଚର ହୋଇ ଜନ୍ମ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ସଙ୍ଗେ ପୁନରାୟ ସାକେତ, ଗୋଲୋକକୁ ଫେରି ଯାଆନ୍ତି । ସେମାନଙ୍କର ଉଦ୍ଦେଶ୍ୟ ନୁହେଁ ଯେ ଭଗବାନଙ୍କୁ ଉପାସନା କରି ଜନ୍ମ-ମରଣରୁ ନିବୃତ୍ତ ହୋଇ ତାଙ୍କ ସାନ୍ନିଧ ପ୍ରାପ୍ତ କରିବା । ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଭଗବାନଙ୍କ କାର୍ଯ୍ୟରେ ସହଯୋଗ କରିବା, ସେ କାର୍ଯ୍ୟରେ ଭଗବାନଙ୍କ ଐଶ୍ୱର୍ଯ୍ୟ ହେଉ ବା ମାଧୁର୍ଯ୍ୟ ହେଉ ସେଥିରେ ସେମାନଙ୍କର କିଛି ଯାଏ ଆସେ ନାହିଁ ।

ମାଧୁର୍ଯ୍ୟ ଉପାସକ ଭକ୍ତମାନେ ଅଯୋଧ୍ୟା, ବୃନ୍ଦାବନକୁ ନିତ୍ୟ, ଶାଶ୍ୱତ, ଦିବ୍ୟ, ଭଗବତ୍ ଧାମ, ସାକେତ, ଗୋଲୋକରୁ ଅଭିନ୍ନ ବୋଲି ମାନନ୍ତି । ସେହି ପୁରବାସୀଙ୍କୁ ଶାଶ୍ୱତ, ଦିବ୍ୟ, ଅପରିବର୍ତ୍ତନୀୟ ଜନ୍ମ-ମୃତ୍ୟୁ, ଜରା ଓ ରୋଗରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀରଧାରୀ ବୋଲି କଳ୍ପନା କରନ୍ତି । ସେ ପୁରୀର ସମସ୍ତ ପଶୁପକ୍ଷୀ ଦିବ୍ୟ ଚିନ୍ମୟ ବିଗ୍ରହ । ସେଠାରେ ପ୍ରାକୃତିକ କୌଣସି ଶକ୍ତିର ପ୍ରବେଶ ନିଷେଧ । ସମସ୍ତ କିଛି ଦିବ୍ୟା ପରାପ୍ରା ଶକ୍ତି ଦ୍ୱାରା ଚାଳିତ । ଯଦି ପୁରୀର ସମସ୍ତ କିଛି ଦିବ୍ୟ ତେବେ ସେହି ପୁରୀର ଉପାସ୍ୟ ଦେବ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଭଗବତ୍ ଐଶ୍ୱର୍ଯ୍ୟ ସ୍ୱତଃସିଦ୍ଧ । ମାଧୁର୍ଯ୍ୟ-ଉପାସକ ଭକ୍ତମାନେ ନିଜକୁ ଦଶରଥ, କୌଶଲ୍ୟା, ନନ୍ଦ, ଯଶୋଦା ବା ଗୋପଗୋପୀ ବୋଲି ମାନନ୍ତି ଏବଂ ନିଜ ଶରୀର ଏହି ହାଡ଼-ମାଂସରୁ ପୃଥକ୍ ଦିବ୍ୟ ଚିନ୍ମୟ ବିଗ୍ରହ ବୋଲି ଧାରଣା କରନ୍ତି । ଏହିରୂପେ ଉପାସନା କରି ମୃତ୍ୟୁପରେ ନିତ୍ୟ ଶାଶ୍ୱତ, ସାକେତ, ଗୋଲୋକରେ ସେମାନଙ୍କ ଉପାସ୍ୟ ଦେବଙ୍କ ସେବାକୁ ଲାଭ କରନ୍ତି । ଉପାସ୍ୟ ଦେବ, ତାଙ୍କର ପୁରୀ ଏବଂ ଭାବଯୁକ୍ତ ନିଜ ଶରୀରର ଦିବ୍ୟତ୍ୱ କଳ୍ପନା କ'ଣ ଐଶ୍ୱର୍ଯ୍ୟ ନୁହେଁ ? ଏହି ଐଶ୍ୱର୍ଯ୍ୟ କ'ଣ ମାଧୁର୍ଯ୍ୟ-ଉପାସନାର ଭିତ୍ତି ନୁହେଁ ? ପଥରରେ ପରମ ବ୍ରହ୍ମଙ୍କୁ କଳ୍ପନାକରି ପୂଜା କରାହୁଏ, ସେହି କଳ୍ପନା ସିଦ୍ଧ ହେଲେ ପଥର ବିଗ୍ରହରୁ ପରମବ୍ରହ୍ମ ପ୍ରକଟ ହୁଅନ୍ତି । ଉପାସନାରେହିଁ କଳ୍ପନା ପ୍ରତ୍ୟକ୍ଷ ହୁଏ । ମାଧୁର୍ଯ୍ୟ ରସର ଉପାସକ ଭକ୍ତ ସାଧନାର ସିଦ୍ଧିରୂପେ ଶରୀରତ୍ୟାଗ ପରେ ଯେଉଁ ଚିନ୍ମୟ ଶରୀର, ଭଗବାନଙ୍କ ପୂର୍ଣ୍ଣ ପ୍ରାପ୍ତି ଏବଂ ଅବିଚ୍ଛିନ୍ନ ସାନ୍ନିଧ ପ୍ରାପ୍ତ କରେ, ତାହା ସବୁ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ ଏବଂ ଏହି ଶରୀରର ପୂର୍ଣ୍ଣ ରୂପାନ୍ତର ହେବାରେ । ସାଧକ ଅତିମାନସ ଚେତନାରେ ବାସ କରେ । ଏହି ଅବସ୍ଥାପ୍ରାପ୍ତ ସାଧକର ନାମ ଶ୍ରୀଅରବିନ୍ଦଙ୍କ ଯୋଗରେ ରଖାଯାଇଛି – 'ଅତିମାନବ' ଅଥବା 'ଦିବ୍ୟମାନବ' । ଏହା କ'ଣ ପ୍ରକୃତରେ ମାଧୁର୍ଯ୍ୟ ଉପାସକ ଭକ୍ତର ଅନାବଶ୍ୟକ ?

ପ୍ରଶ୍ନ : ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଭକ୍ତମାନଙ୍କ ସକାଶେ ଆବଶ୍ୟକ ହୋଇପାରେ, କିନ୍ତୁ ନିର୍ବାଣ ଓ ମୁକ୍ତିକାମୀ ଜ୍ଞାନୀମାନଙ୍କ ପାଇଁ ଏହାର ଆବଶ୍ୟକତା କ'ଣ ?

ଉତ୍ତର : ନିର୍ବାଣ, ମୁକ୍ତିକାମୀ, ଜ୍ଞାନୀ ଅଥବା ଅନ୍ୟ ଯେକୌଣସି ଅଧ୍ୟାତ୍ମ-ସାଧକକୁ ପୂର୍ଣ୍ଣତା ପ୍ରାପ୍ତ କରିବାକୁ ହେଲେ ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଏକାନ୍ତ ଆବଶ୍ୟକ । ଅରୂପାନ୍ତରିତ ଶରୀରରେ ଜ୍ଞାନ, ଭକ୍ତି, ଶକ୍ତି

ସମତାଦି ପୂର୍ଣ୍ଣ ଦିବ୍ୟ ଗୁଣଯୁକ୍ତ ପରମବ୍ରହ୍ମ ପରମାତ୍ମା, ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି ନାହିଁ । ପୂର୍ବେ ଦିଆ ହୋଇଥିବା ପାହାଡ଼ର ଉଦାହରଣ ପ୍ରତ୍ୟେକ ସମ୍ପ୍ରଦାୟର ସାଧକଙ୍କ ସକାଶେ ପ୍ରଯୁଜ୍ୟ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଭଗବାନଙ୍କୁ ପୂର୍ଣ୍ଣ ସ୍ୱରୂପରେ ପ୍ରାପ୍ତ କରାହେଉଥିବାରୁ ତାଙ୍କ ଦର୍ଶନରେ ସମସ୍ତ ପୁରାତନ ଯୋଗର ବିରୋଧ ଓ ବୈଷମ୍ୟର ସାମଞ୍ଜସ୍ୟ ହୁଏ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସମସ୍ତ ଆଧ୍ୟାତ୍ମିକ ସାଧକମାନଙ୍କୁ ପୂର୍ଣ୍ଣତା ପ୍ରାପ୍ତ କରିବାରେ ସାହାଯ୍ୟ କରୁଥିବାରୁ ଏହାକୁ ଗ୍ରହଣ କରିବା ଶାସ୍ତ୍ର-ସମ୍ମତ, ଶାସ୍ତ୍ରର ବିରୋଧୀ ନୁହେଁ ।

ପ୍ରଶ୍ନ : ମନ, ପ୍ରାଣ, ଶରୀରର ପୂର୍ଣ୍ଣ-ରୂପାନ୍ତର ସମସ୍ତ ଅଧ୍ୟାତ୍ମ-ସାଧକମାନଙ୍କର କାମ୍ୟ ହୋଇପାରେ, ସେଥିରେ ସେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇପାରନ୍ତି କିନ୍ତୁ ଏଥିରେ ସଂସାରର କ'ଣ ଲାଭ ହୁଏ ?

ଉତ୍ତର : ମନ, ପ୍ରାଣ, ଶରୀରର ପୂର୍ଣ୍ଣ-ରୂପାନ୍ତର ହେବା ସାଧକର ସିଦ୍ଧି, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଯଥାର୍ଥରେ ତାହାର ସିଦ୍ଧି ସଂସାର ନିମିତ୍ତ, ତାହାର ବ୍ୟକ୍ତିଗତ ସିଦ୍ଧିରେ ଜଗତର ଲାଭ ।

ଅତିମାନସ ଶକ୍ତି ସାଧକମାନଙ୍କୁ ସିଦ୍ଧି ପ୍ରଦାନ କରେ କିନ୍ତୁ ସଙ୍ଗେ ସଙ୍ଗେ ଜାଗତିକ ଶକ୍ତିମାନଙ୍କ ଉପରେ ବିଜୟ ପ୍ରାପ୍ତି କରେ । ପୂର୍ଣ୍ଣ-ଯୋଗର ସାଧକ ପୁରାତନ ଯୋଗର ସାଧକ ତୁଲ୍ୟ ବ୍ୟକ୍ତିଗତ ଭାବେ ନିଜର ସୀମିତ କିଛି ସତ୍ତା ଅଥବା ସ୍ୱଭାବର କିଛି ଭାଗ ରୂପାନ୍ତର କଲେ ତାହାର ଯୋଗ ସିଦ୍ଧି ହେବ ନାହିଁ । କାରଣ ଜାଗତିକ ସମସ୍ତ ଶକ୍ତି ଯେପର୍ଯ୍ୟନ୍ତ ସେମାନଙ୍କର ମୂଳ ସ୍ୱରୂପରେ ରୂପାନ୍ତରିତ ନ ହେବେ, ସେପର୍ଯ୍ୟନ୍ତ ବ୍ୟକ୍ତିଗତରୂପେ କରିଥିବା କିଛି ପରିବର୍ତ୍ତନକୁ ପୁନରାୟ ସେମାନେ ନଷ୍ଟ କରିଦେବେ, ତାହା ହେବ ଅସ୍ଥାୟୀ, ସାମୟିକ ପରିବର୍ତ୍ତନ । ସେନେଇ ପୂର୍ଣ୍ଣ-ଯୋଗ ସାଧକର କାର୍ଯ୍ୟଅତିମାନସ ଶକ୍ତି ଦ୍ୱାରା ଜାଗତିକ ଶକ୍ତିର ମୂଳ ସ୍ୱରୂପ ରୂପାନ୍ତର କରିବା । ଏହା ହେଲେ ତାହାର ବ୍ୟକ୍ତିଗତ ରୂପାନ୍ତର ସମ୍ଭବ ହେବ । ଯଥାର୍ଥରେ ଏହି ରୂପାନ୍ତର ସାଧକ ଦ୍ୱାରା ହୁଏ ନାହିଁ, ହୁଏ ମା'ଙ୍କ ବିଧାନରେ ଅତିମାନସ ଶକ୍ତି ଦ୍ୱାରା । ସାଧକ କେବଳ ସେହି ଶକ୍ତି କ୍ରିୟାର ଆଧାର ମାତ୍ର ।

ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଶକ୍ତି ରୂପାନ୍ତରିତ ହେଲେ, ଅତିମାନସ ଶକ୍ତିର ବିଧାନ ଅନୁସାରେ ସଂସାର ପରିଚାଳିତ ହେବ । ଅତିବୃଷ୍ଟି, ଅନାବୃଷ୍ଟି, ଝଡ଼, ତୋଫାନ, ବନ୍ୟା, ମହାମାରୀ, ଯୁଦ୍ଧ, ହିଂସା, ସ୍ୱାର୍ଥପରତା, ଚୋରି, ଡକାୟତି ଇତ୍ୟାଦି ଅଜ୍ଞାନ ଅନ୍ଧକାର ଶକ୍ତିର କ୍ରିୟା ଜଗତରୁ ଏକେବାରେ ଲୋପ ହୋଇଯିବ । ମନୁଷ୍ୟ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି ତାହା ଅପେକ୍ଷା ଏକ ଉତ୍କୃଷ୍ଟତର ଅବସ୍ଥାକୁ ପ୍ରାପ୍ତ ହେବ । ସାଧାରଣ ଏକ ଧାରଣା କରିବା ସକାଶେ, କହିବାକୁ ଗଲେ, ରାମରାଜ୍ୟ ଯେପରି ଥିଲା ତାହା ଅପେକ୍ଷା ମହାନ୍ ଉନ୍ନତ ଅବସ୍ଥାକୁ ପ୍ରାପ୍ତ ହେବ । କିନ୍ତୁ ସମସ୍ତ ମନୁଷ୍ୟଜାତି ଅତିମାନବ ଜାତିରେ ପରିଣତ ହେବ ନାହିଁ । ସେ ସମୟରେ ବି ସାଧନା ଦ୍ୱାରା ଅତିମାନବତ୍ୱକୁ ମନୁଷ୍ୟ ପ୍ରାପ୍ତ ହେବ । ଲତା, ଗୁଳ୍ମ, ପଶୁପକ୍ଷୀଠାରୁ ଆରମ୍ଭ କରି ମନୁଷ୍ୟଜାତି ପର୍ଯ୍ୟନ୍ତ ନିଜ ସ୍ତର ଓ ସ୍ଥିତି ଅପେକ୍ଷା ଏକ ଉଚ୍ଚତର ସ୍ତର ଓ ସ୍ଥିତିକୁ ପ୍ରାପ୍ତ ହେବେ । କିନ୍ତୁ ଏହି ଅବସ୍ଥା ଗୋଟିଏ ସୀମାରେ ରୋକିଯିବ ନାହିଁ, ବରାବର ଉନ୍ନତତର ଅବସ୍ଥାକୁ ଗତି କରୁଥିବ । ଏହାକୁହିଁ କୁହାହୋଇଛି – ସ୍ୱର୍ଗରାଜ୍ୟ, ଯାହା ଏହି ମୃତ୍ୟୁଲୋକରେ ଉତରି ଆସିବ । ଦିବ୍ୟ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଆଉ ଏହି ମର୍ତ୍ତ୍ୟଲୋକରେ ଯେଉଁ ବ୍ୟବଧାନ ଅଛି, ସେଥିରେ ଏକ ସେତୁ ନିର୍ମାଣ ହୋଇଯିବ ।

ପ୍ରଶ୍ନ : ଶାସ୍ତ୍ରରେ ଏକ-ଗୁରୁନିଷ୍ଠାର ବିଶେଷ ମହତ୍ତ୍ୱ ବର୍ଣ୍ଣନା କରାହୋଇଛି । କିନ୍ତୁ ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକକୁ ନିଜ ଲକ୍ଷ୍ୟରେ ପୂର୍ଣ୍ଣତା ପ୍ରାପ୍ତି ସକାଶେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଆବଶ୍ୟକ ଏବଂ ଶାସ୍ତ୍ରସମ୍ମତ, ତେବେ ସେଥିରେ ଗୁରୁନିଷ୍ଠା ରହେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଅର୍ଥ – ଅନ୍ୟ ଗୁରୁଠାରୁ ଦୀକ୍ଷା ଗ୍ରହଣ କରିବା । ଏହାର ସମାଧାନ କ'ଣ ?

ଉତ୍ତର : ବାହ୍ୟବେଶ ତ୍ୟାଗ କରି ନିଜ ସାଧନା ଆଉ ଲକ୍ଷ୍ୟର ବିପରୀତ ସାଧନା ଓ ଲକ୍ଷ୍ୟ ଗ୍ରହଣ କଲେ ଗୁରୁନିଷ୍ଠା ଖଣ୍ଡିତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହା ପ୍ରଯୁଜ୍ୟ ନୁହେଁ ।

ବ୍ୟକ୍ତି ସମାଜ ତ୍ୟାଗ କରି କୌଣସି ଅଧ୍ୟାତ୍ମ ସମ୍ପ୍ରଦାୟର ଗୁରୁଙ୍କ ଶରଣାପନ୍ନ ହେଲେ, ସେହି ସମ୍ପ୍ରଦାୟର ନିର୍ଦ୍ଦିଷ୍ଟ

ନିୟମ ଅନୁସାରେ କ୍ଷୌର ହୋଇ ଗୁରୁଙ୍କ ବିଧାନ ଅନୁସାରେ ଶିଖା, ସୂତ୍ର, ମାଳା, ତିଳକ, କୌପୀନ, କଟିବନ୍ଧ ଧାରଣ କରେ ଅଥବା ଶିଖା, ସୂତ୍ରାଦି ସମସ୍ତ ସାମାଜିକ ଚିହ୍ନ ପରିତ୍ୟାଗ କରି ଦଣ୍ଡ, କମଣ୍ଡଳୁ, ଗୈରିକବସ୍ତ୍ର, ରୁଦ୍ରାକ୍ଷ କିଂବା ଶଙ୍ଖମାଳା, ତ୍ରିଶୂଳାଦି ଗ୍ରହଣ କରି ଲାଲବସ୍ତ୍ର ପରିଧାନ କରେ । ଏହା ସଙ୍ଗେ ସଙ୍ଗେ ସେ ସମ୍ପ୍ରଦାୟର ସିଦ୍ଧାନ୍ତ ଅନୁସାରେ ଲକ୍ଷ୍ୟ ଏବଂ ସାଧନାର କ୍ରିୟା ନିମିତ୍ତ ଗୁରୁଙ୍କଠାରୁ ଉପଦେଶ ନିଏ । ଏହାକୁହିଁ ଦୀକ୍ଷା କୁହାଯାଏ । ଏହି ଦୀକ୍ଷାକୁ ବର୍ଜନ କରି ନୂତନ ଭାବେ ଅନ୍ୟ ଦୀକ୍ଷା ଗ୍ରହଣ କରିବାକୁ ଗୁରୁତ୍ୟାଗ କୁହାଯାଏ । ଲୋକେ ଏହାକୁହିଁ ନିନ୍ଦା କରନ୍ତି । ଏହି ବାହ୍ୟଚିହ୍ନହିଁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ସିଦ୍ଧାନ୍ତ, ଲକ୍ଷ୍ୟ ସାଧନର ପରିଚାୟକ । ଏହିସବୁ ସାମ୍ପ୍ରଦାୟିକ ଚିହ୍ନ ପ୍ରତି ଶ୍ରଦ୍ଧା, ବିଶ୍ୱାସ ନ ରଖିଲେ ସମ୍ପ୍ରଦାୟକୁ ଅମାନ୍ୟ କରାଯାଏ ବୋଲି ସାମ୍ପ୍ରଦାୟିକ ବ୍ୟକ୍ତିମାନଙ୍କର ଧାରଣା । କିନ୍ତୁ ସମ୍ପ୍ରଦାୟର ଚିହ୍ନକୁ ବଜାୟ ରଖି ଆଧ୍ୟାତ୍ମିକ ମାର୍ଗରେ ଅନ୍ୟଠାରୁ ସାହାଯ୍ୟ ନେଲେ ସେମାନେ ପ୍ରାୟ ବିରୋଧ କରନ୍ତି ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ କୌଣସି ସାମ୍ପ୍ରଦାୟିକ ଚିହ୍ନ ତ୍ୟାଗ କରିବାକୁ ହୁଏ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ନିର୍ଦ୍ଦିଷ୍ଟ ସାମ୍ପ୍ରଦାୟିକ ଚିହ୍ନରେ ବିଭୂଷିତ ନୁହେଁ । ଏହି ଯୋଗ ସମସ୍ତ ମାନବଜାତି, ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟକୁ ଆଲିଙ୍ଗନ କରି ଏକ କରେ । ସମସ୍ତ ସମ୍ପ୍ରଦାୟର ଲକ୍ଷ୍ୟକୁ ପୂର୍ଣ୍ଣତା ପ୍ରଦାନ କରେ, ସାଧନାରେ ନୂତନ ଉତ୍ସାହ ସଞ୍ଚାର କରେ ଏବଂ ଲକ୍ଷ୍ୟପ୍ରାପ୍ତିରେ ପୂର୍ଣ୍ଣରୂପେ ସାହାଯ୍ୟ କରେ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଦୀକ୍ଷା ବା ଗୁରୁବାଦର ପ୍ରଶ୍ନ ଉଠେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ନିଜ ରୁଚି, ଅଭ୍ୟାସ, ସ୍ୱଭାବ ଅନୁସାରେ ବସ୍ତ୍ରାଦି ଧାରଣ କରନ୍ତି ।

ପୂର୍ବେ ଏକଗୁରୁନିଷ୍ଠା ପ୍ରତି ଅଧିକ ଜୋର୍ ଦେବାର କାରଣ ଥିଲା – ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକ ଭଗବାନଙ୍କର ଗୋଟିଏ ଗୋଟିଏ ଦିଗ ପ୍ରାପ୍ତ କରିଥିଲେ, ଯାହାକି ପରସ୍ପର ବିରୋଧୀ ଥିଲା । ଯଦି କୌଣସି ଆଧ୍ୟାତ୍ମିକ ସାଧକ ଗୁରୁ ଏବଂ ଲକ୍ଷ୍ୟ ତ୍ୟାଗ କରି ଅନ୍ୟ ଗୁରୁ ଏବଂ ଲକ୍ଷ୍ୟ ଗ୍ରହଣ କରେ ତେବେ ସେ ପ୍ରଥମରେ କରିଥିବା ସମସ୍ତ ସାଧନା ବ୍ୟର୍ଥ ହୁଏ ଆଉ ଅନ୍ୟ ସମ୍ପ୍ରଦାୟ ଅନୁସାରେ ଏକେବାରେ ନୂତନ ସାଧକ ସଦୃଶ ମୂଳରୁ ସାଧନା ଆରମ୍ଭ କରେ । ଏପରି ଅନିଷ୍ଠାବାନ୍ ସାଧକର ସିଦ୍ଧି ପ୍ରାପ୍ତ ହୁଏ ନାହିଁ । ଯେପରି ଅଦ୍ୱୈତ ଆଉ ଦ୍ୱୈତ ସମ୍ପ୍ରଦାୟ । ଏ ଦୁଇ ସମ୍ପ୍ରଦାୟରେ ଲକ୍ଷ୍ୟ ଓ ସାଧନା ପରସ୍ପରର ଏକେବାରେ ବିପରୀତ । ଅଦ୍ୱୈତ ସାଧକର ଲକ୍ଷ୍ୟ ନିର୍ବିଶେଷ, ନିଷ୍କ୍ରିୟ, ନିରାକାର ସତ୍ତାରେ ମିଳିଯିବା । ଲକ୍ଷ୍ୟ ଅନୁସାରେ ସାଧନା ହୁଏ । ସେମାନେ ବୁଦ୍ଧିରେ ବିଚାର କରନ୍ତି : ଦୃଶ୍ୟମାନ ବସ୍ତୁ – ମାୟା, ସ୍ୱପ୍ନ, ମିଥ୍ୟା । ନିରାକାର ନିର୍ଗୁଣ ନିର୍ବିଶେଷ ସତ୍ତା ଏକମାତ୍ର ସତ୍ୟ ।

ଦ୍ୱୈତ ସାଧକମାନଙ୍କର ଇଷ୍ଟଦେବ ଆନନ୍ଦ, ସୌନ୍ଦର୍ଯ୍ୟ, ଲାବଣ୍ୟାଦି ସମସ୍ତ ଦିବ୍ୟଗୁଣର ଆକାର, ପ୍ରେମମୟ, ସମସ୍ତ ଜଗତର ଆଧାର, ସୃଷ୍ଟି, ସଂହାର, ପାଳନକର୍ତ୍ତା ନାରାୟଣ, ରାମ, କୃଷ୍ଣ, ଶିବ, ଦୁର୍ଗା । ଏମାନେ ଇଷ୍ଟଦେବଙ୍କୁ ପ୍ରେମ କରନ୍ତି, ଭକ୍ତି କରନ୍ତି, ପୂଜା କରନ୍ତି, ତାଙ୍କୁ ସମସ୍ତ ଅର୍ପଣ କରି, ଶରୀର ତ୍ୟାଗ କରି ଇଷ୍ଟଦେବଙ୍କ ଦିବ୍ୟ-ଧାମମାନଙ୍କରେ ତାଙ୍କ ସେବାକୁ ପ୍ରାପ୍ତ ହୁଅନ୍ତି । ଏହି ଉଭୟ (ଅଦ୍ୱୈତ ଓ ଦ୍ୱୈତ) ଲକ୍ଷ୍ୟ ଆଉ ସାଧନା ପରସ୍ପର ଏପରି ବିରୋଧୀ ଯେ ଏକ ଲକ୍ଷ୍ୟ ଓ ସାଧନା ତ୍ୟାଗ କରି ଅନ୍ୟକୁ ଗ୍ରହଣ କଲେ ପ୍ରଥମ ସାଧନା ତ' ବ୍ୟର୍ଥ ହୁଏ, କିନ୍ତୁ ତାହାର ମନୋଭାବ ଆଉ ସ୍ୱଭାବକୁ ପରିବର୍ତ୍ତନ କରି ନୂତନ ସାଧନାର ଅନୁକୂଳ ଅବସ୍ଥା ତିଆରି କରିବାରେ ବହୁତ ବର୍ଷ କିଂବା ଗୋଟିଏ ଜନ୍ମ ଲାଗି ଯାଇପାରେ । ସେନେଇ ଶାସ୍ତ୍ରରେ ଏକଗୁରୁନିଷ୍ଠା ପ୍ରତି ବହୁତ ଆଗ୍ରହ କରାହୋଇଛି । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଓ ସାଧନା କୌଣସି ଯୋଗର ବିପରୀତ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସିଦ୍ଧି ପ୍ରାପ୍ତ ହୁଏ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଶାସ୍ତ୍ର କୌଣସି ବିରୋଧ କରେ ନାହିଁ କିଂବା ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନ-ପ୍ରକିୟା ହେଲା – ଅଭୀପ୍ସା, ସମର୍ପଣ ଓ ତ୍ୟାଗ । ଏହି ସାଧନ-ପ୍ରକ୍ରିୟା ଛଡ଼ା କୌଣସି ସାଧକ କୌଣସି ସମ୍ପ୍ରଦାୟର ସାଧନା-ପଥରେ ଅଗ୍ରସର ହୋଇପାରେ ନାହିଁ । ଏହା ପ୍ରତ୍ୟେକ ସାଧକମାନଙ୍କର ବିଶେଷତଃ ଦ୍ୱୈତ ସାଧକମାନଙ୍କର ଗ୍ରହଣୀୟ । ଏହାଛଡ଼ା ସବୁଠାରୁ ଯାହା ମହତ୍ତ୍ୱପୂର୍ଣ୍ଣ ବସ୍ତୁ ତାହା ହେଲା – ଲକ୍ଷ୍ୟପ୍ରାପ୍ତିରେ

ପୂର୍ଣ୍ଣ ସାହାଯ୍ୟ ପ୍ରାପ୍ତି; ତାହା ମା'ଙ୍କଠାରୁ ପୂର୍ଣ୍ଣରୂପେ ସାଧକର ଗ୍ରହଣ-ସାମର୍ଥ୍ୟ ଅନୁସାରେ ସେ ପ୍ରାପ୍ତି କରେ । ଶ୍ରୀଅରବିନ୍ଦଙ୍କ ଯୋଗ ପୂର୍ବ ସାଧନାକୁ ତ୍ୟାଗ ନ କରାଇ ସାଧନାର କଳ୍ପନା ସ୍ଥାନରେ ବାସ୍ତବିକତାରେ ରୂପ ଦିଏ । ପୂର୍ଣ୍ଣ ଲକ୍ଷ୍ୟରେ ପହଞ୍ଚିବା ସକାଶେ ଆଧ୍ୟାତ୍ମିକ ସାଧକର ଯାହା ଆବଶ୍ୟକ ଶ୍ରୀଅରବିନ୍ଦଙ୍କ ଯୋଗରେ ସେ ସମସ୍ତ ମିଳେ ।

ପ୍ରଶ୍ନ : ଦ୍ୱୈତ ସାଧକମାନଙ୍କର କଳ୍ପନା ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଯୋଗ ବାସ୍ତବିକତାର ରୂପ ଦିଏ — ଏହାର ଅର୍ଥ କ'ଣ ?

ଉତ୍ତର : ଦ୍ୱୈତ ସମ୍ପ୍ରଦାୟର ଭକ୍ତ-ସାଧକମାନେ ଭଗବାନଙ୍କ ଉପରେ ନିର୍ଭର କରନ୍ତି, ତାଙ୍କୁ ସମର୍ପଣ କରନ୍ତି, ତାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ବୋଲି ବିଶ୍ୱାସ ଏବଂ ଧାରଣା କରନ୍ତି । ଭକ୍ତର ଭାବ ଅନୁସାରେ ଭଗବାନ୍ ନିଶ୍ଚୟହିଁ ସାହାଯ୍ୟ କରନ୍ତି ଏବଂ ପରିଚାଳନା କରନ୍ତି । କିନ୍ତୁ ଭକ୍ତମାନେ ଭଗବାନଙ୍କ ପ୍ରେମରେ ଏପରି ବିଭୋର ରହନ୍ତି ଯେ ଭଗବାନଙ୍କ ପରିଚାଳନା ପ୍ରତି ସଚେତ ହୁଅନ୍ତି ନାହିଁ । ସେମାନଙ୍କ ମଧ୍ୟରୁ ଯଦି କେହି ଉତ୍କୃଷ୍ଟ ଭକ୍ତ ସାଧକ ସଚେତ ହୁଅନ୍ତି, ତେବେ ତାହା ହୁଏ ଆଂଶିକ । କାରଣ ଶରୀର ଓ ପ୍ରାଣକୁ ରୂପାନ୍ତରିତ କରିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ । ସେନେଇ ସେମାନଙ୍କୁ ଭଗବାନଙ୍କ ପରିଚାଳନା ସମ୍ବନ୍ଧେ ସଚେତ ହେବା ଆବଶ୍ୟକ ହୁଏ ନାହିଁ । କିନ୍ତୁ ପୂର୍ଣ୍ଣଯୋଗ ସାଧକର ସାଧନା ଏହା ବିନା ଅଗ୍ରସର ହୁଏ ନାହିଁ । କାରଣ ତାହାର ସମସ୍ତ ପ୍ରକୃତିକୁ ଆମୂଳଚୂଳ ରୂପାନ୍ତର କରିବାକୁ ହୁଏ । ସେନେଇ ସାଧନା ଆରମ୍ଭରୁ ପୂର୍ଣ୍ଣତଃ ସାଧନାର ଭାର ଭାଗବତୀ ଶକ୍ତି ଉପରେ ଛାଡ଼ି କେବଳ ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ପଡ଼େ ।

ଶ୍ରୀଅରବିନ୍ଦଙ୍କ ଯୋଗ ଆରମ୍ଭ ହୁଏ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା । ଅଭୀପ୍ସାର ଅର୍ଥ : ଅନ୍ତରାତ୍ମାର ତୀବ୍ର ଇଚ୍ଛା । ଅନ୍ତରାତ୍ମା ଭାଗବତ ଅଂଶ, ତାହାର ନିବାସ ସ୍ଥାନ ହୃଦୟର ବହୁତ ଗଭୀରରେ । ସେ ଭାଗବତ ଅଂଶ ଅଥବା ପ୍ରତିଭୂ ହେବାରୁ, ତାହାଠାରେ ସମସ୍ତ ଭଗବତ୍ ଗୁଣ ବିଦ୍ୟମାନ ଥାଏ, ସେ ଜ୍ଞାନରେ ବାସ କରେ । ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରିବା ତାହାର ସ୍ୱଭାବ । ସମର୍ପଣ ଆଉ ହୃଦୟର ଗଭୀରରେ ଧ୍ୟାନ କରିବା ଦ୍ୱାରା ସେ ଜାଗ୍ରତ ହୁଏ । ଅନ୍ୟ ଭାଷାରେ କହିଲେ — ସେ ଜାଗ୍ରତ ହେଲେ ହୃଦୟର ଗଭୀରରେ ଧ୍ୟାନ ଏବଂ ଭଗବାନଙ୍କୁ ସମର୍ପଣ ହୁଏ ।

ମସ୍ତକ ଊର୍ଦ୍ଧ୍ୱସ୍ଥିତ ଭାଗବତୀ ଶକ୍ତି ନିମ୍ନକୁ ଅବତରଣ କରି ଆସି ସାଧନାର ସମସ୍ତ ଭାର ଗ୍ରହଣ କରିବା ସକାଶେ ଅନ୍ତରାତ୍ମା ଅଭୀପ୍ସା କରେ, ସମର୍ପଣ କରେ ଏବଂ ତାଙ୍କୁ ଆବାହନ କରେ । ଅନ୍ତରାତ୍ମାର ଆବାହନର ଉତ୍ତର ସ୍ୱରୂପ ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତି ମସ୍ତକ ମଧ୍ୟସ୍ଥ ସହସ୍ରାର ଚକ୍ରଦେଇ ଅବତରଣ କରନ୍ତି ଏବଂ କ୍ରମଶଃ ଆଜ୍ଞା, ବିଶୁଦ୍ଧ, ହୃଦୟ (ଅନାହତ) ମଣିପୁର, ସ୍ୱାଧିଷ୍ଠାନ, ମୂଳାଧାର ଚକ୍ରରେ ଯାଇ ତାଙ୍କ ନିଜର ଅନ୍ୟତମାରୂପା ସୁପ୍ତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ତାଙ୍କୁ ସଙ୍ଗେ ନେଇ ପୁନରାୟ ଊର୍ଦ୍ଧ୍ୱାରୋହଣ କରନ୍ତି ।

ଅନ୍ତରାତ୍ମା ସଚେତନ ସତ୍ତା ଜ୍ଞାନସ୍ୱରୂପ ହେବାରୁ ସେ ସାଧକକୁ ସାଧନା-ମାର୍ଗରେ ପରିଚାଳିତ କରନ୍ତି ଏବଂ ସାଧକର ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତି ସାଧକ ମଧ୍ୟରେ ସାଧନା କରନ୍ତି । ରୂପାନ୍ତରିତ ହେବାର ଯୋଗ୍ୟ ଅଂଶକୁ ରୂପାନ୍ତରିତ କରନ୍ତି । ତ୍ୟାଜ୍ୟ ହେବା ଅଂଶକୁ ପରିତ୍ୟାଗ କରନ୍ତି । ସାଧକର କ୍ରମଶଃ ଯେତେ ଭାଗ ସମର୍ପିତ ହୁଏ ସେ ସେହି ସମର୍ପିତ ଭାଗରେ କ୍ରିୟା କରନ୍ତି । ଯେତେବେଳେ ସାଧକର ସମର୍ପଣର ପୂର୍ଣ୍ଣ ହୁଏ, ସେତେବେଳେ ଭାଗବତୀ ଶକ୍ତି ସଂପୂର୍ଣ୍ଣରୂପେ ସାଧକର ସମସ୍ତ ସତ୍ତାକୁ ଅଧିକାର କରି ତାହାର ପୂର୍ଣ୍ଣ ରୂପାନ୍ତର କରନ୍ତି । ସାଧକ ମଧ୍ୟରେ ସାଧନାର ପରିଚାଳନାର ଭାର ନିଅନ୍ତି ଅନ୍ତରାତ୍ମା, ରୂପାନ୍ତର କ୍ରିୟା କରନ୍ତି ଭାଗବତୀ ଶକ୍ତି । ସାଧକ କେବଳ ଭାଗବତୀ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦିଏ ଏବଂ ପ୍ରତିକୂଳ ଶକ୍ତି ଏବଂ ସେସବୁର କ୍ରିୟାକୁ ବର୍ଜନ କରେ । ଏ ଯୋଗରେ ଭାଗବତୀ ଶକ୍ତି ସ୍ୱୟଂ ସାଧନାଭାର ଗ୍ରହଣ ନ କଲେ କେବଳ ସାଧକ ନିଜ ଚେଷ୍ଟା ଦ୍ୱାରା ରୂପାନ୍ତରିତ ହେବା ସମ୍ଭବ ନୁହେଁ । କାରଣ ମନୁଷ୍ୟର ସ୍ୱଭାବ କାମ, କ୍ରୋଧାଦି ପ୍ରତିକୂଳ ରିପୁ, ରୋଗ, ଜରା ଇତ୍ୟାଦି; ଏମାନେ ମନୁଷ୍ୟର ସୀମିତ ବୁଦ୍ଧି, ଜ୍ଞାନ ଏବଂ ସାମର୍ଥ୍ୟଠାରୁ ମହାନ୍ ଶକ୍ତିଶାଳୀ, ଅଗମ୍ୟ କୌଶଳୀ ଏବଂ ମାୟାବୀ । ଏମାନଙ୍କୁ କେବଳ ସେହି ଭାଗବତୀ ଶକ୍ତି ରୂପାନ୍ତରିତ କରିପାରନ୍ତି ଯେ ଏମାନଙ୍କର ଶୁଦ୍ଧ ଉତ୍ସ, ଏମାନେ ଯାହାର ବିକୃତ ସ୍ୱରୂପ । ଏସବୁଙ୍କୁ ଦୁର୍ଦ୍ଧର୍ଷ ଜାଣି ଏସବୁର

ରୂପାନ୍ତର କରିବା ପ୍ରଶ୍ନ ନ ଉଠାଇ ସମସ୍ତ ପୁରାତନ ଯୋଗୀ ନିଜ ବ୍ୟକ୍ତିଗତ ମୁକ୍ତିର ମାର୍ଗ ନେଲେ; କହିଲେ, ''ସ୍ୱଭାବ କୁକୁର ଲାଙ୍ଗୁଳ; ସେ କେବେ ସିଧା ହେବ ନାହିଁ।'' କିନ୍ତୁ ଏହା ପୂର୍ଣ୍ଣଯୋଗରେ ଚଳିବ ନାହିଁ, ପୂର୍ଣ୍ଣଯୋଗରେ ଏସବୁକୁ ସଂପୂର୍ଣ୍ଣରୂପେ ରୂପାନ୍ତର କରିବାକୁ ହେବ ।

ଏହି କାରଣରୁ ପୂର୍ଣ୍ଣଯୋଗର ସାଧନା ଆରମ୍ଭ ହୁଏ ସମର୍ପଣରେ । ପୂର୍ଣ୍ଣଯୋଗର ସାଧକ ସାଧନାର ପ୍ରଥମରୁ ସମସ୍ତ ଭାର ଭାଗବତୀ ଶକ୍ତି ଉପରେ ନ୍ୟସ୍ତ କରେ ଏବଂ ତାଙ୍କ ଦ୍ୱାରା ପରିଚାଳିତ ହୁଏ । ଭକ୍ତ ଯୋଗୀମାନେ ଯେଉଁ ସମର୍ପଣ ଏବଂ ଭାଗବତ ପରିଚାଳନାକୁ କଳ୍ପନା କରନ୍ତି ତାହା ପୂର୍ଣ୍ଣଯୋଗରେ ସାଧନା ଆରମ୍ଭରୁ ବାସ୍ତବ ଏବଂ କ୍ରିୟାତ୍ମକରୂପେ ହୁଏ ।

ପ୍ରଶ୍ନ : ଉତ୍ତର ଯୁକ୍ତିଯୁକ୍ତ ହେଲେ ସୁଦ୍ଧା ସେଥିରେ ହୃଦୟକୁ ସନ୍ତୋଷ ଆସୁ ନାହିଁ । ଅଧ୍ୟାତ୍ମ-ସାଧକ ଯଦି ଭଗବତ୍ ପ୍ରାପ୍ତିରେ ଅନ୍ୟଠାରୁ ସାହାଯ୍ୟ ନିଏ ତେବେ ସେଥିରେ କ'ଣ ଏକ-ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ?

ଉତ୍ତର : ଏଥିରେ ଯଦି ଗୁରୁନିଷ୍ଠା ଖଣ୍ଡିତ ହୁଏ ତେବେ କୌଣସି ଆଧ୍ୟାତ୍ମିକ ସାଧକର ଗୁରୁନିଷ୍ଠା ପାଳିତ ହୁଏ ନାହିଁ । ଯଦି ଗୁରୁ କରିବା ଲକ୍ଷ୍ୟ ଛଡ଼ା ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟ ବ୍ୟକ୍ତିର ନ ରହେ ତେବେ ତ ପ୍ରଶ୍ନଟି ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କର ଶରଣାପନ୍ନ ହେଲେ ପ୍ରଶ୍ନଟିର ବିଶେଷ ସତ୍ୟତା ରହେ ନାହିଁ । କାରଣ ବ୍ୟକ୍ତିର ଯଦି କେବଳ ଗୁରୁପ୍ରାପ୍ତି କରିବା ଲକ୍ଷ୍ୟ ହୁଏ, ତେବେ ଗୁରୁ ପ୍ରାପ୍ତି କରିନେଲା ପରେ ତା'ର ଲକ୍ଷ୍ୟସିଦ୍ଧି ହେଲା । ଯଦି ଭଗବାନଙ୍କୁ ପ୍ରାପ୍ତ କରିବା ଲକ୍ଷ୍ୟ ହୁଏ ତେବେ ଯେପର୍ଯ୍ୟନ୍ତ ଭଗବତ୍ ପ୍ରାପ୍ତି ନ ହୋଇଛି, ସେପର୍ଯ୍ୟନ୍ତ ମାର୍ଗରେ ସାଧକକୁ ବହୁ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବା ଆବଶ୍ୟକ ହୁଏ ।

ବ୍ୟକ୍ତି ଯେଉଁ ସମୟରେ ଗୁରୁଙ୍କ ଶରଣାପନ୍ନ ହୁଏ ସେତେବେଳେ ତାହାର ଜ୍ଞାନର ବିକାଶ ହୋଇ ନ ଥାଏ, କେବଳ ହୃଦସ୍ଥ ଚୈତ୍ୟ-ପୁରୁଷର ପ୍ରେରଣାରେ ସେ ଭଗବତ୍ ଅଭିମୁଖୀ ହୁଏ । ଗୁରୁଙ୍କ ଉପଦେଶ ପ୍ରାପ୍ତି ପରେ ସାଧନା କରିବା ଦ୍ୱାରା ତାହାର ଜ୍ଞାନ, ଭକ୍ତି, କ୍ରମଶଃ ବିକଶିତ ହୁଏ । ତେବେ ସେ ଭଗବତ୍ ରହସ୍ୟ ଜାଣିବାର ଅଧିକାରୀ ହୁଏ । ବାଲ୍ୟାବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ, ବୁଦ୍ଧିର ବିକାଶରେ ନାନା ସ୍ତର ବା ଅବସ୍ଥାର ଉପଯୋଗୀ ଭିନ୍ନ ଭିନ୍ନ ଶିକ୍ଷା ବ୍ୟକ୍ତିକୁ ଦିଆଯାଏ । ଗୋଟିଏ ବାଳକକୁ ଏମ୍. ଏ. କ୍ଲାସର ବିଷୟ ଶିକ୍ଷା ଦିଆ ହୁଏ ନାହିଁ, ସେ ବହୁତ ଶିକ୍ଷା ସ୍ତର ଅତିକ୍ରମ କରିବା ପରେ ବହୁ ପ୍ରକାର ଜ୍ଞାନ ପ୍ରାପ୍ତ କରିବା ପରେ ଏମ୍. ଏ. କ୍ଲାସର ବିଷୟ ଜାଣିବାର ଅଧିକାରୀ ହୁଏ । ସେହିପରି ଅଧ୍ୟାତ୍ମ-ମାର୍ଗରେ ଏହା ଅପେକ୍ଷା ବହୁତଗୁଡ଼ିଏ ଶିକ୍ଷା ସ୍ତର ରହିଛି । ଏପରିକି ସାଧନାର ଆରମ୍ଭରୁ ପୂର୍ଣ୍ଣ-ସିଦ୍ଧି ପର୍ଯ୍ୟନ୍ତ ପ୍ରତ୍ୟେକ ଅବସ୍ଥାରେ ସାଧକକୁ ଅନ୍ୟ ମହାପୁରୁଷଙ୍କଠାରୁ ସାହାଯ୍ୟ ଏବଂ ଶିକ୍ଷାଗ୍ରହଣ କରିବାକୁ ପଡ଼େ । ଏହାଛଡ଼ା ସିଦ୍ଧି ସମ୍ଭବ ନୁହେଁ ।

ଅଧ୍ୟାତ୍ମ-ମାର୍ଗରେ ଶିକ୍ଷାକୁ 'ସତ୍‌ସଙ୍ଗ' ନାମ ଦିଆହୋଇଛି । ଅନୁଭବ-ପ୍ରାପ୍ତ ମହାତ୍ମାଙ୍କ ନିକଟରେ ନିଜ ସାଧନା ବିଷୟରେ ପ୍ରଶ୍ନ କରି ଜାଣିବା ମଧ୍ୟ ଶିକ୍ଷା । ଏହାଛଡ଼ା ପ୍ରତ୍ୟେକ ଅଧ୍ୟାତ୍ମ-ସମ୍ପ୍ରଦାୟରେ ଅଧିକାଂଶ ସାଧକ ଏକରୁ ଅଧିକ ଗୁରୁ କରନ୍ତି । ଶିଷ୍ୟ ଗୁରୁଙ୍କ ଶରଣାପନ୍ନ ହେବା ପରେ ଭଗବତ୍ ପ୍ରାପ୍ତିର ଉପଦେଶ ପାଏ । ସେ ସାଧନା ଆରମ୍ଭ କରେ । କିଛି ଦୂର ଅଧ୍ୟାତ୍ମ-ମାର୍ଗରେ ଅଗ୍ରସର ହେବା ପରେ ପ୍ରତ୍ୟେକ ସାଧକକୁ ଆଗେ ମାର୍ଗ ଜାଣିବା ଆବଶ୍ୟକ ହୁଏ ଯେପରି ବୈଷ୍ଣବ ସମ୍ପ୍ରଦାୟରେ ଗୁରୁ ଶିଷ୍ୟକୁ ପଞ୍ଚସଂସ୍କାର ସହ ମନ୍ତ୍ର ଉପଦେଶ ଦେଇ ଦୀକ୍ଷା ଦିଅନ୍ତି । ସେହି ସମୟରୁ ତାହାର ନାମ ଜାତି, ଗୋତ୍ର ପରିବର୍ତ୍ତନ ହୁଏ । ସେ ବୈଷ୍ଣବ, ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କ ଦାସ ନାମରେ ସମ୍ବୋଧିତ ହୁଏ । ସାଧନା ଦ୍ୱାରା ହୃଦୟ, ମନ ଶୁଦ୍ଧ ହେଲେ ସେ ଭଗବାନଙ୍କ ସଙ୍ଗେ ଆନ୍ତରିକ ସତ୍ୟ-ସମ୍ବନ୍ଧ ସ୍ଥାପନ କରିବାର ଅଧିକାରୀ ହୁଏ । ସେତେବେଳେ ସେ ମନ୍ତ୍ର ଉପଦେଶ ଦେଇଥିବା ଦୀକ୍ଷାଗୁରୁଙ୍କଠାରୁ ଅଥବା ଅନ୍ୟ ମହାପୁରୁଷଙ୍କଠାରୁ ଏହି ସମ୍ବନ୍ଧ ପ୍ରାପ୍ତ କରେ । ସମ୍ବନ୍ଧର ଅର୍ଥ : ସାଧକ ଭଗବାନଙ୍କ ସଙ୍ଗେ ଯେଉଁ ସମ୍ବନ୍ଧ ସ୍ଥାପନ କରେ ସାଧନା ଦ୍ୱାରା ତାହାରହିଁ ସିଦ୍ଧି ହୁଏ । ମୃତ୍ୟୁ ପରେ ସେହି ଅନୁସାରେ ଭଗବାନଙ୍କୁ ପ୍ରାପ୍ତ କରେ । ତାହାକୁହିଁ ନିତ୍ୟ ସମ୍ବନ୍ଧ କୁହାଯାଏ ।

ଭଗବାନଙ୍କ ସହିତ ଭକ୍ତ ଶାନ୍ତ, ଦାସ୍ୟ, ସଖ୍ୟ,ବାତ୍ସଲ୍ୟ, ଶୃଙ୍ଗାର – ଏହି ପଞ୍ଚ ସମ୍ବନ୍ଧ ମଧ୍ୟରୁ କୌଣସି

ଗୋଟିଏ ସମ୍ବନ୍ଧ ସାଧକ ଗ୍ରହଣ କରେ । ସେହି ଭାବ ଅନୁସାରେ ଭକ୍ତ ଭଗବାନଙ୍କ ଉପାସନା କରେ । ଉଦାହରଣସ୍ୱରୂପ – ଶ୍ରୀରାମଚନ୍ଦ୍ରଙ୍କ ବା ଶ୍ରୀକୃଷ୍ଣଙ୍କ ସହିତ ''ସଖ୍ୟଭାବ'' ସମ୍ବନ୍ଧ ହେଲେ ସାଧକର ନାମ ଅଯୋଧ୍ୟାବାସୀ, ସଖା ରସରଙ୍ଗମଣି ଅଥବା ବୃନ୍ଦବନବାସୀ ସଖା ସୁବଳ ନାମ ହୁଏ । ସାଧକର ଏହି ସମ୍ବନ୍ଧର ନାମକୁ ସମ୍ବନ୍ଧଦାତା ଗୁରୁ ଏବଂ ସେହି ରସର ଅନ୍ତରଙ୍ଗ କେତେକ ସାଧକଙ୍କ ଛଡ଼ା ଅନ୍ୟ କେହି ଜାଣନ୍ତି ନାହିଁ । ସାଧକକୁ ସଦ୍‌ଗୁରୁ ଉପଦେଶ ଦିଅନ୍ତି,– ''ବୃନ୍ଦାବନ ଏହି ମୃତ୍ୟୁପୁରୀରୁ ଭିନ୍ନ, ଦିବ୍ୟ, ଚିନ୍ମୟ, ଶାଶ୍ୱତ, ଗୋଲୋକ । ସେଠାରେ ସମସ୍ତ କିଛି ଦିବ୍ୟ, ପ୍ରାକୃତିକ ଶକ୍ତିର ଅଗମ୍ୟ; ଶ୍ରୀବୃନ୍ଦାବନବିହାରୀ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାରାଣୀଙ୍କ ବିହାର ସ୍ଥଳ । ସେଠାରେ ଶ୍ରୀ ରାସେଶ୍ୱରୀ ରାଧା କୃଷ୍ଣଙ୍କ ସହିତ, ଭିନ୍ନ ଭିନ୍ନ ସଖା ଓ ସହଚରୀମାନଙ୍କ ସହିତ ଭିନ୍ନ ଭିନ୍ନ ଲୀଳା ନିତ୍ୟ କରୁଅଛନ୍ତି । ସେହି ନିତ୍ୟ-ଲୀଳାର ଶ୍ରୀକୃଷ୍ଣଙ୍କ ସଖା 'ସୁବଳ' ବୋଲି ତୁ ନିଜକୁ ମନେ କର । ତୋର ଶରୀର ବର୍ତ୍ତମାନ ଶରୀରରୁ ଭିନ୍ନ, ଚିନ୍ମୟ, ଦିବ୍ୟ, ଶ୍ରୀକୃଷ୍ଣଙ୍କ ସଦୃଶ ଶରୀର'' । ଏହାପରେ ସଦ୍‌ଗୁରୁ ବିସ୍ତାର ସହିତ ଦିବ୍ୟ ବୃନ୍ଦାବନ ଏବଂ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ବର୍ଣ୍ଣନା କରନ୍ତି । ଭଗବାନଙ୍କ ସହିତ କେଉଁ ସମୟରେ, କେଉଁ ଲୀଳାରେ ନିଜକୁ କିପରି ସହଯୋଗ କରିବାକୁ ହେବ ତାହା ବିଶଦଭାବେ ବୁଝାଇ ଦିଅନ୍ତି – ''କେବେ ମାଖନ ଚୋରିରେ ମାଖନ ଖାଇ ସମସ୍ତେ ପଳାଇ ଆସନ୍ତି, ଧରା ପଡ଼ନ୍ତି ଏକା ଶ୍ରୀକୃଷ୍ଣ; କେବେ କେବେ ସମସ୍ତ ସଖା ପଳାଇ ଆସନ୍ତି, ଗୋପୀଙ୍କ ହାତରେ ବନ୍ଦି ପଡ଼ି ପିଟା ଖାଆନ୍ତି ସୁବଳ ।'' ଏହିପରି ସମସ୍ତ ସମୟ ସେହି ଲୀଳା ସ୍ମରଣରେ ସାଧକ ଏକେବାରେ ତନ୍ମୟ ହୋଇଯାଏ । ଶରୀର ଏହି ସଂସାରରେ ଥାଇ ମନ ରମଣ କରୁଥାଏ ନିତ୍ୟ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ଦିବ୍ୟ-ଲୀଳାରେ । ସେ ଜାଗତିକ ସମ୍ବନ୍ଧ ସବୁ ଭୁଲିଯାଏ, ମନେକରେ ସେ ଶ୍ରୀକୃଷ୍ଣଙ୍କ ନିତ୍ୟ-ଲୀଳା ସହଚର 'ସୁବଳ' । ଏହିପରି ତନ୍ମୟ ଅବସ୍ଥାରେ ଶରୀର ତ୍ୟାଗ କରି ସାଧକ ଶ୍ରୀକୃଷ୍ଣଙ୍କୁ ଗୋଲୋକରେ ପ୍ରାପ୍ତ କରେ ।

ଅନ୍ତକାଳେ ଚ ମାମେବ ସ୍ମରନ୍‌ମୁକ୍ତ୍ୱା କଳେବରମ୍ ।
ୟଃ ପ୍ରୟାତି ସ ମଭାବଂ ୟାତି ନାସ୍ତ୍ୟତ୍ର ସଂଶୟଃ ।।
ଗୀତା, ୮ମ ଅଧ୍ୟାୟ, ଶ୍ଳୋ – ୫

ଅର୍ଥାତ୍ ଯେଉଁ ବ୍ୟକ୍ତି ଅନ୍ତକାଳରେ ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ସାକ୍ଷାତ୍ ମୋ ଶରୀରକୁ ପ୍ରାପ୍ତ ହୁଏ, ଏଥିରେ କୌଣସି ସନ୍ଦେହ ନାହିଁ ।

ଏହିପରି ସମ୍ବନ୍ଧ ଦୀକ୍ଷାଗୁରୁଙ୍କ ଛଡ଼ା ଅନ୍ୟ ଗୁରୁ ଦେଲେ ତାଙ୍କୁ ସିଦ୍ଧଗୁରୁ ବା ସଦ୍‌ଗୁରୁ ଶବ୍ଦରେ ସମ୍ବୋଧନ କରାହୁଏ । ସଦ୍‌ଗୁରୁଙ୍କୁ ଠିକ୍ ଦୀକ୍ଷାଗୁରୁଙ୍କ ତୁଲ୍ୟ ସମ୍ମାନ ଓ ଭକ୍ତି କରାଯାଏ । ଏହା ବହୁତ ହୁଏ ବୈଷ୍ଣବ ସମ୍ପ୍ରଦାୟରେ । ଅଦ୍ୱୈତ ସମ୍ପ୍ରଦାୟରେ ସନ୍ନ୍ୟାସୀମାନେ ବରାବର ମହାପୁରୁଷମାନଙ୍କୁ ବ୍ରହ୍ମଜିଜ୍ଞାସା କରୁଥା'ନ୍ତି ଯେପର୍ଯ୍ୟନ୍ତ ତାଙ୍କୁ ସିଦ୍ଧି ପ୍ରାପ୍ତ ନ ହୁଏ । ଏହାଛଡ଼ା ବହୁତ ସାଧକ କେବଳ ବାହ୍ୟ ବେଶ ବଜାୟ ରଖି ହଠଯୋଗ କ୍ରିୟା ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା କରନ୍ତି, ଅନ୍ୟାନ୍ୟ ବହୁତ ପ୍ରକାରର ସାଧନା ଅଭ୍ୟାସ କରନ୍ତି । କାହାର ଦୀକ୍ଷାଗୁରୁ କେବଳ ନାମ ଜାପକ, ଶିଷ୍ୟ ସୁରତୀ ଶବ୍ଦ ଯୋଗୀ । ଏହିପରି ସାଧାରଣ କୋଟୀର ମହାତ୍ମାମାନଙ୍କ ମଧ୍ୟରେ ନୁହେଁ, ଆଚାର୍ଯ୍ୟମାନଙ୍କ ଜୀବନରେ ମଧ୍ୟ ଦେଖାଯାଏ । ଏହାର ସାକ୍ଷ୍ୟ ଇତିହାସ ଦେଉଅଛି । ଅଧ୍ୟାତ୍ମମାର୍ଗରେ ପୂର୍ଣ୍ଣତା ପ୍ରାପ୍ତ କରିବା ସକାଶେ ଅନ୍ୟଠାରୁ ବରାବର ସାହାଯ୍ୟ ନିଆ ଯାଉଅଛି । ଏହି ନ୍ୟାୟରୁ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଶାସ୍ତ୍ରସମ୍ମତ, ଏଥିରେ ଏକ-ଗୁରୁନିଷ୍ଠାରେ ବାଧା ହୁଏ ନାହିଁ ।

ଏକଗୁରୁନିଷ୍ଠା ବ୍ୟକ୍ତିଗତ ହୋଇପାରେ, କିନ୍ତୁ ସିଦ୍ଧାନ୍ତ ହୋଇପାରେ ନାହିଁ । ଯେତେସବୁ ନିଷ୍ଠା ତାହା ବ୍ୟକ୍ତିଗତ । ତାହା ବ୍ୟକ୍ତିର ବିଶ୍ୱାସ ଆଉ ଶ୍ରଦ୍ଧା ଉପରେ ନିର୍ଭର କରେ । ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ପ୍ରଯୁଜ୍ୟ ହୁଏ ନାହିଁ । ଯେପରି କେନ୍ଦ୍ରାପଡ଼ାର ରାଧାନାଥ ନରେନ୍ଦ୍ରଙ୍କ ନିଷ୍ଠା – ଯେକୌଣସି ସାଧୁବେଶଧାରୀ ବ୍ୟକ୍ତି ତାଙ୍କ ଘରକୁ ଆସିଲେ ସେ

ତାଙ୍କ ଚରଣ ଧୋଇ ଚରଣାମୃତ ନେଉଥିଲେ । ଦିନେ ଜଣେ ଗଳିତ କୁଷ୍ଠରୋଗୀ ବୈଷ୍ଣବଙ୍କୁ ଦେଖି ତାଙ୍କ ଚରଣ ଧୋଇ ସେହି ଜଳ ପାନ କଲେ – ଏହା ନିଷ୍ଠା, ସିଦ୍ଧାନ୍ତ ନୁହେଁ । ଆଜି ଯଦି କେହି ସାଧକ ବା ଭକ୍ତ ହେବ, ସେ ଯେ ଏହାର ଅନୁସରଣ କରିବ – ଏପରି ନୁହେଁ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ-ଯୋଗ ଗ୍ରହଣ କଲେ ଗୁରୁ ନିଷ୍ଠାରେ ବାଧା ହେବ ନାହିଁ, କିନ୍ତୁ ମା'ଙ୍କୁ ସ୍ୱୀକାର କରିବାକୁ ହେବ । ଯେଉଁମାନେ ତାଙ୍କୁ ସ୍ୱୀକାର କରିବାକୁ ନ ଚାହିଁବେ, ସେମାନେ କ'ଣ ଶ୍ରୀଅରବିନ୍ଦଙ୍କ ଯୋଗର ପୂର୍ଣ୍ଣସିଦ୍ଧି ପ୍ରାପ୍ତି କରିପାରିବେ ନାହିଁ ?

ଉତ୍ତର : ଯେଉଁମାନେ ମା'ଙ୍କୁ ସ୍ୱୀକାର କରିବାକୁ ନ ଚାହାନ୍ତି ଏବଂ ଅତିମାନସ ଶକ୍ତିକୁ ସମର୍ପଣ କରିପାରନ୍ତି, ତେବେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣସିଦ୍ଧି ପ୍ରାପ୍ତ କରିପାରିବେ । ଏହିସବୁ ପ୍ରଶ୍ନ ଏବଂ ଧାରଣା ସଙ୍କୁଚିତ ସୀମିତ ମନର । ସାଧନାର ଆରମ୍ଭରେ ଏପରି ସୀମିତ ମନୋଭାବ ରହିପାରେ କିନ୍ତୁ ସାଧନାର ବିକାଶ ସଙ୍ଗେ ସଙ୍ଗେ ଜ୍ଞାନ, ଭକ୍ତି, ସମର୍ପଣ ବିକଶିତ ହେଲେ ସାଧକ ମନଃ-ସୀମାକୁ ଅତିକ୍ରମ କରି ଉର୍ଦ୍ଧ୍ୱକୁ ଚାଲିଯାଏ, ସେତେବେଳେ ଏହିସବୁ ମନୋଭାବ ରହେ ନାହିଁ ।

ମା'ଙ୍କୁ ସାଧକ ସମର୍ପଣ କରେ ନିଜ ସାଧନାରେ ବିଶେଷ ସାହାଯ୍ୟ ପ୍ରାପ୍ତି କରିବା ସକାଶେ । କାରଣ ଯେଉଁ ସମୟରେ ଯେଉଁ ମହାପୁରୁଷ ପୃଥିବୀକୁ ଆସନ୍ତି, ସେମାନେ ନିଜ ସଙ୍ଗେ ବିଶେଷ ଶକ୍ତି ନେଇ ଆସିଥା'ନ୍ତି । ଅନ୍ୟ ସମୟରେ ବହୁତ ବର୍ଷ ସାଧନା କରି ସାଧକ ଯାହା ପ୍ରାପ୍ତ କରିପାରେ, ସେସମୟରେ ଅଳ୍ପ କେତେ ମାସ ସାଧନାରେ ସାଧକ ତାହାହିଁ ପ୍ରାପ୍ତ କରିପାରେ । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଧାରଣ କରି ପ୍ରତ୍ୟେକ ସାଧକଙ୍କୁ ପୂର୍ଣ୍ଣ ସାହାଯ୍ୟ କରୁଅଛନ୍ତି । ଯେଉଁ ବ୍ୟକ୍ତି ମା'ଙ୍କଠାରୁ ଏହି ଲାଭ ପ୍ରାପ୍ତ କରିବାକୁ ଚାହିଁବେ ସେ ତାହା ପ୍ରାପ୍ତ କରିବେ, ଏହା କେବଳ ସାଧକର ଲାଭ ।

ପ୍ରଶ୍ନ : ଯେଉଁମାନେ ନିଜ ନିଜ ଇଷ୍ଟଦେବଙ୍କର ଅନନ୍ୟ-ଉପାସକ, ସେମାନେ କ'ଣ ତାଙ୍କର ଇଷ୍ଟଦେବଙ୍କୁ ଉପାସନା କରି ଅତିମାନସ ସିଦ୍ଧିକୁ ପ୍ରାପ୍ତ ହୋଇପାରିବେ ?

ଉତ୍ତର : ସେମାନେ ବି ଅତିମାନସ ସିଦ୍ଧିକୁ ପ୍ରାପ୍ତ ହୋଇପାରିବେ ଯଦି ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର କରିବାକୁ ଏବଂ ଏହି ରୂପାନ୍ତରିତ ଶରୀରରେ ସତ୍-ଚିତ୍-ଆନନ୍ଦ ପୂର୍ଣ୍ଣବ୍ରହ୍ମଙ୍କୁ ସଂପୂର୍ଣ୍ଣ ରୂପେ ପ୍ରକଟ କରିବାକୁ ସଂକଳ୍ପ କରିବେ; ନିଜ ଇଷ୍ଟଦେବ ଏବଂ ଅତିମାନସ ଶକ୍ତିରେ ପ୍ରଭେଦ ନ ରଖି ସେହି ଶକ୍ତିକୁ ସର୍ବସ୍ୱ ସମର୍ପଣ କରି ତାଙ୍କରି ଦ୍ୱାରା ପରିଚାଳିତ ହେବେ । ଅର୍ଥାତ୍ ନିଜ ନିଜ ଇଷ୍ଟଦେବୀ ଦୁର୍ଗା, ସୀତା, ରାଧା, ଲକ୍ଷ୍ମୀ, କାଳୀ ଏବଂ ଅତିମାନସ ଶକ୍ତିକୁ ଏକ ବୋଲି ମନେ କରିବେ । ଯେଉଁମାନଙ୍କର ଇଷ୍ଟଦେବୀ ସୀତା, ଲକ୍ଷ୍ମୀ କିଂବା ରାଧା ସେମାନେ ତାଙ୍କୁହିଁ ପୂର୍ଣ୍ଣ-ରୂପାନ୍ତରକାରିଣୀର ଅତିମାନସ ଶକ୍ତି ବୋଲି ମନେ କରିବେ, କାରଣ ଭଗବାନଙ୍କ ଆଦ୍ୟା ଶକ୍ତି ଏକ । ସେହି ଏକ ଶକ୍ତି ଭିନ୍ନ ଭିନ୍ନ ରୂପରେ ବିଭିନ୍ନ ସମୟରେ ବିଶେଷ କାର୍ଯ୍ୟ କରିବାକୁ ପ୍ରକଟିତ ହୁଅନ୍ତି । ଏପର୍ଯ୍ୟନ୍ତ ଏହି ପୃଥିବୀରେ ସଂପୂର୍ଣ୍ଣ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପ୍ରକଟିତ ହୋଇ ନ ଥିଲେ, ଏହାକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି ।

ପ୍ରଶ୍ନ : ଯେଉଁମାନେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗକୁ ସ୍ୱୀକାର ନ କରିବେ, ସେମାନଙ୍କୁ ଅତିମାନସ ଶକ୍ତି ଦ୍ୱାରା କ'ଣ କିଛି ଲାଭ ହେବ ନାହିଁ ?

ଉତ୍ତର : ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଉତାରି ଆଣିଅଛନ୍ତି ଏହି ଜଗତର ପ୍ରତ୍ୟେକ ପ୍ରାଣୀଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ । ଯେ ଯେଉଁ ଲକ୍ଷ୍ୟ ରଖି ସାଧନା କରନ୍ତୁ ନା କାହିଁକି, ସେମାନେ ନିଜ ନିଜ ସାଧନାରେ ପର୍ଯ୍ୟାପ୍ତ ସାହାଯ୍ୟ ପାଇବେ । ଯେଉଁମାନେ ଅଧ୍ୟାତ୍ମ-ସାଧକ ନୁହନ୍ତି, ସେମାନେ ଯେଉଁ ସ୍ତରରେ ଅଛନ୍ତି ସେମାନଙ୍କ ନିଜ ସ୍ଥିତି ଅନୁସାରେ ସେମାନଙ୍କୁ ବି ଲାଭ ହେବ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ଦ୍ୱୈତବାଦୀ ଭକ୍ତ-ଯୋଗୀ ସାଧକମାନଙ୍କ ସକାଶେ ବିଶେଷ ଅନୁକୂଳ

କିନ୍ତୁ ଅଦ୍ୱୈତବାଦୀ ସାଧକମାନଙ୍କର ସାଧନାରେ ଏକେବାରେ ପ୍ରତିକୂଳ ବୋଲି ପ୍ରତୀତ ହୁଏ । ସେମାନେ ଯଦି ପୂର୍ଣ୍ଣତା ପ୍ରାପ୍ତି କରିବା ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରନ୍ତି, ତେବେ ସେମାନଙ୍କ ସାଧନାରେ ବିରୋଧ ହୋଇପାରେ କି ?

ଉତ୍ତର : ଲକ୍ଷ୍ୟ ଅନୁସାରେ ସାଧନା ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ-ଲକ୍ଷ୍ୟରେ ଅନ୍ତର୍ଗତ ସମସ୍ତ ଯୋଗର ଲକ୍ଷ୍ୟ; ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ପ୍ରାପ୍ତି ପୂର୍ବରୁ ଅନ୍ୟ ସମସ୍ତ ଯୋଗର ଲକ୍ଷ୍ୟ ସିଦ୍ଧି ହୁଏ । ସେନେଇ କୌଣସି ଯୋଗର ଲକ୍ଷ୍ୟ ଏବଂ ସାଧନା ଶ୍ରୀଅରବିନ୍ଦଙ୍କ ଯୋଗର ବିରୋଧୀ ହୋଇପାରେ ନାହିଁ । କେବଳ ପୂର୍ଣ୍ଣରୂପାନ୍ତର ଏବଂ ପରମବ୍ରହ୍ମ ପୁରୁଷୋତ୍ତମଙ୍କୁ ମନ, ପ୍ରାଣ, ଶରୀରରେ ପୂର୍ଣ୍ଣ ଉପଲବ୍ଧି କରିବା – ଏହି ଲକ୍ଷ୍ୟକୁ ଗ୍ରହଣ କଲେ ସାଧକ ଯେକୌଣସି ସାଧନକୁ ଅବଲମ୍ବନ କରି ଅଗ୍ରସର ହୋଇପାରେ ।

ଅଦ୍ୱୈତବାଦୀ ସାଧକମାନଙ୍କର ''ସମସ୍ତ ଦୃଶ୍ୟମାନ ବସ୍ତୁ ମାୟା, ମିଥ୍ୟା'' – ଏହି ବିଚାରର ଅର୍ଥ, ଏସମସ୍ତ ତ୍ୟାଗ । ଆଉ ''ନିରାକାର ନିର୍ବିଶେଷ ସତ୍ତା ଏକମାତ୍ର ସତ୍ୟ, ଅପୃଥକ୍'' – ଏହି ବିଚାରକୁ ଅଭିବ୍ୟକ୍ତ କରିବାର ଅର୍ଥ ସିଦ୍ଧି । ଏହାକୁ ପ୍ରାପ୍ତ କରିବାର ବିଚାରହିଁ ''ଅଭୀପ୍ସା'' । ''ଅଭୀପ୍ସା''ର ଅର୍ଥ ପ୍ରାପ୍ତ କରିବା ବସ୍ତୁ ସକାଶେ ଇଚ୍ଛା ରଖିବା, ପ୍ରଯତ୍ନ କରିବା । ଏଠାରେ ଏହି ସନ୍ଦେହ ହେବ – ''ଅଭୀପ୍ସା ଆଉ ତ୍ୟାଗ ଦ୍ୱୈତ ଅବସ୍ଥାରେ ହୁଏ । ଏଠାରେ ଏକତ୍ୱ ସିଦ୍ଧି, ଫେର୍ ଅଭୀପ୍ସା ଆଉ ତ୍ୟାଗ କିପରି ହେବ ?'' ବିଚାର ବି ଦ୍ୱୈତ ଅବସ୍ଥାରେ ହୁଏ, ଅଦ୍ୱୈତ ଅବସ୍ଥାରେ କୌଣସି ବିଚାର ହୁଏ ନାହିଁ । ସାଧନା ଆରମ୍ଭରୁ ଏକତ୍ୱ ନ ଥାଏ, ଥାଏ ଦ୍ୱୈତ । ଏହି ଦ୍ୱୈତତାକୁ ଏକତ୍ୱରେ ପରିଣତ କରିବା ସକାଶେ ସାଧନା ହୁଏ । ଦ୍ୱୈତ ଅବସ୍ଥାର ସାଧନାରେ ଅଭୀପ୍ସା, ତ୍ୟାଗ ଥାଏ । ଯେତେବେଳେ ସିଦ୍ଧି ପ୍ରାପ୍ତ ହୁଏ ସେତେବେଳେ ସାଧକ, ସାଧ୍ୟ, ସାଧନା ସବୁ ଏକ ହୋଇଯାଏ ।

ଯଦି ଅଦ୍ୱୈତ ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରେ ତେବେ ତାକୁ ହଠାତ୍ ନିଜ ସାଧନା ତ୍ୟାଗ କରି ନୂତନ କିଛି ଗ୍ରହଣ କରିବାକୁ ହୁଏ ନାହିଁ । କେବଳ ଲକ୍ଷ୍ୟ ଗ୍ରହଣ କଲେ ନିଜ ପୁରାତନ ସାଧନାରେ ସ୍ୱାଭାବିକ ରୂପେ ଆଉ କିଛି କ୍ରିୟା ପ୍ରବେଶ କରେ ଏବଂ ସାଧନାକୁ ଲକ୍ଷ୍ୟ ଅନୁରୂପ ତିଆରି କରିନିଏ । ପୁରାତନ ସାଧନାକୁ ପରିତ୍ୟାଗ କରି ଏକେବାରେ ନୂତନ କିଛି ସାଧନା ଗ୍ରହଣ କଲେ ସାଧକର ସାଧନାରେ ବାଧା ପଡ଼େ ଏବଂ ତାହାର ସ୍ୱଭାବ ପ୍ରତିକୂଳରେ ଚାଲିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏପରି ହୁଏ ନାହିଁ ।

ଅଦ୍ୱୈତବାଦୀଙ୍କ ସାଧନା ଶ୍ରୀଅରବିନ୍ଦଙ୍କ ଯୋଗସାଧନାର ଅଭୀପ୍ସା ଓ ତ୍ୟାଗ ସହିତ ସାମଞ୍ଜସ୍ୟ ରଖେ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ପୂର୍ଣ୍ଣସିଦ୍ଧି ମଧ୍ୟରେ ଅଦ୍ୱୈତ-ସିଦ୍ଧି ମଧ୍ୟ ପ୍ରାପ୍ତ ହୁଏ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଅଦ୍ୱୈତ ସାଧକର ସାଧନାରେ କୌଣସି ବାଧା ପଡ଼େ ନାହିଁ ।

ଏହା ବି ହୋଇପାରେ ଯେ ଅଦ୍ୱୈତବାଦୀ ସାଧକଙ୍କର ଯଦି ପୂର୍ଣ୍ଣଲକ୍ଷ୍ୟ ଦୃଢ଼ଥାଏ, ତେବେ ପୂର୍ଣ୍ଣଲକ୍ଷ୍ୟ – ଅଦ୍ୱୈତ-ସିଦ୍ଧି ପ୍ରାପ୍ତି ପରେ ସେ ସେଠାରେ ରୋକି ନ ଯାଇ ପୂର୍ଣ୍ଣ ରୂପାନ୍ତର ସିଦ୍ଧି ଦିଗରେ ଅଗ୍ରସର ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ଲକ୍ଷ୍ୟ ଏବଂ ସାଧନାରେ ବିରୋଧ ନ ଥିବାରୁ ସମସ୍ତ ପୁରାତନ ଯୋଗର ସାଧକମାନଙ୍କ ମଧ୍ୟରୁ ବହୁତ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ଏକତ୍ରିତ ହୋଇ ସାଧନା କରୁଅଛନ୍ତି । ଏହା ଶାସ୍ତ୍ରସମ୍ମତ, ଏଥିରେ ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ଯୋଗରେ କ'ଣ ସତ୍ୟତା ଅଛି ?

ଉତ୍ତର : ଯେଉଁମାନେ ସାଧନା କରୁଅଛନ୍ତି, ଆନ୍ତର ଅନୁଭୂତିରେ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ରୂପାନ୍ତର ଉପଲବ୍ଧି କରୁଅଛନ୍ତି, ସେମାନଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସତ୍ୟ ବୋଲି ପ୍ରତୀତ ହେଉଅଛି । ଯେଉଁମାନେ ସାଧନା ନ କରି କେବଳ ଶବ୍ଦରେ ଆଲୋଚନା କରୁଅଛନ୍ତି ସେମାନଙ୍କ ସକାଶେ କଳ୍ପନା ଆଉ ସତ୍ୟତା ଉଭୟହିଁ ସମାନ । କାରଣ ସେମାନେ ମନ ଦ୍ୱାରା ଅନୁମାନ କରି କୌଣସି ବସ୍ତୁକୁ କଳ୍ପନା-ପ୍ରସୂତ ବା ସତ୍ୟ-ପ୍ରସୂତ ବୋଲି କହିଥା'ନ୍ତି । ସେମାନଙ୍କର ଏଭଳି କହିବାର କିଛିହିଁ ମୂଲ୍ୟ ନାହିଁ ।

ସଂସାରରେ ଯାହାକିଛି ନୂତନ ଘଟେ ପ୍ରଥମରେ ତାହା କଳ୍ପନା ଆକାରରେ ଥାଏ । ପରେ ସେହି କଳ୍ପନା

ସତ୍ୟତାରେ ପରିଣତ ହୁଏ । ଜଡ଼ବିଜ୍ଞାନ ଯେଉଁସବୁ ଆଶ୍ଚର୍ଯ୍ୟଜନକ ବସ୍ତୁ ଏବଂ ଯନ୍ତ୍ର ଆବିଷ୍କାର କରିଅଛି ତାହା କ'ଣ ଆବିଷ୍କାର ହେବା ପୂର୍ବରୁ କଳ୍ପନା ଆକାରରେ ନ ଥିଲା ? ସେସବୁକୁ ଅସତ୍ୟ ବୋଲି ଲୋକେ କ'ଣ ଉଡ଼ାଇ ଦେଉ ନ ଥିଲେ ? କିନ୍ତୁ ଯେତେବେଳେ ତାହାର ସ୍ଥୂଳରୂପ ଦୃଷ୍ଟିଗୋଚର ହେଲା ସେତେବେଳେ ତାହାର ସତ୍ୟତାକୁ ସମସ୍ତେ ସ୍ୱୀକାର କରି ନେଲେ । ସୁତରାଂ ଆବିଷ୍କାର କରିବାର ପ୍ରାରମ୍ଭିକ ପ୍ରଯତ୍ନ କରିବା ସମୟରେ କେବଳ କେତେକ ବିଶେଷଜ୍ଞ ବିଜ୍ଞାନବେତ୍ତା ତାହାକୁ ବିଶ୍ୱାସ କରୁଥିଲେ । ସେହିପରି ଏହି ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ସଂଘଟିତ ହେବା ଶ୍ରୀଅରବିନ୍ଦ ଓ ଶ୍ରୀମାତାଜି ଦିବ୍ୟ ଅମୋଘ ଯୋଗଦୃଷ୍ଟିରେ ଦେଖିଲେ, ପ୍ରାପ୍ତ କଲେ ଏବଂ ସେହି ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଲେ । ସେହି ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଏହି ଜଗତରେ ହେଉଅଛି । ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ସେମାନେ ଏହାର ଯନ୍ତ୍ର ହୋଇ ଏହି ରୂପାନ୍ତର ସାଧନାର ଅନୁସରଣ କରୁଅଛନ୍ତି । ବର୍ତ୍ତମାନ ସେହି ରୂପାନ୍ତର କାର୍ଯ୍ୟ ହେଉଛି ସ୍ଥୂଳ ଦୃଷ୍ଟି ଓ ମନର ଅନ୍ତରାଳରେ । ଯେତେବେଳେ ରୂପାନ୍ତର କାର୍ଯ୍ୟ ସ୍ଥୂଳ ଜଡ଼ ଶରୀରରେ ହେବ ସେତେବେଳେ ଏହି ସ୍ଥୂଳ ଦୃଷ୍ଟିରେ ସାଧାରଣ ମନୁଷ୍ୟ ମଧ୍ୟ ତାହା ଦେଖିପାରିବେ । ଏପର୍ଯ୍ୟନ୍ତ ପୁରାତନ ସମସ୍ତ ଯୌଗିକ କ୍ରିୟା ଏବଂ ତାହାର ସିଦ୍ଧି ଥିଲା ସୂକ୍ଷ୍ମ ଏବଂ ଆନ୍ତରିକ । ଆଧ୍ୟାତ୍ମିକ ସାଧକମାନେ ସାଧାରଣ ମନୁଷ୍ୟ ପରି ଭୋଜନ କରନ୍ତି, ଶୟନ କରନ୍ତି, କଥା କହନ୍ତି, ଚାଲନ୍ତି, ବୁଲନ୍ତି । କିନ୍ତୁ ତାଙ୍କର ଆନ୍ତର ସାଧନା ଏବଂ ଲକ୍ଷ୍ୟପ୍ରାପ୍ତି ଓ ସିଦ୍ଧି ଥାଏ ଏମାନଙ୍କଠାରୁ ଏକେବାରେ ପୃଥକ୍, ଏପରିକି ବିପରୀତ । କିନ୍ତୁ ତାଙ୍କର ଆନ୍ତର ସାଧନା ଏବଂ ଆନ୍ତର ସିଦ୍ଧି କାହାରି ସ୍ଥୂଳରୂପେ ଦୃଷ୍ଟିଗୋଚର ହୁଏ ନାହିଁ, ତଥାପି ସେହି ଆନ୍ତର ସାଧନାର ପ୍ରଭାବ କେତେକ ବ୍ୟକ୍ତିଙ୍କ ଉପରେ ପଡ଼େ । ସେମାନେ ବିଶ୍ୱାସ କରନ୍ତି ଓ ସେଥିରୁ ଲାଭ ପ୍ରାପ୍ତି କରନ୍ତି । ଏପରିକି ସେମାନଙ୍କ ମାର୍ଗକୁ ଅନୁସରଣ କରି ସେମାନେ ଯେଉଁ ଆନନ୍ଦ, ଶାନ୍ତି, ସମତା, ଜ୍ଞାନ, ଭକ୍ତି, ମୁକ୍ତି ଲାଭ କରିଥା'ନ୍ତି ଏମାନେ ବି ତାହା ଲାଭ କରନ୍ତି । ଅନ୍ୟମାନେ ସେଥିରେ ବିଶ୍ୱାସ କରନ୍ତି ନାହିଁ କିଂବା ତହିଁରୁ କିଛି ଲାଭ ପ୍ରାପ୍ତି କରନ୍ତି ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଏପରି ହେବ ନାହିଁ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ପୁରାତନ ଯୋଗ ତୁଲ୍ୟ କେବଳ ଆନ୍ତର ଅନୁଭୂତି ପ୍ରାପ୍ତ କରି ସ୍ଥୂଳ ଦୃଷ୍ଟିର ପରଦା ପଶ୍ଚାତ୍‌ରେ ରହିବ ନାହିଁ । ତାହା ସ୍ଥୂଳ ଜଡ଼ ଶରୀରକୁ ଦିବ୍ୟ ଭାଗବତ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରି, ସେହି ରୂପାନ୍ତରିତ ଜଡ଼ ଶରୀରରେ ପରମବ୍ରହ୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱକୁ ପ୍ରଘଟ କରିବ । ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବେ ଏବଂ ବିଶ୍ୱାସ କରିବାକୁ ବାଧ୍ୟ ହେବେ । ଯେପର୍ଯ୍ୟନ୍ତ ସ୍ଥୂଳ ଶରୀର ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ ତାହାର ସତ୍ୟତା ଜାଣିବା ନିମିତ୍ତ ପ୍ରତୀକ୍ଷା କରିବାକୁ ପଡ଼ିବ । ଏହି ଅତିମାନସ ଅବତରଣ ଏବଂ ତାହାର କ୍ରିୟାର ପରିଣାମ ସମ୍ବନ୍ଧେ ଶ୍ରୀମା ସ୍ୱୟଂ କହୁଅଛନ୍ତି –

''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ, ଏହା ଗୋଟିଏ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଆଜି ଏଠାରେ ଏହା କାର୍ଯ୍ୟ କରୁଅଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ ଏବଂ ଅତି ମୂର୍ଖ ମଧ୍ୟ ଏହାକୁ ସ୍ୱୀକାର କରିନେବାକୁ ବାଧ୍ୟ ହେବେ ।''(୨୪-୪-୧୯୫୬)

''ଆଜି ସଂଧ୍ୟାରେ ଭଗବାନଙ୍କ ସାନ୍ନିଧ୍ୟ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖାଦେଇଅଛି । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଅଛି, ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣିପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାର ଯୁଗପତ୍ କ୍ରିୟା – 'ସମୟ ଆସିଛି ଏଥର' – ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସଂପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେତିକିବେଳୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା । (୧୯୫୬ ସାଲ, ୨୯ ଫେବ୍ରୁଆରି, ବୁଧବାର ସମବେତ ଧ୍ୟାନରେ) ।''

## (୬)

## ତ୍ରିବିଧ-କର୍ମ

ପ୍ରଶ୍ନ : ତ୍ରିବିଧ-କର୍ମର ସ୍ୱରୂପ କ'ଣ ?

ଉତ୍ତର : ଭଗବତ୍ ଅର୍ପଣ ବିନା ଶୁଭ କର୍ମର ଫଳ ସୁଖ ଓ ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବା ସକାଶେ ମନୁଷ୍ୟକୁ ବାରଂବାର ଘୋର ଦୁଃଖରୂପ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରିବାକୁ ପଡ଼େ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ଅର୍ପିତ ଭାବରେ ସମ୍ପାଦିତ ହେଲେ କର୍ତ୍ତାକୁ ତାହାର ଫଳ ଭୋଗ କରିବାକୁ ପଡ଼େ ନାହିଁ କିନ୍ତୁ ସେଥିରେ କର୍ମର କର୍ତ୍ତା ବିଦ୍ୟମାନ ରହେ । ସେହି କର୍ମ ଭାଗବତୀ ଶକ୍ତିର ପ୍ରେରଣାରେ ହେଲେ ତାହା ଭାଗବତ କର୍ମ ହୁଏ । କର୍ମର କର୍ତ୍ତା ବ୍ୟକ୍ତି ନ ଥିବାରୁ ତାହାର ଫଳାଫଳ ବ୍ୟକ୍ତିଠାରେ ଉତ୍ପନ୍ନ ହୁଏ ନାହିଁ ।

ଏହି ପୃଥିବୀ କର୍ମକ୍ଷେତ୍ର । କର୍ମ ଦ୍ୱାରାହିଁ ମନୁଷ୍ୟ ନିଜକୁ ଦେବତ୍ୱରେ ଓ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବାକୁ ଜନ୍ମଗ୍ରହଣ କରିଛି । ଅଗ୍ନିରୁ ଦାହିକା ଶକ୍ତି ଯେପରି ଅଭିନ୍ନ, ସେହିପରି ମନୁଷ୍ୟ ଶରୀର ଆଉ କର୍ମ ପରସ୍ପର ଓତପ୍ରୋତ । ଯଦି କୌଣସି ପ୍ରକାରେ ମନୁଷ୍ୟ ମଧ୍ୟରୁ କର୍ମକୁ ପୃଥକ୍ କରି ଦିଆଯାଏ ତେବେ ମନୁଷ୍ୟର ପୂର୍ଣ୍ଣତ୍ୱ ରହେ ନାହିଁ । ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ସେ ହୁଏ ଗୋଟିଏ ଅଙ୍ଗହୀନ ଖଣ୍ଡିତ ପ୍ରତିମା ।

''ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥'' (ଗୀତା)

ମନୁଷ୍ୟର ବ୍ୟକ୍ତିତ୍ୱ ଅହଂ ଦ୍ୱାରା ନିର୍ମିତ ହୋଇଥିବାରୁ ତା' ମଧ୍ୟରେ କର୍ମ-ପ୍ରେରଣା ସ୍ୱାଭାବିକ । କର୍ମର ସାର୍ଥକତା ବି ଅଛି । ଭଗବାନ୍ ସ୍ୱୟଂ ନିଜ ସଂକଳ୍ପରେ (ଏକୋଽହଂ ବହୁ ସ୍ୟାମ୍) ଜଗତ ଆଉ ଜୀବରୂପେ ପ୍ରକଟ ହୋଇଅଛନ୍ତି । ଏହି ସକାଶେ ଜୀବ ପକ୍ଷରେ କର୍ମ ଅନିବାର୍ଯ୍ୟ । କିନ୍ତୁ ଜୀବ ମୋହଗ୍ରସ୍ତ ହୋଇ ମନ-ପ୍ରାଣ-ଅହଂଯୁକ୍ତ ଶରୀରକୁ ନିଜର ମାନିନେଇ, ଏହି ଜଗତକୁ ଦିବ୍ୟ-ଲୋକରେ ତଥା ଏହି ଶରୀରକୁ ଦେବତ୍ୱରେ ପରିଣତ କରିବା କର୍ମରୂପ ଉଦ୍ଦେଶ୍ୟ ବି ଭୁଲି ଯାଇଛି ।

କର୍ମରୁ ସ୍ୱରୂପତଃ ନିବୃତ୍ତ ହେବାର କୌଣସି ଉପାୟ ନାହିଁ । ମନୁଷ୍ୟ କର୍ମରୁ ନିବୃତ୍ତ ହେବା ଉଦ୍ଦେଶ୍ୟରେ ବସି ରହିଲେ ତାହାର ସ୍ଥୂଳ-ଇନ୍ଦ୍ରିୟ ନେତ୍ର, ଶ୍ରବଣ, ହସ୍ତାଦିରେ ଦେଖିବା, ଶୁଣିବା, ପରିଚାଳିତ ହେବା ଏବଂ ସୂକ୍ଷ୍ମ ଇନ୍ଦ୍ରିୟ ମନ-ଚିତ୍ତ-ଅହଂ ଆଦିରେ ବିଚାର, ଭାବ ଇତ୍ୟାଦି ସୂକ୍ଷ୍ମକ୍ରିୟା ବରାବର ହେଉଥାଏ । ଏପରିକି ନିଦ୍ରାବସ୍ଥାରେ ମନୁଷ୍ୟ ଶ୍ୱାସ-ପ୍ରଶ୍ୱାସ, ହୃଦୟ-ଗତି, ପ୍ରାଣ-ଲୋକରେ ସ୍ୱପ୍ନ ଦେଖିବା— ଏହିସବୁ କ୍ରିୟା ବନ୍ଦ ହୁଏ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଶ୍ୱାସ ଚାଲୁଛି, ଆତ୍ମା ଶରୀରକୁ ପରିତ୍ୟାଗ ନ କରିଛି ଅର୍ଥାତ୍ ମୃତ୍ୟୁ ନ ହୋଇଛି, ସେପର୍ଯ୍ୟନ୍ତ ମନୁଷ୍ୟ ବିବଶ ହୋଇ କର୍ମ କରିବାକୁ ବାଧ୍ୟ ହୁଏ । ମନୁଷ୍ୟ ଏକକ୍ଷଣ କର୍ମ ଛଡ଼ା ରହିପାରେ ନାହିଁ । ଅତଏବ ''ଜୀବନହିଁ କର୍ମ'' କହିବା ଅତ୍ୟୁକ୍ତି ନୁହେଁ । ଯଦି କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ, ତେବେ କ'ଣ ମନୁଷ୍ୟର ଉଦ୍ଧାର ନାହିଁ ?

ମନୁଷ୍ୟର ଉଦ୍ଧାର ଅଛି ସେହି କର୍ମ ଦ୍ୱାରା । ଯେଉଁ କର୍ମ ବାନ୍ଧେ, ସେହି କର୍ମ କୌଶଳରେ ସମ୍ପାଦିତ ହେଲେ ମନୁଷ୍ୟକୁ ମୁକ୍ତି-ମାର୍ଗରେ ନେଇଯାଏ, ଭଗବତ୍ ପ୍ରାପ୍ତି କରାଏ ଏବଂ ଭଗବାନଙ୍କ ସଙ୍ଗେ ସମସ୍ତ ସତ୍ତାରେ ଏକ ହୋଇ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଇପାରେ । କର୍ମରେ ଗୋଟିଏ ଦୋଷ ଅଛି, ସେ ସ୍ୱାବଲମ୍ବୀ ନୁହେଁ, ମନୁଷ୍ୟର ମନୋଭାବ ଉପରେ ନିର୍ଭର କରେ ।

## କର୍ମରେ ଭ୍ରମ ଧାରଣା

ସାଧାରଣତଃ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ମନୁଷ୍ୟ ନିଜର ସ୍ୱାର୍ଥ-ସିଦ୍ଧି, କୁଟମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ଉଦାର-ହୃଦୟ ବ୍ୟକ୍ତି ଦେଶସେବା, ପ୍ରାଣୀମାତ୍ରର ସେବା, ସଦାଚାର ଆଦି ଶୁଭକର୍ମ କରେ । ବହୁତ ବ୍ୟକ୍ତି ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର୍, ମାଷ୍ଟର୍, ପ୍ରଫେସର୍, ଡକ୍ଟର୍, ଦେଶ-ସେବକ, ଦେଶନେତା ଏବଂ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମ୍ଭମାନଙ୍କ କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ, ସେଥିରେ ଆମ୍ଭର କୌଣସି ସ୍ୱାର୍ଥ ନାହିଁ । ସ୍ୱାର୍ଥ ଛଡ଼ା କର୍ମ ନିଷ୍କାମ । ଆମ୍ଭେ ଯେ ବେତନ ପାଉ ତାହା ଉଦରପୋଷଣ ସକାଶେ, ଉଦରପୋଷଣ ପ୍ରତ୍ୟେକ ବ୍ୟକ୍ତିକୁ କରିବାକୁ ହୁଏ । ଏଥିରୁ ବଡ଼ ବଡ଼ ସନ୍ଥ ମହାତ୍ମା ମଧ ବାଦ୍ ଯା'ନ୍ତି ନାହିଁ । ସେଥିପାଇଁ ଆମ୍ଭମାନଙ୍କ ବେତନ ନିଷ୍କାମତାର ବାଧକ ନୁହେଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନଙ୍କ ବିଚାରରେ ତାଙ୍କ କାର୍ଯ୍ୟ ବିବାଦ-ଶୂନ୍ୟ ନିଷ୍କାମ । କାରଣ ସେମାନଙ୍କ କର୍ମରେ ସ୍ୱାର୍ଥପରତାର ଏକେବାରେ ଅଭାବ । ନିଷ୍କାମ କର୍ମ ବେତନ ଅଥବା ବିନା ବେତନ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ଭାବ ଓ କର୍ମ-ପ୍ରେରଣା ଉପରେ । ଝାଡୁ ଲଗାଇବା, ରୋଷେଇ କରିବା, ନିଜେ ପିଲାଙ୍କୁ ପାଳନ ପୋଷଣ କରିବା, ଚାଷ, ବ୍ୟାପାର, ଚାକିରି ଇତ୍ୟାଦି କର୍ମ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ଭଗବାନଙ୍କୁ ଅର୍ପଣ କରାହୁଏ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ସମ୍ପାଦନ କରାହୁଏ, ତେବେ ସେହି ସାଧାରଣ କର୍ମ ନିଷ୍କାମ ହୁଏ, ଭଗବତ୍ ପ୍ରାପ୍ତି କରାଏ, ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଏ, ଭଗବାନଙ୍କ ଯନ୍ତ୍ର ହୁଏ । ଭଗବତ୍ ଅର୍ପଣ ନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ନ ହୋଇ ଯେଉଁ ଦେଶସେବା, ମନୁଷ୍ୟଜାତିର ସେବା, ଯଜ୍ଞ, ତପଃ, ଧ୍ୟାନ, ଜପାଦି ଉତ୍କୃଷ୍ଟ କର୍ମ କରାହୁଏ, ତାହା ସକାମ କର୍ମ ହୁଏ, ତାହାର ଫଳ ଭୋଗ କରିବା ସକାଶେ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ିବାକୁ ହୁଏ ।

## କର୍ମର କୌଶଳ

ରାଜା ଅମ୍ବରୀଶ ଝାଡୁ ଲଗାଇବା, ଚୌକା ଲଗାଇବା ଇତ୍ୟାଦି ସାଧାରଣ କର୍ମ କରି ଭଗବତ୍ ଅର୍ପଣ କରିବାରୁ ସେ ଭଗବତ୍ ପ୍ରାପ୍ତି କଲେ । ଅର୍ଜୁନ, ହନୁମାନ୍, ଭାଗବତୀ-ଶକ୍ତି ଦ୍ୱାରା ଚାଳିତ ହୋଇ ଯୁଦ୍ଧରେ ଜୀବହତ୍ୟା, ଲଙ୍କା-ଦହନରେ ନୃଶଂସ ତୁଲ୍ୟ ପ୍ରାଣୀ ବିନାଶ କରି ଭଗବାନଙ୍କ ଯନ୍ତ୍ର ହେଲେ । ତ୍ରିଶଙ୍କୁ ଯଜ୍ଞ ଦାନ କରି ଅର୍ଦ୍ଧସ୍ୱର୍ଗରେ ଟାଙ୍ଗି ହୋଇ ରହିଲେ ।

ପୂର୍ବେ କୁହାଯାଇଛି କର୍ମ ସ୍ୱାବଲମ୍ବୀ ନୁହେଁ, ଭାବ ଏବଂ ପ୍ରେରଣା ଉପରେ ନିର୍ଭର କରେ । ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ମାଣ ହୋଇଛି ଅହଂ-ଭାବରେ । ମନୁଷ୍ୟର ଅହଂ-ଭାବ, 'ମୁଁ', 'ମୋର' – ଏହି ଭାବହିଁ ହେଲା ବ୍ୟକ୍ତିତ୍ୱ । କର୍ମର ପ୍ରେରଣା ମିଳେ ଅହଂବୋଧରୁ । ଅର୍ଥାତ୍ କର୍ମ କରିବା ବ୍ୟକ୍ତିର କର୍ମ ମୂଳରେ ଥାଏ ଅହଂବୋଧ ବା ''ମୁଁ କର୍ମ କରୁଅଛି'' ଭାବ । ସାଧାରଣ ମନୁଷ୍ୟ ଏହି ଅହଂବୋଧ ତ୍ୟାଗ କଲେ ସେ ତାମସିକତାରେ ବୁଡ଼ି ଯିବ, ତାହାଦ୍ୱାରା କୌଣସି କର୍ମ ହେବ ନାହିଁ । ଯେପର୍ଯ୍ୟନ୍ତ ଅହଂବୋଧ ବିଦ୍ୟମାନ, ସେପର୍ଯ୍ୟନ୍ତ ଯେକୌଣସି ଉତ୍କୃଷ୍ଟ କାର୍ଯ୍ୟ କଦାପି ନିଷ୍କାମ ହୋଇପାରିବ ନାହିଁ ।

## ଜ୍ଞାନ-କର୍ମ

କେତେକ ଜ୍ଞାନିଜନ ''ଅହଂବୋଧ-କର୍ମ'' ବନ୍ଧନର ମୂଳ କାରଣ ଜାଣି ମନ-ପ୍ରାଣ-ଶରୀରରୁ ଅହଂର ସମ୍ବନ୍ଧ ବିଚ୍ଛେଦ କରି ଚେତନାକୁ ବ୍ରହ୍ମ ସଙ୍ଗେ ଏକତ୍ୱ କରିଦେଲେ । ଶରୀରରେ ରହି ଶରୀରକୁ ମାୟା ବୋଲି ଜ୍ଞାନ କରି ବ୍ରହ୍ମରେ

ସ୍ଥିତ ହେଲେ । ସେମାନଙ୍କୁ କର୍ମର ଆବଶ୍ୟକତା ରହିଲା କେବଳ ଶରୀରଧାରଣାର୍ଥେ । ସେହି କର୍ମ ତାଙ୍କୁ ସ୍ପର୍ଶ କରିପାରିଲା ନାହିଁ । କାରଣ କର୍ମ ହେଲା ଶରୀରରେ, ସେମାନେ ଶରୀରରୁ ପୃଥକ୍ ହୋଇଗଲେ । ଏହି ଜ୍ଞାନୀ ପୁରୁଷମାନେ ମୁକ୍ତିକୁ ପ୍ରାପ୍ତ ହେଲେ । ପୃଥିବୀକୁ ଆସି ପୃଥିବୀରେ ଭାଗବତ ଜୀବନ ସ୍ଥାପନ ଏବଂ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ କରିବା ନିମିତ୍ତ ଭଗବାନଙ୍କର ଯେଉଁ ସଂକଳ୍ପ ଥିଲା, ତାହା ଏମାନଙ୍କ ଦ୍ୱାରା ପୂର୍ଣ୍ଣ ହେଲା ନାହିଁ । ଏମାନଙ୍କ ଦ୍ୱାରା ବିଶେଷ ଲାଭ ହେବା ପରିବର୍ତ୍ତେ ସଂସାରରେ ଗୋଟାଏ ନିଷ୍କ୍ରିୟ ଭାବ ଉତ୍ପନ୍ନ ହେଲା । ଏମାନେ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରାପ୍ତ କଲେ ନାହିଁ, ସେସବୁକୁ ତ୍ୟାଗ କଲେ । ସେଥିପାଇଁ ଏମାନଙ୍କ ଜୀବନ ଏବଂ ଭଗବତ୍ ପ୍ରାପ୍ତି ହେଲା ଅପୂର୍ଣ୍ଣ ।

## କର୍ମରେ ପ୍ରବଞ୍ଚନା

କେତେକ ବ୍ୟକ୍ତି ଅହଂ-ପ୍ରେରଣାରେ କୌଣସି ଶୁଭ କର୍ମ କରି ଭାବନ୍ତି, ''ଆମ୍ଭେ ଆମ୍ଭ କର୍ମ ଭଗବାନଙ୍କୁ ଅର୍ପଣ କରୁଛୁ । କାରଣ ସଂସାର ଭଗବାନଙ୍କର, ଆମ୍ଭେ ଭଗବାନଙ୍କଠାରୁ ଆସିଛୁ, ଅତଏବ ଆମ୍ଭେ ମଧ୍ୟ ଭଗବାନଙ୍କର । ଆମ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ହେଉଛି ତାଙ୍କରି ଶକ୍ତିର ପ୍ରେରଣାରେ । ସେ ବିଶ୍ୱମୟ, ବିଶ୍ୱରୂପ । ତାଙ୍କ ଛଡ଼ା କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହିଁ କର୍ମ, ସେହିଁ କର୍ତ୍ତା, ସେହିଁ ଭୋକ୍ତା, ସେ ବିଶ୍ୱରେ ଓତପ୍ରୋତ । ସୁତରାଂ ଆମ୍ଭେ ଯଦି ଭଗବାନଙ୍କଠାରୁ ପୃଥକ୍ ନୋହୁଁ, ଆମ୍ଭର କର୍ମ ଆଉ ତା'ର ଫଳ ଉତ୍ପନ୍ନ ହେବ କିପରି ଆଉ ତାକୁ ଭୋଗ କରିବ କିଏ ?''

ଏପରି ଧାରଣା ଆତ୍ମ-ପ୍ରବଞ୍ଚନା, ନିଜକୁ ଠକିବା ଛଡ଼ା ଆଉ କିଛି ନୁହେଁ । କେବଳ ବାକ୍ୟରେ କହିଲେ ଚଳିବ ନାହିଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହାର ଲକ୍ଷ୍ୟସିଦ୍ଧି ହେବା ପୂର୍ବରୁ, ବହୁତ ଆରମ୍ଭରୁ ହେବ କେନ୍ଦ୍ରୀୟ ସଂକଳ୍ପ, ଏହି ଲକ୍ଷ୍ୟ ହେବ ଜୀବନର ପ୍ରଧାନ କାର୍ଯ୍ୟ । ଏହି ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କ୍ରମଶଃ ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ପ୍ରେମ, ଭକ୍ତି, ଜ୍ଞାନ, ସମର୍ପଣ ଭାବ ବୃଦ୍ଧି ହେଉଥିବ ଏବଂ ଏହାର ବିପରୀତ ଭାବ ହ୍ରାସ ହେଉଥିବ । ଏହାହିଁ ଆଧ୍ୟାତ୍ମିକ ସାଧନା । କିଛି ନ କରି କଥାରେ କହିଦେଲେ ହେବ ନାହିଁ । ଯେପରି ବ୍ୟକ୍ତି ରୋଷେଇ କରିବାର ବସ୍ତୁକୁ ଚୁଲା ଉପରେ ରଖି ଚୁଲାରେ କାଠ ରଖି ଅଗ୍ନି ସଂସ୍ପର୍ଶ ନ କରି ଭାବେ, ''କାଠ ଭିତରେ ଅଗ୍ନି ବିଦ୍ୟମାନ, କାଠରେ ଅଗ୍ନି ଲଗାଇବାର ଆବଶ୍ୟକତା କ'ଣ ? ଏହି ଭାବରେ ମନୁଷ୍ୟର ରୋଷେଇ ଯେପରି ବ୍ୟର୍ଥ ହୁଏ, ସେହପରି ବ୍ୟକ୍ତି 'ସମସ୍ତ କର୍ମ ଭଗବାନଙ୍କର' — ଏହା କେବଳ କଥାରେ କହି ନିଜକୁ ଠକେ ।

## ଭଗବତ୍ ଅର୍ପଣରୂପ ନିଷ୍କାମ କର୍ମ

ଭକ୍ତମାନେ ମନ-ପ୍ରାଣ-ଶରୀରକୁ ଜ୍ଞାନୀଙ୍କ ପରି ମାୟା କହି ଏକେବାରେ ଉଡ଼ାଇ ଦେଲେ ନାହିଁ । ସେମାନେ କର୍ମ-ବହୁଳତାରୁ ନିଜକୁ ଅପସାରିତ କରି ଯଥାର୍ଥଭାବେ ଭାଗବତାର୍ଥେ ଭଗବାନଙ୍କ ସେବା-ପୂଜା ସକାଶେ ଯେତିକି ଆବଶ୍ୟକ କର୍ମ ସେତିକି କଲେ । କର୍ମ ଭଗବତ୍ ଉଦ୍ଦେଶ୍ୟରେ ହେବାରୁ, ଭଗବାନଙ୍କୁ ଅର୍ପିତ ହେବାରୁ ସେଥିରେ ଫଳ ଉତ୍ପନ୍ନ ହେଲା ନାହିଁ, ସେମାନେ ମୃତ୍ୟୁ ପରେ ଭଗବାନଙ୍କୁ ଅନ୍ୟ ସ୍ତରରେ ଅନ୍ୟ ଲୋକରେ ପ୍ରାପ୍ତ କଲେ ।

ଏମାନଙ୍କର ଯଦ୍ୟପି କର୍ମ ବନ୍ଧନ ହେଲା ନାହିଁ ତଥାପି ଏମାନଙ୍କର କର୍ମ-ପ୍ରେରକ 'ଅହଂ' ଅର୍ଥାତ୍ କର୍ମ-ପ୍ରେରକ କର୍ତ୍ତା 'ମୁଁ' ବିଦ୍ୟମାନ ରହିଲା । ଏମାନଙ୍କ ଭଗବତ୍ ପ୍ରାପ୍ତି ଆଂଶିକ, ଜୀବନ ଅପୂର୍ଣ୍ଣ ହେଲା । ମନ-ପ୍ରାଣ-ଶରୀରରେ ଆତ୍ମା ନିବାସ କରୁଥିବାରୁ ଏସବୁ ଏକତ୍ର ହୋଇ ହେଲା ଶରୀର । ଏସବୁ ଆସିଛନ୍ତି ସେହି ଏକହିଁ ସଚ୍ଚିଦାନନ୍ଦରୁ । ମନ, ପ୍ରାଣ, ଶରୀର ତା'ର ମୂଳ ତତ୍ତ୍ୱରୁ ବିକୃତ ହୋଇଗଲା । ଆତ୍ମା ବିକୃତ ନ ହୋଇ ନିଜ ମୂଳତତ୍ତ୍ୱରେ ପ୍ରତିଷ୍ଠିତ ରହିଲା । ଯେ ଶୁଦ୍ଧ ଆତ୍ମା ସେ ତ' ନିଜର ଶୁଦ୍ଧ ତତ୍ତ୍ୱ ଭାଗବତ ତତ୍ତ୍ୱ ସଙ୍ଗରୁ କେବେ ବି ବିଚ୍ଛିନ୍ନ ନୁହେଁ । ସେହି ଶୁଦ୍ଧ ଆତ୍ମା

ଯଦି ଫେରିଯାଇ ଭଗବତ୍ ପ୍ରାପ୍ତି କଲା ତେବେ ବିକୃତ ମନ-ପ୍ରାଣ-ଶରୀର ସଙ୍ଗେ ଏହି ସଂସାରକୁ ଆସିବାର ସାର୍ଥକତା କ'ଣ ହେଲା ? ଯଦି ମନ-ପ୍ରାଣ-ଶରୀରକୁ ତ୍ୟାଗ କରିବା ଥିଲା ତେବେ ଏହାକୁ ଗ୍ରହଣ କରାହେଲା କାହିଁକି ? ଏହାର ସନ୍ତୋଷଜନକ ଉତ୍ତର କୌଣସି ପୁରାତନ ଯୋଗରେ ନାହିଁ ! ଏହି ଜୀବନ ସମସ୍ୟାର ସମାଧାନ ହୋଇଛି ଆଉ ମନ, ପ୍ରାଣ, ଶରୀରର ସାର୍ଥକତା ସିଦ୍ଧ ହୋଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ ଭାଗବତ କର୍ମ ଦ୍ୱାରା ।

## ଭାଗବତ କର୍ମ

ଜୀବନ-ସମସ୍ୟାର ସମାଧାନ ''ଏକୋଽହଂ ବହୁସ୍ୟାମ୍'' — ଉପନିଷଦର ଏହି ମନ୍ତ୍ରର ଯଥାର୍ଥ ଅର୍ଥ ପ୍ରକାଶିତ ହୁଏ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଭାଗବତ କର୍ମ ଦ୍ୱାରା । ଭଗବାନ୍ ଏକରୁ ବହୁ ହୋଇ ଏହି ଜଗତରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବା ସକାଶେ ସଂସାର କରିଛନ୍ତି । ପୁରାତନ ସମସ୍ତ ଯୋଗ ଅନୁସାରେ ମୁକ୍ତି ବା ଶରୀର ତ୍ୟାଗ ପରେ ଭଗବତ୍ ପ୍ରାପ୍ତି କରିବା ଭାଗବତ ପୂର୍ଣ୍ଣ ସଂକଳ୍ପ ନୁହେଁ, ଜୀବନର ପୂର୍ଣ୍ଣତା ମଧ୍ୟ ନୁହେଁ । ଏହା ଜୀବନ-ପୂର୍ଣ୍ଣତାର ଆପେକ୍ଷିକ ଅବସ୍ଥା ଅଥବା ମାର୍ଗର ଗୋଟିଏ ଗୋଟିଏ ବିଶ୍ରାମ ସ୍ଥାନ ।

ଯେପର୍ଯ୍ୟନ୍ତ ଅହଂ ବିଦ୍ୟମାନ ଥାଏ, ତାହା ଦ୍ୱାରା ସମ୍ପାଦିତ କର୍ମ ଭାଗବତ ଉଦ୍ଦେଶ୍ୟରେ ହେଲେ ତାହା ନିଷ୍କାମ କର୍ମ ହୁଏ । କିନ୍ତୁ ଅହଂ ସ୍ଥାନକୁ ଭାଗବତ ଶକ୍ତି ଅଧିକାର କରି ମନ-ପ୍ରାଣ-ଶରୀରକୁ ପରିଚାଳିତ କରିବାରେ ଯେଉଁ କର୍ମ ସମ୍ପାଦିତ ହୁଏ, ତାହା ହୁଏ ଭାଗବତ କର୍ମ । ମନୁଷ୍ୟ ହୁଏ ଭାଗବତୀ-ଶକ୍ତିର ଯନ୍ତ୍ର । ତା' ମଧ୍ୟରେ ଭାଗବତୀ ଶକ୍ତି କର୍ମ କରି ମନ-ପ୍ରାଣ-ଶରୀରକୁ ତାହାର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରନ୍ତି । ବ୍ୟକ୍ତିର ସମସ୍ତ ସତ୍ତା ଦିବ୍ୟତାରେ ରୂପାନ୍ତରିତ ହେବାରୁ ବ୍ୟକ୍ତି ଭଗବତ୍ ଧର୍ମ ଲାଭ କରେ । ଭଗବାନଙ୍କ ସଙ୍ଗେ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତ ହୁଏ । ତାହାର ସମସ୍ତ ସତ୍ତାରେ ଭଗବାନ୍ ପୂର୍ଣ୍ଣତଃ ନିରାବରଣ ରୂପେ ପ୍ରକଟ ହୁଅନ୍ତି । ଏହି ଅବସ୍ଥାରେ ମନୁଷ୍ୟ ରୋଗ, ଜରା, ମୃତ୍ୟୁକୁ ଅତିକ୍ରମ କରି ଦିବ୍ୟମାନବରେ ପରିଣତ ହୁଏ । ଜଗତ ହୁଏ ସ୍ୱର୍ଗ । ଏଥିରେହିଁ ମନୁଷ୍ୟ-ଜୀବନର ପୂର୍ଣ୍ଣତା । ଏହାହିଁ ଭଗବାନଙ୍କ ସଂକଳ୍ପ-ସିଦ୍ଧି । ଏହି ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଅଛି । ଏହି ପୂର୍ଣ୍ଣ ଜୀବନରେ ସାକାର, ନିରାକାର ଏକସଙ୍ଗେ ସତ୍-ଚିତ୍-ଆନନ୍ଦପୂର୍ଣ୍ଣ ବ୍ରହ୍ମଙ୍କ ଅଭିବ୍ୟକ୍ତି । ଏଥିରେହିଁ ସମସ୍ତ ପୁରାତନ ଯୋଗର ସମନ୍ୱୟ ।